READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୨୪ ୨୯ ଜୁନ୍ - ୦୫ ଜୁଲାଇ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-24 29th JUNE - 05th JULY, 2020 BHUBANESWAR ₹ 5/- (8 Pages)

# ଏଲ୍‌ଏସିରେ ଥମୁନି ଉତ୍ତେଜନା

**ନୂଆଦିଲ୍ଲୀ :** ଚୀନ୍ ସେନା ଲଦାଖରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟରେ ବାସ୍ତବ ସ୍ଥିତିକୁ ବଦଳାଇବା ପାଇଁ ଜୋରଦାର ଉଦ୍ୟମ କରୁଛି। ଯେଉଁଥିପାଇଁ ଚୀନ୍ ଏଠାରେ ସେନା ଠୁଳ କରିଚାଲିଥିଲା ବେଳେ ଭାରତ ମଧ୍ୟ ଏଥିପାଇଁ ନିଜର ସ୍ଥିତିକୁ ଅତ୍ୟନ୍ତ ସୁଦୃଢ଼ କରିଛି। ଏଠାରେ ଭାରତୀୟ ସୈନ୍ୟ ବଳ ଚୀନ୍ ତୁଳନାରେ ଦୁଇଗୁଣ ବୃଦ୍ଧି ପାଇଛି। ଏଲ୍‌ଏସିରେ

## ମୁକାବିଲା ପାଇଁ ସଜବାଜ ଭାରୀ ଯୁଦ୍ଧାସ୍ତ୍ର ମୁତୟନ



ଚୀନ୍ ଚଳାଇଥିବା ଯେକୌଣସି ପ୍ରକାର ପ୍ରୟାସକୁ ଭାରତୀୟ ସେନା ପଣ୍ଡ କରିଦେବାକୁ ପଣ କରିଛନ୍ତି। ଭାରତ ସମଗ୍ର ଲଦାଖ ଅଞ୍ଚଳରେ ୪୫ ହଜାର ସୈନ୍ୟ ମୁତୟନ କରିସାରିଲାଣି। ପୂର୍ବରୁ ଏହି ସଂଖ୍ୟା ୨୦ ହଜାରରୁ ୨୪ ହଜାର ମଧ୍ୟରେ ସୀମିତ ରହିଥିଲା। ପରେ ୨୦ ହଜାର ସୈନ୍ୟ ପଠାଇବା ସହିତ ଲଦାଖରେ ଆଇଟିବିପି ଯବାନଙ୍କୁ ମୁତୟନ କରାଯାଇଛି। ଅପରପକ୍ଷେ ଏଲ୍‌ଏସିରେ ଚୀନ୍ ୩୦ ରୁ ୩୫ ହଜାର ସୈନ୍ୟ ମୁତୟନ କରିଥିବା ସୂଚନା ମିଳିଛି। ଚୀନ୍ ଏଠାରେ ଯୁଦ୍ଧ ବିମାନ ଉଡାଣ କରୁଥିବା ଦେଖି ଭାରତ ପକ୍ଷରୁ ଏହାର କଡା ଜବାବ ଦେବା ପାଇଁ ଆକାଶ କ୍ଷେପଣାସ୍ତ୍ର ବ୍ୟବସ୍ଥା ମୁତୟନ କରିବା ପରେ ଭାରୀ ଯୁଦ୍ଧାସ୍ତ୍ର ମଧ୍ୟ ପ୍ରସ୍ତୁତ ରଖିଛି।

ସୂଚନାଯୋଗ୍ୟ, ଚୀନ୍ ଏବେ ବିଭିନ୍ନ ଅଞ୍ଚଳରେ ନିୟନ୍ତ୍ରଣ ରେଖା ନିକଟରେ ସ୍ଥିତି ବଦଳାଇବାକୁ ଉଦ୍ୟମ କରୁଥିବାରୁ ଭାରତ ନିଜର ପ୍ରସ୍ତୁତିକୁ ବ୍ୟାପକ କରିଛି। ଭାରତର ପ୍ରସ୍ତୁତିକୁ ଦେଖି ଚୀନ୍ ଛାନିଆଁ ହେବା ସହ ଆଗକୁ ମାଡି ଆସିବା ପାଇଁ ସାହସ କରିପାରୁନାହିଁ। ଚୀନ୍‌ର ବେଇମାନୀକୁ ଶିକ୍ଷା ଦେବା ପାଇଁ ଭାରତ ଗୁଇନ୍ଦା ଡ୍ରୋନ୍ ଦ୍ୱାରା ଚୀନ୍ ସୈନିକଙ୍କ ➤ ପୃ-୬

## ଭାରତୀୟ ଯବାନଙ୍କୁ ମୋଦିଙ୍କ ପ୍ରଶଂସା

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଲଦାଖ ସ୍ଥିତ ଗଲୱାନ ଘାଟିରେ ଚୀନ୍ ସହ ତିକ୍ତତା ବୃଦ୍ଧି, କରୋନା ସଙ୍କଟ, ଦେଶରେ ମୌସୁମୀ ଆଗମନ ସମେତ ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ନିଜ ମନ କଥା କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କୌଣସି ମିଶନ ଜନ ସମର୍ଥନ ବିନା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଏଣୁ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣ ଦିଗରେ ଆମ ସମସ୍ତଙ୍କର ନିଷ୍ଠା, ସଙ୍କଳ୍ପ, ସମର୍ପଣ ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ ଅଟେ। ଆପଣ ଲୋକାଲ ପଦାର୍ଥ କିଣିବେ, ଲୋକାଲଙ୍କ ପାଇଁ ଭୋକାଲ ହେବେ। ଏହା ବି ଦେଶ ପାଇଁ ଏକ ପ୍ରକାର ସେବା ଅଟେ। ଭାରତ ସ୍ୱାଭିମାନ ଏବଂ



ସାର୍ବଭୌମତ୍ୱ ରକ୍ଷା କରିବା ହେଉଛି ଦେଶର ସଂକଳ୍ପ। ଆତ୍ମନିର୍ଭର ଭାରତ ନିର୍ମାଣ ହେଉଛି ଦେଶର ଲକ୍ଷ୍ୟ। ଭାରତର ପରମ୍ପରା ହେଉଛି ବିଶ୍ୱାସ, ମିତ୍ରତା। ଆଉ ଭାରତର ଭାବ ହେଉଛି ବନ୍ଧୁତା। ଆମେ ଏହିସବୁ ଆଦର୍ଶ ସହ ଆଗକୁ ବଢ଼ିଚାଲିବା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ମୋଦି କହିଛନ୍ତି, ସୀମା ସୁରକ୍ଷାରେ ଆଦୌ ସାଲିସ୍ କରାଯିବନି। ଲଦାଖରେ ଭାରତର ଭୂମି ଉପରେ ଆଖି ଉଠାଇ ଦେଖିବା ଲୋକକୁ ଆମ ଯବାନ ଉଚିତ୍ ଜବାବ ଦେଇଛନ୍ତି। ଭାରତ ବନ୍ଧୁ ବଜାୟ ରଖିବା ଜାଣେ, ଆଉ ଆଖିରେ ଆଖି ମିଶାଇ ଦେଖିବା ଓ ଉଚିତ ଜବାବ ଦେବା ମଧ୍ୟ ଜାଣିଛି। ଲଦାଖରେ ଆମ ଯବାନ ସହିଦ ହୋଇଛନ୍ତି। ସେମାନଙ୍କ ବୀରତ୍ୱକୁ ସମଗ୍ର ଜାତି ପ୍ରଣାମ କରୁଛି, ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ସହିଦ୍‌ଙ୍କ ପରିବାର ସମେତ ପ୍ରତ୍ୟେକ ଭାରତୀୟ ଏମାନଙ୍କୁ ହରାଇ କଷ୍ଟ ଅନୁଭବ କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି, ଯେତେବେଳେ ଗୋଟିଏ ପଟେ ➤ ପୃ-୬

## ବଢ଼ିପାରେ ସଟ୍‌ଡାଉନ୍

**ଭୁବନେଶ୍ୱର :** ଜୁନ୍ ମାସରେ ଯେଭଳି କୋଭିଡ୍-୧୯ କଟକଣା ଥିଲା ଜୁଲାଇରେ ତାହା ବଳବତ୍ତର ରହିବ ବୋଲି ଜଣାପଡିଛି। ଜୁନ୍ ମାସର ପ୍ରତି ଶନିବାର ଓ ରବିବାର ହୋଇଥିବା ସଟ୍‌ଡାଉନ୍ ଅବଧି ସରିଛି। ଏହି ଦୁଇଦିନିଆ ସଟ୍‌ଡାଉନ୍‌କୁ ରାଜଧାନୀବାସୀ ସଫଳ କରିଛନ୍ତି। ଆବଶ୍ୟକସ୍ଥଳେ ଲୋକମାନେ ଘରୁ



ବାହାରିଛନ୍ତି। ଏପରିକି ଅମାନିଆମାନେ ମଧ୍ୟ ଘରେ ବସି ରହିଥିଲେ। ଫଳରେ ସହରର ରାସ୍ତାଘାଟ ଓ ମାର୍କେଟ୍ ଖାଁ ଖାଁ ଲାଗୁଥିଲା। ଅପରାହ୍ଣରେ ଖୁବ୍ ଜୋର୍‌ରେ ବର୍ଷା ହେବାରୁ ଛକ ଛକରେ ଜଗି ରହିଥିବା ପୋଲିସ କର୍ମଚାରୀମାନେ ଘରକୁ ଫେରିଯାଇଥିଲେ। କରୋନା ସଂକ୍ରମଣ ରୋକିବା ଲାଗି ସରକାର ରାଜ୍ୟର ୧୧ଟି ଜିଲ୍ଲାକୁ ଜୁନ୍ ମାସରେ ପ୍ରତି ସପ୍ତାହରେ ଦୁଇଦିନ ସଟ୍‌ଡାଉନ୍ ଘୋଷଣା କରିଥିଲେ। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ମଧ୍ୟ ଥିଲା। ରବିବାର ସକାଳୁ ➤ ପୃ-୬

## ଚୀନ୍‌ର ଅନୁପ୍ରବେଶ ସମ୍ପର୍କରେ ମୁହଁ ଖୋଲନ୍ତୁ ପ୍ରଧାନମନ୍ତ୍ରୀ : ନିରଞ୍ଜନ

**ଭୁବନେଶ୍ୱର :** ସୀମାନ୍ତରେ ଭାରତ-ଚାଇନା ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଦେଶରେ ଏହାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିଶେଷକରି ଚାଇନାର ତଥାକଥିତ ଅନୁପ୍ରବେଶକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ନିରନ୍ତର ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଆସୁଥିବାବେଳେ ସମାନ ପନ୍ଥା ଓପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆପଣେଇଛନ୍ତି। ରବିବାର ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚାଇନାର ଅନୁପ୍ରବେଶ ସମ୍ପର୍କରେ ତିନୋଟି ପ୍ରଶ୍ନ ପଚାରି ଏହାର ଉତ୍ତର ଦେବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ମୋର ତିନୋଟି ଅନୁରୋଧ, ମୁଁ ଆଶା କରିବି ସେ



ଦେଶବାସୀଙ୍କୁ ତାହାର ଉତ୍ତର ରଖିବେ। ପ୍ରଥମ ପ୍ରଶ୍ନଟି ହେଲା ତାଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ୫ଟି ସ୍ଥାନରେ ଚୀନ୍‌ର ସୈନିକମାନେ ଅନୁପ୍ରବେଶ କରିଛନ୍ତି। ମାତ୍ର ଦିନେ ହେଲେ ବି ପ୍ରଧାନମନ୍ତ୍ରୀ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖିଲେ ନାହିଁ। ୨୦୧୩ ମସିହାରେ ପିଏଲ୍‌ଏ ସୈନିକମାନେ ଦେପ୍‌ସାଙ୍ଗରୁ ୱାଇ ଜଙ୍କ୍‌ସନ ପର୍ଯ୍ୟନ୍ତ ମାଡ଼ି ➤ ପୃ-୬

## ବକ୍ରବାଣୀ



କଥାରେ ଅଛି ମାଇଆ ବାଇଆ
ଥରେ ଯାହା ବୁଝିଥିବେ ସେଇଆ
ଫାନ୍ଦିଥିଲେ କେଡେ ଫନ୍ଦି ଫିକର
ବନ୍ଦ କରିଦେବେ ରଥ ଯେଥର
ଓକିଲ ଲଢ଼େଇ କଲେ ହୁନ୍ଦର
ଜବାବ ରଖିଲେ କେଡେ ସୁନ୍ଦର
କାଳିଆ ଯାତକୁ କରୋନା ଭୟ
ରେକର୍ଡ ନିଶାରେ ଛାମୁଁଙ୍କ ଲୟ
ସୁପ୍ରିମ୍ କୋଅଟ୍ ସାଧିଲା ଦାଉ
ସପନଟା ପୁରା ହେଲା କି ଆଉ।

—ଟୁଟୁ

## ତିନିରଥ ନେଲେ ଦକ୍ଷିଣମୋଡ଼

# ବାହୁଡ଼ିବେ ମହାବାହୁ

**ପୁରୀ :** ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ନବଦିନ ଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ଯାଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କର ବାହୁଡ଼ା ଯାତ୍ରା ଆଷାଢ଼ ଶୁକ୍ଳ ଏକାଦଶୀ ଜୁଲାଇ ୧ତାରିଖ ତଥା ବୁଧବାର ଅନୁଷ୍ଠିତ ହେବ। ଶ୍ରୀଜିଉମାନେ ରଥାରୂଢ଼ ହୋଇ ଜନ୍ମବେଦୀର ଆଡ଼ପମଣ୍ଡପରୁ ବାହୁଡ଼ିବେ ଶ୍ରୀମନ୍ଦିରର ରତ୍ନ ସିଂହାସନକୁ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ରବିବାର ଆଷାଢ଼ ଶୁକ୍ଳ ଅଷ୍ଟମୀରେ ୩ରଥର ଦକ୍ଷିଣମୋଡ଼ କରାଯାଇଛି। ରବିବାର ସକାଳ ୬ଟା ୦୫ମିନିଟ୍‌ରେ ଶ୍ରୀଗୁଣ୍ଡିଚା ମନ୍ଦିରର ଦ୍ୱାର ଫିଟିଥିଲା। ୬ଟା ୩୦ମିନିଟ୍‌ରେ ଭିତରଶୋଧ କରାଯାଇ ୬ଟା ୩୫ମିନିଟ୍‌ରେ ସମ୍ପନ୍ନ ହୋଇଥିଲା ମହାପ୍ରଭୁଙ୍କ ମଙ୍ଗଳ ଆଳତି। ୬ଟା ୪୦ମିନିଟ୍‌ରେ ମଇଲମ ଓ ତଡ଼ପ ଲାଗି, ୭ଟା



୩୦ମିନିଟ୍‌ରେ ଅବକାଶ ପୂଜା, ୭ଟା ୪୦ମିନିଟ୍‌ରେ ମଇଲମ, ୭ଟା ୫୦ମିନିଟ୍‌ରେ ରୋଷହୋମ, ୮ଟା ୧୫ମିନିଟ୍‌ରେ ବେଶ ଶେଷ, ୮ଟା ୨୦ମିନିଟ୍‌ରେ ସୂର୍ଯ୍ୟପୂଜା, ୮ଟା ୨୫ମିନିଟ୍‌ରେ ଦ୍ୱାରପାଳ ପୂଜା, ୮ଟା ୪୦ମିନିଟ୍‌ରେ ଗୋପାଳ ବଲ୍ଲଭ ପୂଜା ଶେଷ ହୋଇଥିଲା। ୯ଟା ୩୫ମିନିଟ୍‌ରେ ସକାଳ ଧୂପ ପୂଜା ବସିଥିଲା ଓ ଭୋଗମଣ୍ଡପ ଉଠିଥିଲା। ୧୦ଟା ୧୫ମିନିଟ୍‌ରେ ଭୋଗମଣ୍ଡପ ପୂଜା ଶେଷହୋଇ ୧୧ଟା ୧୫ମିନିଟ୍‌ରେ ଦକ୍ଷିଣମୋଡ଼ ପାଇଁ ରଥ ଆଜ୍ଞାମାଳ ବିଜେ ହୋଇଥିଲା। ୧୧ଟା ୩୦ମିନିଟ୍‌ରେ ଆରମ୍ଭ ହୋଇଥିଲା ଦେବଦଳନ ରଥର ଦକ୍ଷିଣମୋଡ଼, ୧ଟା ୨୫ମିନିଟ୍‌ରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳପ ରଥ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା। ଅପରାହ୍ଣ ୩ଟା ୩୦ମିନିଟ୍‌ରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଦକ୍ଷିଣମୋଡ଼ ଆରମ୍ଭ ହୋଇ ୪ଟା ୨୫ମିନିଟ୍‌ରେ ଶେଷ ହୋଇଥିଲା। ଶେଷରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ ୪ଟା ୪୫ମିନିଟ୍‌ରେ ଆରମ୍ଭ ହୋଇ ୫ଟା ୫୫ମିନିଟ୍‌ରେ ଶେଷ ହୋଇଥିଲା। କେବଳ ପୁଲିସ କର୍ମଚାରୀମାନେ ରଥଟାଣି ଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ➤ ପୃ-୬




### ଅପରାଧୀଙ୍କ ସପକ୍ଷରେ ଭେରିଫିକେସନ ରିପୋର୍ଟ

# କେଉଁ ସ୍ୱାର୍ଥରେ ଦରଦ ଦେଖାଉଛି ପୋଲିସ !

**ଭୁବନେଶ୍ୱର :** ଖାକିରେ କଳଙ୍କ ବୋଲି ବହୁବାର ତଥ୍ୟ ସାମ୍ନାକୁ ଆସିଥାଏ। ଘଟଣାର ପୃଷ୍ଠଭୂମିରେ କେବେ ଲାଞ୍ଚ ଖାଇବାକୁ ନେଇ ତ ଆଉ କେବେ ପୋଲିସର ଦବଙ୍ଗଗିରିକୁ ନେଇ। ବାରମ୍ବାର ପୋଲିସ ବିରୋଧରେ ଏଭଳି ଅଭିଯୋଗ ଆସିବା ଦ୍ୱାରା ସବୁଠୁ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ କରୁଥିବା ପୋଲିସର ଭୂମିକାକୁ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ଏହାର ମୂଳ କାରଣଟି ହେଉଛି ଅତ୍ୟଧିକ ଲାଞ୍ଚଖୋର ମନୋବୃତ୍ତି ଓ ସମ୍ବେଦନହୀନତା। ଯେଉଁଥିପାଇଁ ସବୁଠୁ ଅଧିକ ବିଶ୍ୱସନୀୟ ହେବା ବଦଳରେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରୁନି ପୋଲିସ। କିଛି ପୋଲିସ କର୍ମଚାରୀଙ୍କ ଅସାଧୁ ଗୁଣ ଯୋଗୁଁ ସମଗ୍ର ପୋଲିସଙ୍କ ଉପରେ ସାଧାରଣ ଲୋକ ବିଶ୍ୱାସ ହରାଉଥିବା ଜଣାପଡେ। ସବୁବେଳେ ପବ୍ଲିକ ପୋଲିସ ଫ୍ରେଣ୍ଡ କୁହାଯାଉଥିଲା ବେଳେ କିଛି ପୋଲିସ ଅପରାଧୀଙ୍କୁ ସହଯୋଗ କରିବା ଓ ସେମାନଙ୍କ ଜରିଆରେ ମୋଟା ଅଙ୍କର ଅର୍ଥ




ରୋଜଗାର କରିବା ଦ୍ୱାରା ବିଭାଗ ବଦନାମ ହେଉଛି। ଗତ କିଛିଦିନ ତଳେ ରାଜଧାନୀର ଏକ ଥାନାଧିକାରୀ ଚୋରା ଗାଡି ବେପାର କରୁଥିବା ଖବର ପ୍ରକାଶ ପାଇଥିଲା ବେଳେ ଚନ୍ଦ୍ରଶେଖରପୁର ଥାନାରେ ଏଭଳି କିଛି ବେଆଇନ କାର୍ଯ୍ୟ ଚାଲିଛି ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁସାରେ ଚନ୍ଦ୍ରଶେଖରପୁର ଥାନା ଅଧିନରେ ରହୁଥିବା ଜଣେ ଯୁବକଙ୍କ ନାଁରେ ଏକାଧିକ ଅପରାଧୀକ ମାମଲା ଥିବା ସତ୍ତ୍ୱେ ତାଙ୍କ ପାସପୋର୍ଟ ପାଇଁ ବିନା ଯାଞ୍ଚରେ ଥାନା ବାବୁ ତତ୍ପରତା ଦେଖାଇ ଏଥିପାଇଁ ସୁପାରିସ କଲେ ଏବଂ ତ୍ୱରିତ ପଦକ୍ଷେପ ନେଇ ସବୁ ଠିକ ଅଛି ବୋଲି ଲେଖିଦେଇ ଉପରିସ୍ଥ ଅଧିକାରୀଙ୍କୁ ପଠାଇଲେ ତାହା ଆଶ୍ଚର୍ଯ୍ୟ ଲାଗୁଛି। ଯେଉଁ କାର୍ଯ୍ୟ ପାଇଁ ସାଧାରଣ ଲୋକ ବାରମ୍ବାର ଥାନାକୁ ଧାଉଁଥିଲେ ବି ଏତିକି ସରଳ ବା ସହଜରେ ସେହି କାର୍ଯ୍ୟ ହୋଇପାରୁନଥିଲା ବେଳେ ଜଣେ ଅପରାଧୀଙ୍କ ପାଇଁ ଥାନା ବାବୁଙ୍କ ଏତେ ଦରଦ କାହିଁକି ? ଶୁଣାଯାଏ ଯେ, ବିନା ଲାଞ୍ଚରେ ଏହି ଥାନାରେ ପାସପୋର୍ଟ ପାଇଁ ସୁପାରିଶ ହୁଏନାହିଁ। ଥାନା ରାଇଟର ପରିଡା ବାବୁ ଏ କାର୍ଯ୍ୟର ସର୍ବେସର୍ବା ହୋଇଥିବା ବେଳେ ଆଇଆଇସି ପରିଡା ବାବୁଙ୍କ ସବୁ କାର୍ଯ୍ୟକୁ ସମର୍ଥନ ହିଁ ସନ୍ଦେହ ସୃଷ୍ଟି କରିଛି। ଯେଉଁ ଅପରାଧୀଙ୍କ ପାସପୋର୍ଟ ପାଇଁ ଥାନା କର୍ମଚାରୀ ବ୍ୟସ୍ତ ହୋଇପଡିଥିଲେ କୁଆଡେ ତାଙ୍କ ମାଧ୍ୟମରେ ଭଲ ଟଙ୍କା ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ। ଦୂର ସ୍ଥାନ ଭ୍ରମଣର ଯୋଗ ରହିଛି।

**ମିଥୁନ** ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**କର୍କଟ** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।

**ସିଂହ** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କନ୍ୟା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ତୁଳା** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ବିଛା** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ମକର** ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରର ପ୍ରସ୍ତାବ ମିଳିପାରେ।

**କୁମ୍ଭ** ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ମୀନ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସୀମାରେ ଏୟାର ଡିଫେନ୍ସ ସିଷ୍ଟମ୍ ମୁତୟନ କଲା ଭାରତ

**ନୂଆଦିଲ୍ଲୀ :** ପ୍ରକୃତ ନିୟନ୍ତ୍ରଣ ରେଖାରେ ଚୀନ୍‌ର ଯୁଦ୍ଧ ବିମାନ ଏବଂ ହେଲିକପ୍ଟର ପଇଁତରା ମାରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନା ପୂର୍ବ ଲଦାଖ ସେକ୍ଟରରେ ଉନ୍ନତ ଧରଣର ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡିଫେନ୍ସ ସିଷ୍ଟମ) ମୁତୟନ କରିଛି। ସରକାରୀ ରିପୋର୍ଟ ଅନୁଯାୟୀ ଏହି ସେକ୍ଟରରେ ଚୀନ୍ ସେନାର ଲଢୁଆ ଜେଟ୍ ଓ ସେନା ହେଲିକପ୍ଟର ଅହରହ ଉଡୁଥିବାରୁ ସେଭଳି କୌଣସି ସ୍ଥିତି ଉପୁଜିଲେ ତାର ମୁକାବିଲା କରିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ହେଉଛି। ଇତି ମଧ୍ୟରେ ଭାରତୀୟ ସେନା ପକ୍ଷରୁ ଚୀନ୍ ସହ ଥିବା ୩୪୮୮ କିଲୋମିଟର ଦୀର୍ଘ ସୀମାରେ ଅଧିକ ସଂଖ୍ୟାରେ ସୈନ୍ୟ ମୁତୟନ କରାଯାଇଛି। ନିକଟ ଅତୀତରେ ଏହି ସୀମାରେ ଭାରତ କେବେ ବି ଏତେ ସଂଖ୍ୟାରେ ସୈନ୍ୟ ଠୁଳ କରିନଥିଲା। ଏହି ସୂତ୍ରରୁ ପ୍ରକାଶ ଯେ, ପୂର୍ବ ଲଦାଖ ଅଞ୍ଚଳରେ ଭାରତୀୟ ସେନା ଅଧିକ ତିନି ଡିଭିଜନ ସୈନ୍ୟ ମୁତୟନ କରିଛି। କେବଳ ସେତିକି ନୁହେଁ ଲଦାଖ ସେକ୍ଟରରୁ ଦୁଇ ଦେଶ ସେନା ପ୍ରତ୍ୟାହାର କରିବା ଲାଗି ଗତ ୬ ତାରିଖରେ କମାଣ୍ଡରସ୍ତରୀୟ ଆଲୋଚନାରେ ହୋଇଥିବା ନିଷ୍ପତ୍ତିକୁ ଚୀନ୍ ସେନା ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) ଅନୁପାଳନ କରୁଛି କି ନାହିଁ ତା ଉପରେ ନଜର ରଖିଛି ଭାରତୀୟ ସେନା। ଏଲଏସିର ବିବାଦୀୟ ୧୫୯୭ କିଲୋମିଟର ଅଞ୍ଚଳରୁ ଉଭୟ ଦେଶ



ସେମାନଙ୍କର ସୈନ୍ୟ ପ୍ରତ୍ୟାହାର କରିନେବାକୁ ପୂର୍ବରୁ ସହମତ ହୋଇଛନ୍ତି। ଏହି ଅବସରରେ ଭାରତୀୟ ସେନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ସୀମା ପରିସ୍ଥିତି ଏବେ ବି ସଙ୍ଗୀନ ରହିଛି। ପିଏଲଏ ଭାରତୀୟ ସୀମା ନିକଟବର୍ତ୍ତୀ ହୋଇଥିବାରୁ ସେମାନଙ୍କୁ ପଛକୁ ହଟିଯାଇ ସ୍ଥିତାବସ୍ଥା ବଜାୟ ରଖିବାକୁ ପଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ସ୍ପଷ୍ଟ କରିଦେଇଛନ୍ତି ଯେ, ପିଏଲଏ ଏଲଏସିରେ କୌଣସି ନୂଆ ପନ୍ଥା ଅନୁସରଣ କରିପାରିବ ନାହିଁ। ଏହି ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ହେଲେ ଚୀନ୍ ସେନାକୁ ସ୍ଥିତାବସ୍ଥା ବଜାୟ ରଖିବାକୁ ପଡିବ। ଉଲ୍ଲେଖଯୋଗ୍ୟ ଗତ ମେ' ମାସରୁ ଅକ୍ସାଇଚୀନ୍‌ରେ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ମୁତୟନ କରିଛି ଚୀନ୍। ଗତ ଦୁଇ ସପ୍ତାହ ହେଲା ସୁଖୋଇ-୩୦ ଭଳି ଭାରୀ ତଥା ଅତ୍ୟାଧୁନିକ ଯୁଦ୍ଧ ବିମାନ ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ପଇଁତରା ମାରୁଛି। ଏହି ସୀମାରୁ ମାତ୍ର ୧୦ କିଲୋମିଟର ଦୂରରେ ଚୀନ୍‌ର ଯୁଦ୍ଧବିମାନ ଉଡିବା ଦେଖାଯାଉଛି। ଏହି ସୂତ୍ରରୁ ପ୍ରକାଶ ଯେ, ଗତ କିଛି ଦିନ ମଧ୍ୟରେ ଚୀନ୍‌ର ଲଢୁଆ ହେଲିକପ୍ଟର ଭାରତର ପ୍ରକୃତ ନିୟନ୍ତ୍ରଣ ରେଖାଠାରେ ବୁଲୁଥିବା ଦେଖାଯାଉଛି। ସବ୍ ସେକ୍ଟର ଉତ୍ତର (ଦୌଲତ ବେଗ ଓଲ୍ଡି ସେକ୍ଟର), ପାଟ୍ରୋଲିଂ ପଏଣ୍ଟ ୧୪ ନିକଟରେ ଥିବା ଗଲୱାନ ଉପତ୍ୟକା, ପାଟ୍ରୋଲିଂ ପଏଣ୍ଟ ୧୫, ପାଟ୍ରୋଲିଂ ପଏଣ୍ଟ ୧୭ ଏବଂ ୧୭ଏ (ହଟ୍ ସ୍ପ୍ରିଙ୍ଗ) ସମେତ ସମସ୍ତ ଅସୁବିଧାଜନକ ସେକ୍ଟରରେ ଚୀନ୍‌ର ଲଢୁଆ ହେଲିକପ୍ଟର ଉଡୁଥିବାର ଦେଖାଯାଇଛି। ଚୀନ୍‌ର ଏଭଳି କାର୍ଯ୍ୟକଳାପକୁ ଦେଖି ଭାରତ ମଧ୍ୟ ସେଥିପାଇଁ ପ୍ରସ୍ତୁତ ହେଉଛି।

## ପ୍ରତିଶୋଧ ନେଉଛି ଚୀନ୍ : ବନ୍ଦରରେ ପଡିରହିଛି ଭାରତୀୟ ସାମଗ୍ରୀ

**ନୂଆଦିଲ୍ଲୀ :** ଚୀନର ଏକାଧିକ ବନ୍ଦରରେ ପର୍ବତାକାରରେ ପଡ଼ିରହିଛି ଭାରତୀୟ କମ୍ପାନୀ ପ୍ରସ୍ତୁତ ସାମଗ୍ରୀ। ଭାରତର ରପ୍ତାନି କ୍ଷେତ୍ର ଉପରେ ବେଜିଂ ଶକ୍ତ ଚୋଟ ମାରିଛି। କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟକୁ ଚିଠି ଲେଖି ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ (ଏଫ୍‌ଆଇଇଓ) ଏହି ବିଷୟ ଅବଗତ କରିଛି। ଚୀନ ବ୍ୟବସାୟୀଙ୍କ ବରାଦ ମୁତାବକ ଭାରତୀୟ କମ୍ପାନୀରେ କୋଟିକୋଟି ଟଙ୍କାର ମାଲ ପ୍ରସ୍ତୁତ ହେଲା। ମାତ୍ର ମାଲଗୁଡ଼ିକ ଚୀନ ବନ୍ଦର ବାହାରକୁ ଯାଇପାରୁନି। ହଂକଂ ଓ ଚୀନର ଅବକାରୀ ବିଭାଗ ପକ୍ଷରୁ ଭାରତୀୟ ଦ୍ରବ୍ୟ ପ୍ରତି ନିଷେଧାଦେଶ ଜାରି କରାଯାଇଛି। ଫଳରେ ଭାରତୀୟ କମ୍ପାନୀଗୁଡ଼ିକ କୋଟିକୋଟି ଟଙ୍କାର କ୍ଷତି ସହିବାକୁ ବାଧ ହୋଇଛନ୍ତି। ଲଦାଖରେ ଭାରତ-ଚୀନସେନା ସଂଘର୍ଷର ସୂତ୍ରପାତ ପରେ ଚୀନ ବନ୍ଦରରେ ଭାରତୀୟ ଦ୍ରବ୍ୟକୁ ଅଟକାଇ ଦିଆଯାଇଛି। ବିଶେଷ କରି ଚୀନ ଓ ହଂକଂ ବନ୍ଦରରେ କୋଟିକୋଟି ଟଙ୍କାର ଜୈବିକ ସାର ପଡ଼ିରହିଛି ବୋଲି ଜନୈକ ଭାରତୀୟ ରପ୍ତାନିକାରୀ କହିଛନ୍ତି। ଭାରତର ବହୁ ନାମଜାଦା ରପ୍ତାନି ସଂସ୍ଥାକୁ ମଧ୍ୟ ବେଜିଂ ସରକାରଙ୍କ ହିନସ୍ତା ଭୋଗିବାକୁ ପଡ଼ିଛି। ଭାରତୀୟ ବାଣିଜ୍ୟ ଫେଡେରେସନ୍ ପକ୍ଷରୁ ବାଣିଜ୍ୟ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମ୍ସ (ସିବିଆଇସି)ର ହସ୍ତକ୍ଷେପ ଲୋଡ଼ାଯାଇଛି। ସିବିଆଇସି ଅଧକ୍ଷ ଏମ୍ ଅଜିତ କୁମାର ବାଣିଜ୍ୟ ଫେଡେରେସନ୍‌କୁ ଆଶ୍ୱାସନା ପ୍ରଦାନ କରିଛନ୍ତି। କୁମାରଙ୍କ ମତରେ ସେମାନେ କେବଳ ଟିକସ ଆଦାୟକାରୀ ନୁହନ୍ତି। ବିଦେଶରେ ଭାରତୀୟ କମ୍ପାନୀଗୁଡ଼ିକ ଭେଟୁଥିବା ନାନା ସମସ୍ୟାର ସରଳ ସମାଧାନ କରିବା ସିବିଆଇସିର ଅନ୍ୟତମ ପ୍ରଧାନ କାର୍ଯ୍ୟ। ଭାରତୀୟ କମ୍ପାନୀ ଜଗତକୁ ପୂର୍ଣ୍ଣ ସୁରକ୍ଷା ନଦେଲେ, ଭାରତର ଅର୍ଥନୈତିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବନି। ଭାରତର ରାଜସ୍ୱ କ୍ଷେତ୍ରକୁ ବ୍ୟବସାୟୀ ଓ ଉଦ୍ୟୋଗ ଜଗତର ଅବଦାନ ବହୁତ ଥିବାରୁ ସେମାନଙ୍କ ପ୍ରତି ସିବିଆଇସିର ମଧ୍ୟ କିଛି ଅବଦାନ ରହିବା ଉଚିତ। କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଭାରତର ଉଦ୍ୟୋଗ ଜଗତକୁ ଆହୁରି ସମୃଦ୍ଧ କରିଛି।'

## ଭାରତ-ଜାପାନ ନୌସେନାର ମିଳିତ ସମରାଭ୍ୟାସ

**ନୂଆଦିଲ୍ଲୀ :** ଚୀନ୍ ସହ ଭାରତର ସୀମାବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଭାରତ ମହାସାଗରରେ ଭାରତ ଓ ଜାପାନର ନୌସେନା ପକ୍ଷରୁ ମିଳିତ ସମରାଭ୍ୟାସ ଚାଲିଛି। ପାରସ୍ପରିକ ବୁଝାମଣାକୁ ଅଧିକ ନିବିଡ କରିବା ଉଦ୍ଦେଶ୍ୟରେ ଏହି ସମରାଭ୍ୟାସର ପରିକଳ୍ପନା କରାଯାଇଥିବା ଜାପାନୀ ମେରିଟାଇମ୍ ସେଲ୍‌ଫ-ଡିଫେନ୍ସ ଫୋର୍ସ କହିଛି। ଉଭୟ ଦେଶର ଦୁଇଟି ଲେଖାଏଁ ଯୁଦ୍ଧପୋତ ଏଥିରେ ନିୟୋଜିତ ହୋଇଥିଲେ। ସମରାଭ୍ୟାସରେ ଭାରତୀୟ ନୌସେନାର ତାଲିମ ପୋତ ଆଇଏନ୍‌ଏସ୍ ରାଣା ଏବଂ ଆଇଏନଏସ୍ କୁଲୁଶ୍ ଜାପାନର ଜେଏସ୍ କାଶିମା ଏବଂ ଜେଏସ୍ ଶିମାୟୁକି ସହ ଯୋଗ ଦେଇଥିଲା। ନୂଆଦିଲ୍ଲୀସ୍ଥିତ ଜାପାନୀ ଦୂତାବାସ କହିଛି ଯେ, ତିନି ବର୍ଷ ମଧ୍ୟରେ ଏହା ହେଉଛି ୧୫ତମ ସମରାଭ୍ୟାସ। ଦୂତାବାସର ମୁଖପାତ୍ର ତୋଶିହାଇଡ୍ ଆଣ୍ଡୋ କହିଛନ୍ତି, ଏହି ସମରାଭ୍ୟାସର ବିଷୟବସ୍ତୁ ହେଉଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ କୌଶଳ ଓ ଯୋଗସୂତ୍ର ତାଲିମ ଦେବା। ସମ୍ପ୍ରତି ଭାରତ ଏବଂ ଜାପାନ ମଧ୍ୟରେ ନୌସେନା ସମରାଭ୍ୟାସ ନିୟମିତ ଚାଲୁଛି। କିନ୍ତୁ, ଏବେ ଭାରତ ଓ ଚୀନ୍ ମଧ୍ୟରେ ସୀମାକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ନୌସେନାର ସମରାଭ୍ୟାସ ବିଶେଷ ଗୁରୁତ୍ୱ ବହନ କରେ। ଉଲ୍ଲେଖଯୋଗ୍ୟ, ଡୋକଲାମ୍ ସଙ୍କଟ ବେଳେ ଖୋଲାଖୋଲି ସମର୍ଥନ କରିଥିବା ଅଳ୍ପ କେତେକ ଦେଶ ମଧ୍ୟରେ ଜାପାନ ଥିଲା ଅନ୍ୟତମ।

# ଜୁଲାଇ ୧୫ ସୁଦ୍ଧା ସିବିଏସ୍‌ଇ ପରୀକ୍ଷାଫଳ

**ନୂଆଦିଲ୍ଲୀ :** ଆସନ୍ତା ଜୁଲାଇ ୧୫ ତାରିଖ ସୁଦ୍ଧା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଅଧୀନରେ ଅନୁଷ୍ଠିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳ ପ୍ରକାଶ ପାଇବ। ଦେଶରେ କରୋନା ସଂକ୍ରମଣକୁ ନେଇ ସିବିଏସ୍‌ଇ ପକ୍ଷରୁ ଅନୁଷ୍ଠିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର କେତେକ ବିଷୟରେ ପରୀକ୍ଷା ହୋଇପାରିନଥିଲା ବେଳେ ଏହାକୁ ଜୁଲାଇ ୧ ରୁ ୧୫ ମଧ୍ୟରେ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ସାଂପ୍ରତିକ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ହୋଇପାରିନଥିବା ବିଷୟଗୁଡ଼ିକୁ ବାତିଲ କରିବାକୁ ଶୁକ୍ରବାର ସୁପ୍ରିମକୋର୍ଟ ସିବିଏସ୍‌ଇକୁ ଅନୁମତି ଦେଇଛନ୍ତି। ଏହାବ୍ୟତୀତ ସିବିଏସ୍‌ଇ ପକ୍ଷରୁ ପ୍ରସ୍ତାବିତ ଆସେସ୍‌ମେଣ୍ଟ ସ୍କିମ୍‌କୁ ସୁପ୍ରିମକୋର୍ଟ ଅନୁମୋଦନ ଦେଇଛନ୍ତି। ଏହି ସ୍କିମ୍ ଅନୁସାରେ ଛାତ୍ରଛାତ୍ରୀମାନଙ୍କ ଇଣ୍ଟରନାଲ ମାର୍କ ଏବଂ ପୂର୍ବରୁ ଅନୁଷ୍ଠିତ ହୋଇସାରିଥିବା ୩ଟି ବିଷୟର ମାର୍କକୁ ନେଇ ବାତିଲ କରାଯାଇଥିବା ବିଷୟଗୁଡିକରେ ମାର୍କ ପ୍ରଦାନ କରାଯିବ ଏବଂ ଜୁଲାଇ ୧୫ ସୁଦ୍ଧା ପରୀକ୍ଷା ଫଳାଫଳ ପ୍ରକାଶ ପାଇବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଦେଶରେ କରୋନା ସଂକ୍ରମଣ ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଥିବା ବେଳେ ପରୀକ୍ଷା ହୋଇପାରିନଥିବା ବିଷୟଗୁଡ଼ିକୁ ବାତିଲ କରିବା ନେଇ କେତେକ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଜଷ୍ଟିସ୍



ଏ ଏମ୍ ଖାନ୍‌ୱିଲକର, ଦୀନେଶ ମାହେଶ୍ୱରୀ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିବା ସହିତ ଶୁକ୍ରବାର ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେନ୍ଦ୍ର ସରକାର ଏବଂ ସିବିଏସ୍‌ଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପକ୍ଷ ରଖିଥିବା ବେଳେ ଛାତ୍ରଛାତ୍ରୀମାନେ ଅନୁଷ୍ଠିତ ହୋଇଥିବା ଶେଷ ୩ଟି ବିଷୟରେ ଯେତିକି ମାର୍କ ରଖିଥିବେ ସେହି ଅନୁସାରେ ବାତିଲ ହୋଇଥିବା ବିଷୟରେ ସେମାନଙ୍କୁ ମାର୍କ ପ୍ରଦାନ କରାଯିବ ବୋଲି କହିଛନ୍ତି। ସିବିଏସ୍‌ଇ ବୋର୍ଡ ପରି ଅନୁଷ୍ଠିତ ହୋଇପାରିନଥିବା ଆଇସିଏସ୍‌ଇ ବୋର୍ଡ ବିଷୟଗୁଡିକର ପରୀକ୍ଷା ବାତିଲ କରିବାକୁ ଆବେଦନ କରାଯାଇଥିଲା ବେଳେ ସୁପ୍ରିମକୋର୍ଟ ଏଥିନେଇ ସମାନ ନିର୍ଦ୍ଦେଶନାମା ଜାରି କରିବା ସହିତ ଜୁଲାଇ ୧୫ ତାରିଖ ସୁଦ୍ଧା ଏହି ବୋର୍ଡ ପରୀକ୍ଷା ଫଳ ପ୍ରକାଶ କରିବାକୁ କୁହିଛନ୍ତି।

**ଚାପଗ୍ରସ୍ତ ଉଦ୍ୟୋଗଙ୍କୁ ସାହାଯ୍ୟ କରିବା ପାଇଁ ଏମଏସଏମଇ ମନ୍ତ୍ରଣାଳୟର ଆଉ ଏକ ଅର୍ଥ ଯୋଗାଣ ଯୋଜନା**

# ଉଦ୍ୟୋଗକୁ ଯୋଗାଇ ଦିଆଯିବ ୨୦ ହଜାର କୋଟି

**ନୂଆଦିଲ୍ଲୀ :** କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ (ଏମଏସଏମଇ) ଉଦ୍ୟୋଗ ମନ୍ତ୍ରୀ ନୀତିନ ଗଡ଼କରୀ ଏକ ସବର୍ଡିନେଟ ଡେଟ ବା ଉପରଣ ଗ୍ୟାରେଣ୍ଟି ଯୋଜନା ଘୋଷଣା କରିଛନ୍ତି। ଏହାକୁ ମଧ୍ୟ 'ଡିସଟ୍ରେଷ୍ଟ ଆସେଟ୍ସ ଫଣ୍ଡ-ସବଅର୍ଡିନେଟ ଡେଟ ଫର ଏମଏସଏମଇ' କୁହାଯାଉଛି। ଏହି ଯୋଜନା ଅନୁସାରେ ୨୦ ହଜାର କୋଟି ଟଙ୍କାର ରଣ ଗ୍ୟାରେଣ୍ଟି ଉଦ୍ୟୋଗୀମାନଙ୍କୁ ଯୋଗାଇ ଦିଆଯିବ। ସେମାନେ ନିଜ ନିଜର ଆର୍ଥିକ ଚାପଗ୍ରସ୍ତ ଉଦ୍ୟୋଗରେ ପୁଞ୍ଜି ଲଗାଇବା ପାଇଁ ବ୍ୟାଙ୍କରୁ ରଣ ନେଲେ ସରକାର ଗ୍ୟାରେଣ୍ଟର ରହିବେ। ଏବେ ଅନଭୂତ ହେଉଛି ଯେ ଯେଉଁସବୁ ଏମଏସଏମଇ ଉଦ୍ୟୋଗର ଆର୍ଥିକ ସ୍ଥିତି ଭଲ ନାହିଁ ସେମାନେ ପୁଞ୍ଜି ସଂଗ୍ରହ କରିବାରେ, ରଣ କିମ୍ବା ଇକ୍ୟୁଟି ପାଇବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଦନୁସାରେ ଚଳିତବର୍ଷ ମେ' ୧୩ ତାରିଖରେ ଅର୍ଥମନ୍ତ୍ରୀ ଘୋଷଣା କରିଥିବା ଆତ୍ମନିର୍ଭର ଭାରତ ପ୍ୟାକେଜରେ ଏହି ଯୋଜନା ସ୍ଥାନ ପାଇଛି । ସଂପୃକ୍ତ ଉଦ୍ୟୋଗୀମାନଙ୍କୁ ସବର୍ଡିନେଟ ଡେଟ ଯୋଜନାରେ ଏହି ରଣ ମିଳିବ। ତେବେ ଯେଉଁ ଉଦ୍ୟୋଗଗୁଡିକ ଚାଲୁଛି କିନ୍ତୁ ଉକ୍ରଟ ଅର୍ଥାଭାବର ସମ୍ମୁଖୀନ ସେଗୁଡିକ ପାଇଁ ଏହି ଯୋଜନା ମୁଖ୍ୟତଃ ଉଦ୍ଦିଷ୍ଟ। ଅର୍ଥ ମନ୍ତ୍ରଣାଳୟ, ସିଡବି ଏବଂ ରିଜର୍ଭ ବ୍ୟାଙ୍କ ଭଳି ସଂସ୍ଥାଙ୍କ ସହ ପରାମର୍ଶ କ୍ରମେ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ କମିଟି ଏହି ଯୋଜନାକୁ ଅନୁମୋଦନ କରିଛି। ନାଗପୁରଠାରେ ଆଜି ଶ୍ରୀ ଗଡ଼କରୀ ଆନୁଷ୍ଠାନିକଭାବେ ଏହା ଘୋଷଣା କରିଛନ୍ତି। ଯେଉଁସବୁ ଉଦ୍ୟୋଗ ଚଳିତବର୍ଷ ଏପ୍ରିଲ ୩୦ ତାରିଖ ସୁଦ୍ଧା ଉକ୍ରଟ ଅର୍ଥାଭାବର ସମ୍ମୁଖୀନ ହୋଇ ଏନପିଏ ଘୋଷିତ ହୋଇଥିବେ ସେଭଳି ଉଦ୍ୟୋଗକୁ ଏହି ଯୋଜନାରେ ସହାୟତା ପ୍ରଦାନ କରାଯିବ। ସଂପୃକ୍ତ ଉଦ୍ୟୋଗର ଉଦ୍ୟୋକ୍ତାଙ୍କୁ ସେମାନଙ୍କ ମୋଟ ଇକ୍ୟୁଟି ଓ ରଣର ୧୫ ଶତାଂଶ କିମ୍ବା ୭୫ ଲକ୍ଷ ଟଙ୍କା ମଧ୍ୟରୁ ଯେଉଁଟି ସର୍ବନିମ୍ନ ହେବ ତାହା ରଣ ଆକାରରେ ଯୋଗାଇ ଦିଆଯିବ। ସଂପୃକ୍ତ ଉଦ୍ୟୋଗୀଙ୍କୁ ସମାନ ପରିମାଣର ଅର୍ଥ ନିଜ ଉଦ୍ୟୋଗରେ ଇକ୍ୟୁଟି ଆକାରରେ ନିବେଶ କରିବାକୁ ପଡିବ ଏବଂ ତଦନୁସାରେ ନଗଦ ପରିମାଣ ବଢାଇ ରଣ-ଇକ୍ୟୁଟି ଅନୁପାତକୁ ବଜାୟ ରଖିବାକୁ ହେବ। ସବଡେଟର ନବେ ଶତାଂଶ ଅର୍ଥ ଗ୍ୟାରେଣ୍ଟି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ ଏବଂ ଅବଶିଷ୍ଟ ୧୦ ଶତାଂଶ ସଂପୃକ୍ତ ଉଦ୍ୟୋଗୀ ଯୋଗାଇବେ। ମୂଳ ରଣ ପରିଶୋଧ ପାଇଁ ୭ ବର୍ଷର ସ୍ଥଗନାଦେଶ ବା ମୋରଟରିୟମ ରହିବ । ତେବେ ୧୦ ବର୍ଷ ମଧ୍ୟରେ ସମସ୍ତ ରଣ ପରିଶୋଧ କରିବାକୁ ପଡ଼ିବ। ଆଶା କରାଯାଉଛି ଯେ ଏହି ଯୋଜନା ଦ୍ୱାରା ଆର୍ଥିକ ସଂକଟର ସମ୍ମୁଖୀନ ପ୍ରାୟ ୨ଲକ୍ଷ ଉଦ୍ୟୋଗ ଉପକୃତ ହେବେ ଏବଂ ସେମାନେ ପୁନର୍ବାର ନିଜର ଉତ୍ପାଦନ ଆରମ୍ଭ କରିବାକୁ ସୁଯୋଗ ପାଇବେ। ଏହାର ସିଧା ପ୍ରଭାବ ଅର୍ଥନୀତି ଉପରେ ପଡିବ ଓ ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ଆସିବ। ଏହାଦ୍ୱାରା ମଧ୍ୟ ଏମଏସଏମଇ ଉଦ୍ୟୋଗ ଉପରେ ନିର୍ଭରଶୀଳ ନିୟୁତ ନିୟୁତ ଲୋକଙ୍କ ଜୀବିକା ସୁରକ୍ଷିତ ହୋଇପାରିବ। ଯେଉଁ ଉଦ୍ୟୋଗଗୁଡିକ ଏହି ରଣ ସହାୟତ ପାଇବା ପାଇଁ ଯୋଗ୍ୟ ସେମାନେ ଯେକୌଣସି ଅନୁସୂଚିତ ବ୍ୟାବସାୟିକ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଯୋଜନା ଏମଏସଏମଇଏସ କ୍ରେଡିଟ ଗ୍ୟାରେଂଟି ଫଣ୍ଡ ଟ୍ରଷ୍ଟ ଦ୍ୱାରା କାର୍ଯ୍ୟକାରୀ ହେବ। ଏଥିପାଇଁ ଆବଶ୍ୟକ ନିର୍ଦ୍ଦେଶାବଳୀ ଏବଂ ସନ୍ଦେହ ମୋଚନ ପାଇଁ ବିଭିନ୍ନ ପ୍ରଶ୍ନର ଉତର ଆଜି ଜାରି କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଡ଼କରୀ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଉକ୍ତ ଯୋଜନା ପାଇଁ ଧନ୍ୟବାଦ ଜଣାଇଛନ୍ତି । ଏଭଳି ଏକ ଉତମ ଯୋଜନା ପ୍ରସ୍ତୁତ କରିଥିବାରୁ ସେ ମଧ୍ୟ ଆର୍ଥିକ ବ୍ୟୟ ବିଭାଗ, ଆର୍ଥିକ ସେବା ବିଭାଗ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ସାଧୁବାଦ ଜ୍ଞାପନ କରିଛନ୍ତି।

# 'ଶିଶୁରଣ' ହିତାଧିକାରୀଙ୍କ ପାଇଁ ୨% ସୁଧ ରିଆତି

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅନ୍ତର୍ଗତ 'ଶିଶୁ ରଣ' ଆକାଉଣ୍ଟଧାରୀଙ୍କୁ ନିୟମିତ କିସ୍ତି ପ୍ରଦାନ କ୍ଷେତ୍ରରେ ୧୨ ମାସ ପାଇଁ ୨ ଶତାଂଶ ହାରରେ ରଣ ରିଆତି ଦେବାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅନ୍ତର୍ଗତ 'ଶିଶୁ ରଣ' କାର୍ଯ୍ୟକମରେ ଯେଉଁମାନେ ରଣ ନେଇଛନ୍ତି ଓ ପୁନର୍ବାର ରଣ ନେବାକୁ ଆଗ୍ରହୀ ସେମାନେ ଯଦି ଠିକ ସମୟରେ ତାହା ପରିଶୋଧ କରିବେ ତେବେ ସେମାନଙ୍କୁ ଏକ ବର୍ଷପାଇଁ ୨ ଶତାଂଶ କମ ହାରରେ ସୁଧ ଦେବାକୁ ପଡିବ। ସରକାରୀ ନିଷ୍ପତି ଅନୁସାରେ ଯେଉଁମାନଙ୍କର ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରଣ ବକେୟା ଥିବ ଏବଂ ସେମାନେ ରିଜର୍ଭବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେହି ତାରିଖ ସୁଦ୍ଧା ଏନପିଏ ଶ୍ରେଣୀଭୁକ୍ତ ହୋଇନଥିବେ ସେମାନେ ଏହି 'ଶିଶୁ ରଣ' ପାଇପାରିବେ। ସେହିଭଳି ଯେଉଁ ରଣକାରୀଙ୍କ କିସ୍ତି ବକେୟା ଥିବ ସେମାନଙ୍କ ଆକାଉଂଟ ଯେତେ ମାସ ପାଇଁ ଏନପିଏ ଶ୍ରେଣୀଭୁକ୍ତ ହୋଇନଥିବ ସେମାନଙ୍କୁ ଏହି ସୁଧ ରିଆତି ମିଳିବ ଏବଂ ସେମାନଙ୍କ ଖାତା ପୁନର୍ବାର ସଚଳ ସଂପତିଭାବେ ବିବେଚିତ ହେବ। ଯେଉଁମାନେ ନିୟମିତ ରଣ ପରିଶୋଧ କରିବାକୁ ଆଗ୍ରହୀ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ପ୍ରାୟ ୧୫୪୨ କୋଟି ଟଙ୍କା କେନ୍ଦ୍ର ସରକାର ରଣ ଆକାରରେ ଯୋଗାଇଦେବେ। ଆତ୍ମନିର୍ଭର ଭାରତ ଅଭିଯାନ ଯୋଜନାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ସରକାର ଯେଉଁସବୁ ପ୍ରୋତ୍ସାହନ ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ତାହାର ଏକ ଅଂଶବିଶେଷ । ଏଥିରେ ଅତି ଛୋଟ ଛୋଟ ଉଦ୍ୟୋଗକୁ ଶିଶୁବର୍ଗରେ ରଖାଯାଇ ସେଗୁଡିକୁ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହି ଶିଶୁବର୍ଗର ଉଦ୍ୟୋଗଗୁଡିକୁ ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି ପାଇଁ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରଣ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଏହି ରଣ 'ଶିଶୁରଣ'ଭାବରେ ନାମିତ । ମୁଦ୍ରା ଲିମିଟେଡ ସହିତ ପଞ୍ଜୀକୃତ ହୋଇଥିବା ବିଭିନ୍ନ ଅନୁସୂଚିତ ବ୍ୟାବସାୟୀକ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ବିତୀୟ କମ୍ପାନୀ ଓ ମାଇକ୍ରୋ ଫାଇନାନସିଆଲ ଅନୁଷ୍ଠାନମାନେ ଏହି ମୁଦ୍ରା ରଣ ଦେବାକୁ ଅଧିକୃତ । ସେମାନଙ୍କ ଜରିଆରେ ସଂପୃକ୍ତ ଉଦ୍ୟୋଗୀଙ୍କୁ ରଣ ପ୍ରଦାନ କରିବାର ନିୟମ ରହିଛି । ଶିଶୁ ମୁଦ୍ରା ରଣ ଯୋଜନାରେ ଅର୍ଥ ନେଇ ବେପାର ବଣିଜ କରୁଥିବା ଅତି କ୍ଷୁଦ୍ର ଓ କ୍ଷୁଦ୍ର ଉଦ୍ୟୋଗଗୁଡିକ କରୋନା ମହାମାରୀ ସ୍ଥିତି ଯୋଗୁଁ ଗୁରୁତରଭାବେ ପ୍ରଭାବିତ ହୋଇଛନ୍ତି । ସେମାନଙ୍କର କାରବାର ସବୁ ବନ୍ଦ ହୋଇଯାଇଛି । ଏସବୁ ବେପାରୀ ଅଳ୍ପ ଲାଭ କରୁଥିବାରୁ ପାଖରେ ଯଥେଷ୍ଟ ଜମା ବା ପୁଞ୍ଜି ନାହିଁ । ଏକପକ୍ଷରେ ସେମାନେ ବଂଚିବାକୁ ସଂଘର୍ଷ କରୁଥିବାବେଳେ ଅନ୍ୟପଟରେ ରଣ ସୁଝିବାକୁ ହାତରେ ଧନ ନାହିଁ। ତେଣୁ ଅନେକ ରଣୀ କିସ୍ତି ଦେଇପାରିନାହାନ୍ତି। ଏହା ଫଳରେ ସେମାନେ ଆଉ ଥରେ ବ୍ୟାଙ୍କରୁ ରଣ ପାଇବା ସମ୍ଭାବନା ନାହିଁ । ଏଭଳି ସ୍ଥିତିରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଶିଶୁ ବର୍ଗରେ ୯.୭୩ କୋଟି ରଣ ଆକାଉଂଟ ରହିଛି। ଏହିସବୁ ଖାତାଧାରୀଙ୍କ ଉପରେ ୧.୬୨ ଲକ୍ଷ କୋଟି ଟଙ୍କାର ଅନାଦାୟ ରଣ ରହିଛି। ଭାରତୀୟ କ୍ଷୁଦ୍ର ଉଦ୍ୟୋଗ ବିକାଶ ବ୍ୟାଙ୍କ ବା ସିଡ୍‌ବି ଏହି ରଣ ନୀତିକୁ କାର୍ଯ୍ୟକାରୀ କରିବ। ୧୨ ମାସ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଯେଉଁ ରଣକାରୀ ରିଜର୍ଭ ବ୍ୟାଙ୍କ କୋଭିଡ ପ୍ୟାକେଜ ଅନୁସାରେ ସେମାନଙ୍କ ରଣପ୍ରଦାନକାରୀ ସଂସ୍ଥାଦ୍ୱାରା ସ୍ଥଗନାଦେଶ (ମୋରାଟୋରିୟମ) ପାଇଛନ୍ତି ସେମାନେ ତାଙ୍କର ଏହି ମୋରାଟୋରିୟମ କାଳ ଶେଷ ହେବା ପରେ ଏହି ୨ ଶତାଂଶ ରିଆତିର ସୁବିଧା ପାଇପାରିବେ। ଅର୍ଥାତ ସେମାନଙ୍କ ପାଇଁ ୨୦୨୦ ସେପ୍ଟେମ୍ବର ପହିଲାରୁ ୨୦୨୧ ଅଗଷ୍ଟ ୩୧ ଯାଏଁ ଏହି ଯୋଜନା ଲାଗୁହେବ। ଅନ୍ୟ ରଣକାରୀଙ୍କ ପାଇଁ ଏହା ଚଳିତ ଜୁନ ପହିଲାରୁ ଆସନ୍ତା ବର୍ଷ ମେ ୩୧ ଯାଏଁ ଏହା ଉନ୍ମୁକ୍ତ ରହିବ। ସାଂପ୍ରତିକ କୋଭିଡ ସଂକଟଦ୍ୱାରା ବେପାର ବଣିଜ କରି ଗୁଜୁରାଣ ମେଂଟାଉଥିବା ଛୋଟ ଛୋଟ ଉଦ୍ୟୋଗୀ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କ ଥଇଥାନ ଓ ରୋଜଗାର ବ୍ୟବସ୍ଥା ପାଇଁ ଏହି ଯୋଜନା ପ୍ରସ୍ତୁତ କରାଯାଇଛି। ସେମାନଙ୍କ ପୂର୍ବ ରଣବୋଝ ହାଲୁକା କରିବା ସହ ବେପାର ଚଳାଇବା ପାଇଁ ପୁନର୍ବାର ରଣ ଦେବାକୁ ଏହା ଉଦ୍ଦିଷ୍ଟ। ଏହାଦ୍ୱାରା ଏସବୁ ଉଦ୍ୟୋଗ ପୁନର୍ବାର ଚାଲୁହେବ ଏବଂ କର୍ମଚାରୀ ଛଟେଇ ବା ଆର୍ଥିକ ସଂକଟରୁ ରକ୍ଷା ପାଇବେ। ଏହି ଯୋଜନା ଦ୍ୱାରା ସଂପୃକ୍ତ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହେବା ସହ ଅର୍ଥନୀତି ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିବ। ଭବିଷ୍ୟତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଓ ଅର୍ଥନୀତିକୁ ସୁଧାରିବାରେ ଏହା ସହାୟକ ହୋଇପାରିବ।

### ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଆଗୁଆ ପ୍ରସ୍ତୁତି, ତ୍ୱରିତ ଉଦ୍ଧାର ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିରେ ଅଧକ୍ଷତା କରି ଆଗୁଆ ପ୍ରସ୍ତୁତି, ତ୍ୱରିତ ଉଦ୍ଧାର ଓ ପୁନର୍ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଭିନ୍ନ ବିପର୍ଯ୍ୟୟରେ ଜନସାଧାରଣଙ୍କ ଉପରକୁ ଆସୁଥିବା ବିପଦକୁ କମ୍ କରିବା ପାଇଁ ରାଜ୍ୟ ସରକାର ଅନେକ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିଆସିଛନ୍ତି। ଆମର ପ୍ରସ୍ତୁତି ଗତିଶୀଳ, ସାମଗ୍ରିକ ଏବଂ ଭାଗିଦାରୀ ମୂଳକ ହେବା ଉଚିତ। ସେ କହିଥିଲେ ଯେ, ଆଗୁଆ ପ୍ରସ୍ତୁତି, ତ୍ୱରିତ ଉଦ୍ଧାର ଏବଂ ପୁନର୍ଗଠନ ପାଇଁ ବିଭିନ୍ନ ପଦକ୍ଷେପ ସହିତ ଦୀର୍ଘକାଳୀନ ମୁକାବିଲା କାର୍ଯ୍ୟକ୍ରମ ହେଉଛି ଆମର ବିପର୍ଯ୍ୟୟ ପରିଚାଳନା ଦୃଷ୍ଟିଭଙ୍ଗୀର ମୂଳନୀତି। ରାଜ୍ୟ ପ୍ରଶାସନକୁ ଅଭିଜ୍ଞତା ପ୍ରସୂତ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡର) ପାଳନ ସହ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗୋଷ୍ଠୀଭିତ୍ତିକ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ସଂସ୍ଥାଗତ ଢାଞ୍ଚା ପ୍ରଦାନ କରିବାରେ ଓଡ଼ିଶା ସର୍ବାଗ୍ରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗୋଷ୍ଠୀଭିତ୍ତିକ ପରିଚାଳନାରେ ଆମର ଅଭିଜ୍ଞତା କୋଭିଡ ପରିଚାଳନାରେ ମଧ୍ୟ ବହୁ ପରିମାଣରେ ଉପାଦେୟ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୩ମାସ ଧରି କୋଭିଡ ୧୯ ମହାକାରୀ ରାଜ୍ୟର ଜନସାଧାରଣଙ୍କର ଦୈନନ୍ଦିନ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ରାଜ୍ୟରେ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁ ଓଡ଼ିଶା ଆଜି ଏ କ୍ଷେତ୍ରରେ ଭଲ ସ୍ଥିତିରେ ରହିଛି। ଏହି



ଅବସରରେ କୋଭିଡ ମୁକାବିଲାରେ ଜନସାଧାରଣଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଆମେ ଅନେକ ବିପଦର ସମ୍ମୁଖୀନ ହେଉଥିଲେ ମଧ୍ୟ ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ। ଗତବର୍ଷ ଫନି ଓ ବୁଲ୍‌ବୁଲ ଭଳି ବାତ୍ୟା ସହିତ ବନ୍ୟା, ବର୍ଷା ଏବଂ ଅନେକ ସ୍ଥାନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚଳିତବର୍ଷ ମଧ୍ୟ ଉତ୍ତର ଉପକୂଳ ଜିଲ୍ଲା ଗୁଡିକ ମଇ ମାସର ତୃତୀୟ ସପ୍ତାହରେ ମହାବାତ୍ୟା ଅମ୍ଫନ ଦ୍ୱାରା ପ୍ରଭାବିତ ହୋଇଥିଲେ। ଓଡ଼ିଶାର ଜନସାଧାରଣଙ୍କ ସହଯୋଗରେ ଆମେ କେବଳ ଏହିସବୁ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ସଫଳ ହୋଇନାହୁଁ, ତା' ସହିତ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ମଧ୍ୟ ତାର ବିପଦ ସମୟରେ ସହାୟତା ଯୋଗାଇ ଦେଇପାରିଛୁ ବୋଲି ସେ କହିଥିଲେ। ସବୁବେଳେ ଅତୀତର ବିପର୍ଯ୍ୟୟ ଗୁଡିକରୁ ଆମେ ଶିକ୍ଷା ଗ୍ରହଣ କରିଆସିଛୁ ଏବଂ ସମ୍ଭାବ୍ୟ ଦୁର୍ବିପାକ ପାଇଁ ପ୍ରସ୍ତୁତିରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି। 'ଅଭିଜ୍ଞତାରୁ ଶିକ୍ଷା' ଏବଂ 'ପରବର୍ତ୍ତୀ ପ୍ରସ୍ତୁତି'ରେ ଉନ୍ନତିର ଏହି ନିରନ୍ତର ପ୍ରକ୍ରିୟା ପାଇଁ ଆମକୁ ସବୁ କ୍ଷେତ୍ରରୁ ପ୍ରଶଂସା ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଠିକ୍ ସମୟରେ ଆସିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ଭଲ ବର୍ଷା ହେବାର ଆଶା ରହିଛି। ଜୁନ୍ ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ସମୟ ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିପାରେ। ଏହିସବୁ ବିପର୍ଯ୍ୟୟ ପାଇଁ ଆମର ପ୍ରସ୍ତୁତିକୁ ନିରନ୍ତର ସମୀକ୍ଷା କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କୋଭିଡ ଠାରୁ ଆରମ୍ଭ କରି ଅମ୍ଫନ, ବୁଲବୁଲ, ପଙ୍ଗପାଳ ପର୍ଯ୍ୟନ୍ତ ବିଭିନ୍ନ ଦୁର୍ବିପାକ ନିରାକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ଜୁନ୍ ୧ ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ପ୍ରତି ଜିଲ୍ଲା ସଦର ମହକୁମାରେ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିବା ବେଳେ ଟେଲି ଯୋଗାଯୋଗ ସୁବିଧା ନଥିବା ବନ୍ୟାପ୍ରବଣ ଅଞ୍ଚଳରେ ୧୫ଟି ଅସ୍ଥାୟୀ ଭିଏଚ୍‌ଏଫ୍ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। ୨୦ଟି ଓଡ୍ରାଫ ଟିମ୍‌କୁ ଆବଶ୍ୟକୀୟ ଜରୁରୀକାଳୀନ ସହାୟତା ସହିତ ଜାଗତିଆର ରଖାଯାଇଛି। ବିଭିନ୍ନ ନଦୀ ବନ୍ଧମାନଙ୍କରେ ୪୯ଟି ଦୁର୍ବଳ ସ୍ଥାନ ଚିହ୍ନଟ କରାଯାଇଛି। ଏବଂ ସେଗୁଡ଼ିକର ଜଗାରଖା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସହରାଞ୍ଚଳରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଇଛି। ବନ୍ୟାପ୍ରଣ ଅଞ୍ଚଳରେ ଆଗାମୀ ଦୁଇ ତିନି ମାସର ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା, ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଅତ୍ୟାବଶ୍ୟକ ଔଷଧ ଓ ବିଶେଧନ ସାମଗ୍ରୀ ମହଜୁଦ ରଖିବା ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଥିବା ୮୭୯ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଯାଞ୍ଚ କରାଯାଇ ୭୯୬ଟିର ମରାମତି କରାଯାଇଛି। ଭିଡିଓ କନ୍‌ଫରେନ୍‌ସିଂ ଦ୍ୱାରା ଆୟୋଜିତ ଏହି ବୈଠକରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ବିରୋଧୀ ଦଳ ନେତା, ସାଂସଦ, ବିଧାୟକଗଣ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସୁଚିନ୍ତିତ ପରାମର୍ଶ ନେଇଥିଲେ।

## ଉପକୂଳ ଜିଲ୍ଲାରେ ହେବ ବିପର୍ଯ୍ୟୟ ନିରୋଧକ ବିଦ୍ୟୁତ୍ ଭିତ୍ତିଭୂମି

**ଭୁବନେଶ୍ୱର :** ପ୍ରତିବର୍ଷ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପ୍ରତିରୋଧ ଭିତ୍ତିଭୂମିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ଉପକୂଳ ଜିଲ୍ଲାଗୁଡ଼ିକରେ ବିପର୍ଯ୍ୟୟ ପ୍ରତିରୋଧ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ଖସଡ଼ା ପ୍ରସ୍ତୁତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଏହି କାର୍ଯ୍ୟ ହେବ। ଏଥିପାଇଁ ୧୧ ହଜାର କୋଟି ଟଙ୍କାର କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ୨ୟ ପର୍ଯ୍ୟାୟରେ ପୁରୀ, କଟକ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି ଆଦି ଜିଲ୍ଲାକୁ ଏଥିରେ ସାମିଲ୍ କରାଯିବ। ଏହି ୫ ଜିଲ୍ଲା ପାଇଁ ୮ ହଜାର କୋଟି ଟଙ୍କାର କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଏହାସହ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଆଇନଗତ ଦିଗର ସଠିକ୍ ପରିଚାଳନା ନିମନ୍ତେ 'ଥିଙ୍କ୍ ଟ୍ୟାଙ୍କ୍' ମଧ୍ୟ ଗଠନ ହେବ। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଜରୁରିକାଳୀନ ଭିତ୍ତିରେ କାର୍ଯ୍ୟ କରିବା ପାଇଁ ସମ୍ପୃକ୍ତ ବିଭାଗ ଓ ବିତରକ କମ୍ପାନୀଗୁଡ଼ିକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଆଇନଗତ ଦିଗର ସଠିକ୍ ପରିଚାଳନା ନିମନ୍ତେ 'ଥିଙ୍କ୍ ଟ୍ୟାଙ୍କ୍' ଗଠନ କରିବାକୁ ମୁଖ୍ୟ ସଚିବ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ଲଗାତାର ବାତ୍ୟା କାରଣରୁ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଥିବା ସାଧାରଣ ସମ୍ପତ୍ତିକୁ ଏହି ନୂଆ ପ୍ରତିରୋଧ ବ୍ୟବସ୍ଥା ରକ୍ଷା କରିବ। ବୈଠକରେ ଚିଠା କାର୍ଯ୍ୟ ଯୋଜନା ବାବଦରେ ଆଲୋଚନା ହୋଇଥିଲା। ଅତିରିକ୍ତ ମୁଖ୍ୟ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା ଓଭରହେଡ୍ କେବ୍‌ଲିଂ ଏବଂ ଘଣ୍ଟାପ୍ରତି ୩୦୦ କିଲୋମିଟର ପବନକୁ ପ୍ରତିରୋଧ କରିପାରୁଥିବା ପୋଲ୍ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଦକ୍ଷିଣ ଏସିଆରେ

### ୧୯ ହଜାର କୋଟିର କାର୍ଯ୍ୟ ଯୋଜନା

### ଥିଙ୍କ୍ ଟ୍ୟାଙ୍କ୍ ଗଠନ କରିବାକୁ ନିର୍ଦ୍ଦେଶ

ବାତ୍ୟାବେଳେ ସର୍ବାଧିକ ଘଣ୍ଟା ପ୍ରତି ୩୧୫ କିଲୋମିଟର ବେଗରେ ପବନ ରେକର୍ଡ ହୋଇଛି। ତେଣୁ ସହରାଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ୍ କେବ୍‌ଲିଂ ଏବଂ ଗ୍ରାମାଞ୍ଚଳରେ ଓଭରହେଡ୍ କେବ୍‌ଲିଂ ପାଇଁ ନିଷ୍ପତ୍ତି ହୋଇଛି। ଗ୍ରୀଡ୍‌କୋର ଆର୍ଥିକ ନିର୍ଦ୍ଦେଶକ ଗଗନ ସ୍ୱାଇଁ କହିଥିଲେ, କେନ୍ଦ୍ର ସରକାରଙ୍କ ଆବଶ୍ୟକ ଅନୁମୋଦନ ପରେ ଏହି ପ୍ରକଳ୍ପ ପାଇଁ ତିନିବର୍ଷ ସମୟ ଲାଗିବ। ବିପର୍ଯ୍ୟୟ ପରେ ତୁରନ୍ତ ବିଦ୍ୟୁତ୍ ଯୋଗାଣ ତଥା ପୁନରୁଦ୍ଧାର କାର୍ଯ୍ୟରେ ପ୍ରତିରୋଧ ବିଦ୍ୟୁତ୍ ବ୍ୟବସ୍ଥା ବେଶ୍ ସହାୟକ ହେବ। ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା, ଟାଟା ପାଓ୍ୱାର ସିଇଓ ସେନ୍ ବେଗମ୍‌ଙ୍କ ସମେତ ସମ୍ପୃକ୍ତ ବିଭାଗ ଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ହ୍ୱାଟ୍ସଆପ୍‌ରେ ଏକକ ଏବଂ ଅନ୍‌ଲାଇନ୍‌ରେ ହେବ ଏକାଦଶ ପରୀକ୍ଷା

**ଭୁବନେଶ୍ୱର :** ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଗତ ମାର୍ଚ୍ଚରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ତେବେ ଚଳିତବର୍ଷ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ପଦ୍ଧତିରେ ସଂସ୍କାର ହୋଇଥିବା ବେଳେ ସ୍କୁଲ ଓ ଜୁନିଅର କଲେଜସ୍ତରରେ ଏକାଦଶ ପରୀକ୍ଷା ପରିଚାଳନାରେ ମଧ୍ୟ ପରିବର୍ତ୍ତନ ହୋଇଛି। ଫଳରେ ପାଠପଢ଼ା ଏବଂ ପରୀକ୍ଷା ପରିଚାଳନା ଓ ରେଜଲ୍ଟ ପ୍ରକାଶରେ ବେଶ ସହଜ ହୋଇପାରିବ। ତେବେ ଗତବର୍ଷ ଠାରୁ ରାଜ୍ୟରେ ପ୍ରଥମକରି ଆରମ୍ଭ ହୋଇଥିବା ଅଷ୍ଟମ ଶେଣୀ ପର୍ଯ୍ୟନ୍ତ ଏକକ ପରୀକ୍ଷା ପିଲାମାନେ ସ୍କୁଲ ନଯାଇ ଘରେ ଦେଇପାରିବେ। ସେହିପରି ଏକାଦଶ ତଥା ଯୁକ୍ତଦୁଇ ପ୍ରଥମବର୍ଷ ପରୀକ୍ଷା ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ମାଧ୍ୟରେ ଦେବେ। ୨୦୨୧ରୁ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବେଳେ ଆଗକୁ ରାଜ୍ୟରେ କରୋନାର ସ୍ଥିତିକୁ ସମୀକ୍ଷା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି, ରାଜ୍ୟରେ +୩ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨ୟ ଏବଂ ୪ର୍ଥ ସେମିଷ୍ଟର ପରୀକ୍ଷା ବାତିଲ କରାଯିବା ପରେ ଶେଷ ବର୍ଷ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି। ମାତ୍ର ଏକକ ପରୀକ୍ଷା ଆସନ୍ତା ଫେବୃଆରୀରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏକାଦଶ ପରୀକ୍ଷା ଜାନୁଆରୀରେ ହେବ। ପୂର୍ବରୁ ପାଠପଢ଼ାକୁ ନେଇ ସମସ୍ୟା ରହିଥିବା ବେଳେ ପାଠ୍ୟଖସଡ଼ାରେ ପରିବର୍ତ୍ତନ କରାଯାଇଛି। ଏକାଡେମିକ କ୍ୟାଲେଣ୍ଡର ଅନୁଯାୟୀ ଯେତିକି କୋର୍ସ ପଢ଼ାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥାଏ ତାହାଠାରୁ କମ୍ କରିବାକୁ ନିଷ୍ପତ୍ତି କରାଯାଇଛି। ଫଳରେ ଏକାଦଶ ଶ୍ରେଣୀ ଲାଗି ଧାର୍ଯ୍ୟ ହୋଇଥିବା ପାଠ୍ୟକ୍ରମରୁ ୩୫ପ୍ରତିଶତ ଛାଡ଼ କରାଯାଇଛି। ପ୍ରାକ୍ଟିକାଲ ପରୀକ୍ଷାରେ ମଧ୍ୟ ପରିବର୍ତ୍ତନ କରାଯିବ। ଏହାବ୍ୟତୀତ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ହେବ। ପ୍ରାକ୍ଟିକାଲ ପରୀକ୍ଷା ଲାଗି ୧୦ଜଣ ଲେଖାଏଁ ପିଲାଙ୍କୁ ସୁଯୋଗ ଦିଆଯିବ। ଏକାଦଶ ପରୀକ୍ଷାର ଉତ୍ତର ଏବଂ ମାର୍କ ପିଲାଙ୍କ ମୋବାଇଲ ମାଧ୍ୟମରେ ଜଣାଇ ଦିଆଯିବ। ତେବେ ଯେଉଁ ଛାତ୍ରଛାତ୍ରୀ ମୋଟ୍ ଉପରେ ୪୫ପ୍ରତିଶତ ଏବଂ ୩୫ପ୍ରତିଶତ ଏଗ୍ରିଗେଟ୍ ମାର୍କ ରଖିପାରିବେ ନାହିଁ ସେମାନଙ୍କୁ ଦ୍ୱାଦଶ ଶ୍ରେଣୀକୁ ପଦୋନ୍ନତି ଦିଆଯିବ ନାହିଁ। ତେବେ ରିଆଡ୍‌ମିସନ ପୂର୍ବରୁ ମେ' ଏବଂ ଜୁନ୍ ଶେଷ ସପ୍ତାହ ସୁଦ୍ଧା ସେହି ପିଲାମାନେ ପୁଣି ଥରେ ପରୀକ୍ଷା ଦେବା ବାଧ୍ୟତାମୂଳକ କରାଯାଇଛି। ଅପରପକ୍ଷେ ଯେଉଁ ସବୁ କଲେଜର କର୍ତ୍ତୃପକ୍ଷ ଚାହିଁବେ ଛାତ୍ରଛାତ୍ରୀ ପରୀକ୍ଷା ଶ୍ରେଣୀରେ ଦେବାକୁ ସେଥିଲାଗି ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ସାମାଜିକ ଦୂରତ୍ୱ ଏବଂ ସରକାରଙ୍କ ସବୁ ନୀତିନିୟମକୁ ପାଳନ କରିବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ସବୁ କଲେଜରେ ସର୍ବାଧିକ ୧୦୦ରୁ ଅଧିକ ପିଲା ରହିଛନ୍ତି ସେହି ସବୁ କଲେଜରେ ସର୍ବନିମ୍ନ ୮ଟି ଶ୍ରେଣୀରେ ପରୀକ୍ଷା ପରିଚାଳନା କରାଯିବ। ଗୋଟିଏ ପରୀକ୍ଷାକେନ୍ଦ୍ରର ଶ୍ରେଣୀରେ ସିଙ୍ଗଲ୍ ବେଞ୍ଚ ବ୍ୟବସ୍ଥା ରହିବ। ଯଦି କୌଣସି ଅଭିଭାବକ କିମ୍ବା ପରୀକ୍ଷାର୍ଥୀ ଅଭିଯୋଗ କରନ୍ତି ତେବେ ସେହି ପିଲାଙ୍କ ଲାଗି ସମ୍ପୃକ୍ତ କଲେଜର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପରବର୍ତ୍ତୀ ବୈଠକ ଆସନ୍ତା ମାସରେ ଅନୁଷ୍ଠିତ ହେବ। ବୈଠକରେ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, +୨ ପରିଷଦର ୪ଜଣ ପରୀକ୍ଷା କମିଟିର ସଦସ୍ୟ, ୧୨ ସରକାରୀ କଲେଜର ଅଧକ୍ଷ ଉପସ୍ଥିତ ରହିବେ।

## ବନ୍ୟା ନିୟନ୍ତ୍ରଣ ସମୀକ୍ଷା କଲେ ଜଳ ସମ୍ପଦ ମନ୍ତ୍ରୀ



**ଭୁବନେଶ୍ୱର :** ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ଓ ଏହାର ନିୟନ୍ତ୍ରଣ ସଂପର୍କରେ ଏକ ବୈଠକ ସ୍ଥାନୀୟ ରାଜୀବ ଭବନସ୍ଥିତ ଜଳ ସଂପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଅଧ୍ୟକ୍ଷତା କରି ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଆଗକୁ ମୌସୁମୀ ଜନିତ ବର୍ଷା, ଲଘୁଚାପ ବା ବାତ୍ୟା ହେଲେ ଅଧିକ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥିପାଇଁ ମନ୍ତ୍ରୀ ଶ୍ରୀ ଦାସ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିବା ସହ ଜଳ ସଂପଦ ବିଭାଗର ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ବନ୍ୟା ନିୟନ୍ତ୍ରଣ ସଂପର୍କରେ ସେମାନଙ୍କ ଅଭିଜ୍ଞତାକୁ ପାଥେୟ କରି ସତର୍କତା ଓ ସଜାଗ ହୋଇ କାର୍ଯ୍ୟ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ସବୁ ଡିଭିଜନ କାର୍ଯ୍ୟାଳୟର ଯନ୍ତ୍ରୀ ଓ କର୍ମଚାରୀମାନଙ୍କୁ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ସୂଚନା ସରବରାହ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ। ସୂଚନା ଯୋଗ୍ୟ ଯେ, ଇତି ମଧ୍ୟରେ ହୀରାକୁଦ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଥିବାରୁ ଜୁନ୍ ୨୫ ତାରିଖରୁ ଜଳ ଭଣ୍ଡାରରୁ ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଜଳ ନିଷ୍କାସନ କରାଯାଉଛି। ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ ଚଳିତ ବର୍ଷ ସମ୍ଭାବ୍ୟ ବନ୍ୟା ପରିପ୍ରେକ୍ଷୀରେ ବିଭାଗୀୟ ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ରଖିଥିଲେ। ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଯନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତଥିଲେ।

## ଏଣିକି ଅନ୍‌ଲାଇନ୍ ଭତ୍ତା ଆବେଦନ

**ଭୁବନେଶ୍ୱର :** ଏଣିକି ଆଉ ଭତ୍ତା ଆବେଦନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ପଡ଼ିବ ନାହିଁ। ଭିନ୍ନକ୍ଷମ, ବିଧବା ଓ ତୃତୀୟଲିଙ୍ଗଙ୍କ ପାଇଁ ଅନଲାଇନ ଆବେଦନ ସୁବିଧା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ପେନସନ ପାଇଁ ଏହା ଲାଗୁ ହୋଇଛି। ଏ ନେଇ ବିଭାଗୀୟ ସଚିବଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି। କରୋନା ସଂକ୍ରମଣକୁ ରୋକିବା ଓ ଘରୁ ନବାହାରି ସୁରକ୍ଷିତ ଭାବେ ଆବେଦନ କରିବାକୁ ଏପରି ପଦକ୍ଷେପ ନିଆଯାଇଛି। ଏହାବ୍ୟତୀତ ଆବଶ୍ୟକସ୍ଥଳେ ଜନସେବା କେନ୍ଦ୍ରରେ ମଧ୍ୟ ଆବେଦନକାରୀମାନେ ଆବେଦନ କରିବା ପାରିବେ। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ମଧୁବାବୁ ପେନସନ ଯୋଜନାରେ ୨୮ ଲକ୍ଷ ହିତାଧିକାରୀ ଥିବାବେଳେ ଜାତୀୟ ସାମାଜିକ ପେନସନ ଯୋଜନାରେ ୨୦ ଲକ୍ଷ ହିତାଧିକାରୀ ଅଛନ୍ତି । ଏସ୍‌ଏସ୍‌ଇପିଡି ବିଭାଗ ଏହାର ସମସ୍ତ ଯୋଜନା ଅନଲାଇନରେ ଉପଲବ୍ଧ କରାଇଛି । ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ତୃତୀୟଲିଙ୍ଗ ଇତ୍ୟାଦି ହିତାଧିକାରୀମାନେ ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି । ଏହି କାର୍ଯ୍ୟକ୍ରମ ଜରିଆରେ ଯେକେହି ବି ଏନ୍‌ଏସ୍‌ଏପି ଏବଂ ଏମ୍‌ବିପିଓ୍ୱାଇ ସାମାଜିକ ସୁରକ୍ଷା ପେନସନ୍ ପାଇଁ ଆବେଦନ କରିପାରିବେ । ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ବୟସ୍କ ବ୍ୟକ୍ତିମାନେ ଆକାଉଣ୍ଟରୁ ନଗଦ ଉଠାଣ, ଜମା, ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ, କେଓ୍ୱାଇସି ତଥ୍ୟ ଉପସ୍ଥାପନ ଆଦି ସୁବିଧା ପାଇବେ। ଏ ବାବଦରେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। କରୋନା ମହାମାରୀ ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ଓ ବୟସ୍କ ଭିନ୍ନକ୍ଷମମାନେ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେମାନେ ନିଜର ଜରୁରୀ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ କରିବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଉଚିତ୍ ବ୍ୟାଙ୍କ ସେବା ଯୋଗାଇ ଦିଆଯାଉ ନଥିବାରୁ ପ୍ରତ୍ୟେକଙ୍କ ଦୁଆର ମୁହଁରେ ଉପଯୁକ୍ତ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ବ୍ୟାଙ୍କମାନଙ୍କ ଦ୍ୱାରା ଠିକ୍ ଭାବେ କାର୍ଯ୍ୟକାରୀ କରିବା ଲାଗି ଅର୍ଥ ସଚିବ ରାଜ୍ୟର ବ୍ୟାଙ୍କମୁଖ୍ୟଙ୍କୁ ତଥା ରିଜର୍ଭ ବ୍ୟାଙ୍କକୁ କହିଛନ୍ତି।

### କୃଷି ଓ ସମବାୟ ବିଭାଗର ଉଚ୍ଚସ୍ତରୀୟ ବୈଠକ

# ଉନ୍ନତମାନର ବିହନ ଓ ସାର ଯୋଗାଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର :** କୋଭିଡ୍-୧୯ ପରିପ୍ରେକ୍ଷୀରେ ରାଜ୍ୟରେ ଖରିଫ୍ ଚାଷ ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଯୁକ୍ତ ସମନ୍ୱୟରେ ଚାଷୀଙ୍କୁ ଆବଶ୍ୟକ ବିହନ, ସାର ଓ ଅନ୍ୟ କୃଷିସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଫସଲ ଋଣ ଯୋଗାଣ କ୍ଷେତ୍ରରେ ନୂତନ ଚାଷୀ ଓ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତିରେ ଋଣ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ଯୋଗଦେଇ ଚଳିତ ଖରିଫ୍ ଫସଲରେ ବିବିଧିକରଣ କରାଯାଇ ଅଧିକ ଅଣଧାନ ଫସଲ ଯଥା ଡାଲି, ତୈଳବୀଜ, ପନିପରିବା ଆଦି ଅର୍ଥକାରୀ ଫସଲ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୃଷି ଭବନ ଠାରେ ଆୟୋଜିତ କୃଷି ଓ ସମବାୟ ବିଭାଗର ଉଚ୍ଚସ୍ତରୀୟ ବୈଠକରେ ଉଭୟ ବିଭାଗର ସମନ୍ୱୟ ଉପରେ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଦିଗରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ଓ ତୃତୀୟ ଶନିବାର ଦିନ ବ୍ଲକସ୍ତରରେ ଅନୁଷ୍ଠିତ ଟେକ୍ନିକାଲ୍ ଟିମ୍‌ର ବୈଠକ ଅଧିକ ଉପଯୋଗୀ ହୋଇପାରିବ। ସମବାୟ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମିଳିତ ଭାବେ କାର୍ଯ୍ୟକାରୀ ତୃଣମୂଳସ୍ତରରେ ଚାଷୀମାନଙ୍କ ସମସ୍ୟାର ସମାଧାନ କରିବେ ବୋଲି ସମନ୍ୱୟ ବୈଠକରେ ନିଷ୍ପତି ହୋଇଥିଲା। ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡଃ. ସୌରଭ ଗର୍ଗ, ସ୍ୱତନ୍ତ୍ର ସଚିବ ସୁରେଶ କୁମାର ବଶିଷ୍ଟ, ସମବାୟ ବିଭାଗର କମିଶନର ତଥା



ଶାସନ ସଚିବ ବୀର ବିକ୍ରମ ଯାଦବ ପ୍ରମୁଖ ଯୋଗଦେଇ ଖରିଫ୍ ଚାଷ ପାଇଁ ଚାଷୀମାନଙ୍କୁ ଉନ୍ନତମାନର ବିହନ, ସାର, ଖରିଫ ଫସଲ ଋଣ ଯୋଗାଣ, ଫସଲ ବୀମା ଓ କୃଷିଜାତ ଦ୍ରବ୍ୟର ବିକ୍ରିବଟା, ରବି ଫସଲ ସଂଗ୍ରହ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କୋଭିଡ୍-୧୯ ସ୍ଥିତିରେ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପ୍ରବାସୀମାନେ ଓଡ଼ିଶାକୁ ଫେରିଥିବା ପରିପ୍ରେକ୍ଷୀରେ ସେମାନଙ୍କୁ ଯୁଗ୍ମଦେୟ ଗୋଷ୍ଠୀ ଗଠନ ଜରିଆରେ କୃଷି କ୍ଷେତ୍ରରେ ନିୟୋଜିତ କରି କୃଷିଋଣ ଯୋଗାଇ ଦେବାକୁ ଗୁରୁତ୍ୱ ଦିଆଯାଇଥିଲା। ଏ ଦିଗରେ କୃଷକ ସୂଚନା ଏବଂ ପରାମର୍ଶଦାତା ବୈଠକ (ଏଫ୍‌ଆଇଏସି) ଏବଂ କୃଷକ ସାଥୀ ଓ ସମବାୟ ସଂପ୍ରସାରଣ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା ହୋଇଥିଲା। ଚଳିତ ଖରିଫ୍ ଋତୁରେ ଚାଷୀମାନଙ୍କୁ ୯ହଜାର କୋଟି ଟଙ୍କାର ଫସଲ ଋଣ ସମବାୟ ସଂସ୍ଥା ମାଧ୍ୟମରେ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଚଳିତ ରବିଧାନ ସଂଗ୍ରହ ସହ ମକା, ଡାଲି ଓ ତୈଳବୀଜ, ରାଶି, କପା ଆଦି ସଂଗ୍ରହ ଉପରେ ସମୀକ୍ଷା କରାଯାଇଥିଲା। ଚାଷୀମାନେ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବା ନେଇ ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଭିତିଭୂମିର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତ ବର୍ଷ ୩୦ଲକ୍ଷ ଚାଷୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ସମବାୟ ସମିତି ସମୂହର ନିବନ୍ଧକ, ମାର୍କଫେଡର ଓଡ଼ିଶା ରାଜ୍ୟ ବିହନ ନିଗମ ଓ ଓଡ଼ିଶା ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୯ ଜୁନ୍ - ୦୫ ଜୁଲାଇ, ୨୦୨୦

# ବିଶ୍ୱାସର ବିଜୟ ରଥଯାତ୍ରା

ସମ୍ପାଦକୀୟ

ତାରକ ମହାନ୍ତି



'ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର' କଥାଟିକୁ ଶୁଣି ଆସୁଥିଲେ। ଏ କଥାଟି ଆଧ୍ୟାତ୍ମବାଦୀ ଲୋକମାନଙ୍କ ପାଖରେ ଅଧିକ ଦୃଢ଼ ବୋଲି ଗୋଟେ ଧାରଣା ମନ ଭିତରେ ଏଯାଏଁ ଥିଲା। କିନ୍ତୁ ଚଳିତବର୍ଷ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହେବା ପ୍ରସଙ୍ଗ ସହ ଏହାକୁ ଯୋଡି ବିଚାରକଲେ ଉପର ଲିଖିତ ବାକ୍ୟର ବା ଯୁକ୍ତିର ମାହାତ୍ମ୍ୟ ପ୍ରତିପାଦିତ ହୋଇଥିବା ନିଶ୍ଚୟ କହିହେବ। ବାସ୍ତବରେ ଅନେକ କଥା ଯୁକ୍ତିରେ ନଥାଏ, ଥାଏ ବିଶ୍ୱାସରେ। ବହିରୁ ପଢ଼ିଥିବା ଶିକ୍ଷା ଯେତେବେଳେ ଉଚିତ ସ୍ଥାନରେ ଉପଯୁକ୍ତ ପ୍ରୟୋଗ ମାଧ୍ୟମରେ କୌଣସି ସଫଳତା ପ୍ରାପ୍ତି ହୁଏ, ସେତେବେଳେ ଉତ୍ତମ ଶିକ୍ଷା ଗ୍ରହଣ କରାଯାଇଛି ବୋଲି କହିହେବ। ଅତ୍ୟନ୍ତ ଆନନ୍ଦର ବିଷୟ ମହାମାରୀ କରୋନା ସଙ୍କଟ ବେଳେ ଦେଶର ସବୁ ଧର୍ମାନୁଷ୍ଠାନ ଓ ମଠ ମନ୍ଦିର ଉପରେ କଟକଣା ରହିଛି, ତାହାରି ଭିତରେ ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ଆଶ୍ଚର୍ଯ୍ୟ ଚକିତ କରୁଛି। ଏତେ ଶୃଙ୍ଖଳିତ ନୀତିକାନ୍ତି, ସମୟାନୁବର୍ତ୍ତିତା ପୂର୍ବରୁ କୌଣସି ରଥଯାତ୍ରାରେ ଦେଖିବାକୁ ମିଳି ନଥିଲା ବେଳେ ଖୋଦ ସେବାୟତମାନେ ବିନା ଭକ୍ତରେ ନିର୍ଦ୍ଧାରିତ ସମୟ ମଧ୍ୟରେ ତିନି ରଥକୁ ଶ୍ରୀମନ୍ଦିର ନିକଟରୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇବା ଚମତ୍କାରିତା ବୋଲି କହିହେବ। ଆଜିଯାଏ ଆମେ ଶୁଣି ଆସୁଥିଲେ ଶ୍ରୀମନ୍ଦିରରେ ସେବାୟତ ମାନଙ୍କ ଉଚ୍ଛୃଙ୍ଖଳ ବ୍ୟବହାର, ଭକ୍ତଙ୍କ ଦୁର୍ବ୍ୟବହାର ଭଳି ଅନେକ କଥା। ମାତ୍ର ଚଳିତବର୍ଷ ରଥଯାତ୍ରାରେ ସେବାୟତଙ୍କ ସହଯୋଗ, ମାର୍ଜିତ ବ୍ୟବହାରକୁ କେବଳ କଳା ଠାକୁରଙ୍କ ନିର୍ଦ୍ଦେଶ ବୋଲି ଅନୁଭବ କରିବାକୁ ପଡିବ। ଯେଉଁ ସେବାୟତଙ୍କୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଥାଏ ସେମାନେ କିଭଳି ଏତେ ସଂଯମୀ ଆଚରଣ କଲେ ଓ ମହାପ୍ରଭୁଙ୍କ ରଥଯାତ୍ରାରେ କୌଣସି ବିଘ୍ନ ଘଟିବାକୁ ଦେଲେନାହିଁ ତାହା ସବୁଠି ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, କୋଭିଡ କଟକଣା ଭିତରେ ନିୟମ ମାନି ମୁହଁରେ ମାସ୍କ ପିନ୍ଧି ସେବାୟତମାନେ ନିଜ ଭକ୍ତି ଓ ଶ୍ରୀଜଗନ୍ନାଥଙ୍କୁ ଭଲପାଇବାର ପ୍ରମାଣ ଦେବା ସହ ବିଶ୍ୱରେ ଏକ ନୂଆ ଉଦାହରଣ ସୃଷ୍ଟି କଲେ। ମାନବୀୟ ଦୃଷ୍ଟିକୋଣ ଓ ଭକ୍ତିଭାବ ସମାନ ସ୍ଥିତିରେ ପହଞ୍ଚିବା ସହଜ ହୋଇନଥାଏ। ତଥାପି ସାମାଜିକ ଜୀବନରେ ଶୃଙ୍ଖଳା ଆଣିବା ପାଇଁ ଆଧ୍ୟାତ୍ମିକ ମାର୍ଗର ଉପଯୋଗିତା ଭିତରେ ଶ୍ରୀଜଗନ୍ନାଥ ଚେତନାରେ ଉଦବୁଦ୍ଧ ହେବାରେ ଅନେକ ଅଲୌକିକତା ରହିଛି, ଏଥିରେ ଈଶ୍ୱରୀୟ ସତ୍ତା ଅନୁଭବ କରି ଲକ୍ଷ୍ୟପଥ ପାଇଥିବାର ଅଜସ୍ର ପ୍ରମାଣ ହିଁ ସିଦ୍ଧାନ୍ତ ଦେଇଥାଏ। ଚଳିତବର୍ଷ ଘୋଷଯାତ୍ରା ପୂର୍ବରୁ ଏଭଳି କିଛି ଦେଖା ଦେଇଥିଲା। ରଥଯାତ୍ରା ବନ୍ଦ କରିବା ନେଇ ପ୍ରଥମେ ଓଡ଼ିଶା ହାଇକୋର୍ଟ ଓ ପରେ ସର୍ବୋଚ୍ଚ ନ୍ୟାୟାଳୟକୁ ମାମଲା ଗଲା। ଯେଉଁଥିରେ ସର୍ବୋଚ୍ଚ ନ୍ୟାୟାଳୟରେ ରାଜ୍ୟ ସରକାର ଉପଯୁକ୍ତ ଓ ଆବଶ୍ୟକ ତଥ୍ୟ, ଯୁକ୍ତି ଉପସ୍ଥାପନ କରିନପାରିବାରୁ କରୋନାର ଭୟାବହତା ଓ ସଂକ୍ରମଣକୁ ଦୃଷ୍ଟିରେ ରଖି ମାନ୍ୟବର ଜଷ୍ଟିସ ରଥଯାତ୍ରା ନହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଓଡ଼ିଶା ସମେତ ଦେଶ ତଥା ଦେଶ ବାହାରେ ଥିବା ଜଗନ୍ନାଥପ୍ରେମୀଙ୍କ ମନରେ କ୍ଷୋଭ ଓ ଅସନ୍ତୋଷ ଦେଖାଦେଲା। ଏମିତି ହେଲା ଯେ, ଜଣେ ଅଣହିନ୍ଦୁ ଯୁବକ ନିଜଆଡକୁ ମାମଲାର ପୁନର୍ବିଚାର ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ମୋଡିଫିକେସନ ପିଟିସନ ଦେଲେ। ଏହାପରେ ବହୁ ବ୍ୟକ୍ତି, ସଂଗଠନ ମଧ୍ୟ ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ ଆଣି ପୁରୀ ରଥଯାତ୍ରାକୁ ଅନୁମତି ଦେବାକୁ ଦରଖାସ୍ତ କଲେ। ଏହାପରେ ଆଶା ଆଶଙ୍କା ବଢ଼ିଚାଲିଲା। କେହି କେହି ରଥଯାତ୍ରା ବନ୍ଦ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ଉପରେ କ୍ରୋଧ ପ୍ରକାଶ କଲେ ତ ଆଉ କେହି ରାଜ୍ୟ ସରକାରଙ୍କ ଚକ୍ରାନ୍ତ ଯୋଗୁଁ ଏଭଳି ହୋଇଛି ବୋଲି ଆଲୋଚନା କଲେ। ଗ୍ରୀଷ୍ମକାଳୀନ କୋର୍ଟ ଛୁଟି ସହ ରଥଯାତ୍ରାକୁ ଗୋଟିଏ ଦିନ ବାକି ଭିତରେ ପୁଣି ରଥଯାତ୍ରା ଅନୁଷ୍ଠିତ ହେବାର ଆଶା ଜାଗିଉଠିଲା। କାରଣ ପୁରୀ ଗଜପତି ମହାରାଜ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରିବର୍ତ୍ତନ ନିମନ୍ତେ ରାଜ୍ୟ ସରକାର ଉଦ୍ୟମ କରନ୍ତୁ ବୋଲି ପରାମର୍ଶ ଦେଲେ ସେହିଭଳି ହିନ୍ଦୁ ଧର୍ମର ମୁଖ୍ୟ ପରାମର୍ଶଦାତା ଓ ଦିଗଦର୍ଶକ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ମଧ୍ୟ ଏନେଇ ଅସନ୍ତୋଷ ବ୍ୟକ୍ତ କରି ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଲେ। ରଥଯାତ୍ରାକୁ ନେଇ ପୁରୀରୁ ପ୍ରଥମେ ଆରମ୍ଭ ହୋଇଥିବା ବିକ୍ଷୋଭ ଅନ୍ୟଆଡେ ମଧ୍ୟ ଦେଖାଦେଲା। ବରିଷ୍ଠ କଂଗ୍ରେସ ନେତା, ବିଧାୟକ ସୁର ରାଉତରାୟ ରଥଯାତ୍ରା ବନ୍ଦ ନିର୍ଦ୍ଦେଶ ଉପରେ ନିଜର ପ୍ରତିକ୍ରିୟା ଦେଇ ସର୍ବସମ୍ମୁଖରେ କାନ୍ଦି ପକାଇଲେ। ଜଗନ୍ନାଥଙ୍କ ଅପାର କରୁଣା କଥା କହି ସେ ଶ୍ରୀମନ୍ଦିର ପରମ୍ପରା କଥା ମଧ୍ୟ କହିଲେ। ଶାସକ ଦଳ ବ୍ୟତୀତ ଅନ୍ୟ ବିରୋଧ ଦଳ ନେତା ମଧ୍ୟ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବାକୁ ପଛେଇଲେ ନାହିଁ। ସବୁଆଡୁ ଯେପରି ରାଜ୍ୟ ସରକାରଙ୍କ ଉପରେ ଚାପ ପଡିବା ଦେଖିବାକୁ ମିଳିଲା। ଅନ୍ୟପକ୍ଷେ ଭକ୍ତଙ୍କ ଭାବାବେଗ ଓ ଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ ଉପରେ ଚିନ୍ତା କଲେ କେନ୍ଦ୍ର ସରକାର।

ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଘଟଣାର ଗମ୍ଭୀରତାକୁ ସ୍ଥିର କଲେ। ଉକ୍ତଦିନ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକରେ କେନ୍ଦ୍ର ଗୃହମନ୍ତ୍ରୀ ଏନେଇ ପୁରୀ ଗଜପତିଙ୍କ ସହ କଥାବାର୍ତ୍ତା କଲେ। କେନ୍ଦ୍ରର ସମ୍ମତି ପରେ ରାଜ୍ୟ ସରକାର ନିଜର ସମ୍ମତି ପ୍ରଦାନ କରିବା ପୂର୍ବକ ରଥଯାତ୍ରା ହେବାକୁ ବଳିଷ୍ଠ ତଥ୍ୟ ଉପସ୍ଥାପନ ପାଇଁ ପ୍ରସ୍ତୁତ ରହିଲେ। ଦିନ ୧୧ଟାରେ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହେବା ପରେ ସବୁଠି ଉତ୍କଣ୍ଠା ଦେଖାଦେଲା। କେନ୍ଦ୍ରର ସମ୍ମତି ପରେ ରାଜ୍ୟ ସରକାର ପକ୍ଷ ରଖିବା ନେଇ ସୂଚନା ପରେ ସବୁ ଜଗନ୍ନାଥ ପ୍ରେମୀଙ୍କ ମନରେ ରଥଯାତ୍ରାକୁ ନେଇ ଉନ୍ମାଦନା ଦେଖାଦେଲା। ଏହାପରେ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ପୁରୀ ଗସ୍ତ କଲେ। ପୁରୀ ଜିଲ୍ଲା ପ୍ରଶାସନ ଓ ମ୍ୟୁନିସିପାଲଟି ବଡଦାଣ୍ଡରୁ ଉଠାଦୋକାନୀଙ୍କୁ ହଟାଇବା ନିର୍ଦ୍ଦେଶ ଦେବା ପରେ ଏହି ଖବରକୁ ଟେଲିଭିଜନ ମାଧ୍ୟମରେ ଦେଖୁଥିବା ଜଗନ୍ନାଥପ୍ରେମୀଙ୍କ ମନରେ ବିଶ୍ୱାସ ବଢ଼ିଗଲା ଯେ, କାଲିଆର ଘୋଷଯାତ୍ରା ନିଶ୍ଚିତ ହେବ। ରଥ ଗଡିବ। ଅନ୍ୟପଟେ ସୁପ୍ରିମ୍‌କୋର୍ଟଙ୍କ ଶୁଣାଣି ଉପରେ ମଧ୍ୟ ସଭିଙ୍କ ନଜର ରହିଥାଏ। ଏହାରି ଭିତରେ ଏକ ସକରାତ୍ମକ ଖବର ଅପେକ୍ଷାରେ ସମସ୍ତେ ରହିଥିଲେ। ତାହା ହିଁ ଘଟିଲା, ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ମହିମା ପ୍ରକଟ କଲେ। ସୁପ୍ରିମ୍‌କୋର୍ଟ କରୋନାକୁ ଦୃଷ୍ଟିରେ ରଖି କେତେକ ସର୍ତ୍ତ ସହ ପୁରୀ ରଥଯାତ୍ରାକୁ ସବୁଜ ସଙ୍କେତ ଦେଲେ। ଏହାପରେ ସବୁଠି ଜୟ ଜଗନ୍ନାଥ ଧ୍ୱନୀ ଶୁଭିଥିଲା। ହାତରେ ସ୍ୱଳ୍ପ ସମୟ ଥିବାରୁ ରାଜ୍ୟ ସରକାର ତିନି ବିଭାଗର ମନ୍ତ୍ରୀଙ୍କୁ ରଥଯାତ୍ରା ତଦାରଖ ପାଇଁ ପୁରୀକୁ ପଠାଇଲେ। ବଡଦାଣ୍ଡ ସଫେଇ ଠାରୁ ଆରମ୍ଭ କରି ସୁରକ୍ଷା ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ତ୍ୱରିତ ହୋଇଥିଲା, ଯାହାଫଳରେ ବିନା ଭକ୍ତରେ ପୁରୀରେ ଘୋଷଯାତ୍ରା ଆରମ୍ଭ ହେଲା। ଏଥିରେ ସେବାୟତଙ୍କ ନିଷ୍ଠା, ଆନ୍ତରିକତା ସହ ପ୍ରଶାସନର ଦକ୍ଷତା ନିଶ୍ଚୟ ସ୍ୱାଗତଯୋଗ୍ୟ ଓ ପ୍ରଶଂସାର କାର୍ଯ୍ୟ। ତେବେ ପ୍ରଶ୍ନ ଉଠୁଛି, ଯଦି ଗୋଟିଏ ଦିନ ଭିତରେ ରଥଯାତ୍ରା ଆୟୋଜନ କରି ସଫଳ କରାଯାଇପାରିଲା ଆରମ୍ଭରୁ ରାଜ୍ୟ ସରକାର ସକାରାତ୍ମକ ଆଭିମୁଖ୍ୟ ଦେଖାଇଲେ ନାହିଁ କାହିଁକି ? କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହିଁ ସନ୍ଦେହ ସୃଷ୍ଟି କରିଛି।

# ଓଡ଼ିଶା ଫେରନ୍ତାଙ୍କ ପାଇଁ କୃଷି କ୍ଷେତ୍ରରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେଉ

**ଡ. ଡି.ବି.ହୃଦୟ**

ଆଜି ସମଗ୍ର ବିଶ୍ୱ ମହାମାରୀ କରୋନାରେ କବଳିତ। ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ସାଙ୍ଗକୁ କୋଭିଡ୍-୧୯ ଆମ ପାଇଁ ଆଉ ଏକ ଚାଲେଞ୍ଜ। ଏହି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ବଇରୀ ସାଜିଛି। ବିଭିନ୍ନ ବିପଦକୁ ସାମ୍ନା କରିବା ପାଇଁ ଶକ୍ତି ଓ ସମ୍ବଳର ସମ୍ଭାବନା କେତେ ଆଜି ଏହା ଏକ ପ୍ରଶ୍ନବାଚୀ ? ଏପରି ପରିସ୍ଥିତିରେ ପ୍ରତ୍ୟେକ ଲୋକ ନିଜକୁ ସୁରକ୍ଷା ଦେଇ ଅନ୍ୟକୁ ସୁରକ୍ଷା ଦେବାର ଆହ୍ୱାନ ଆସିଛି। ଏହି ମହାମାରୀ କରୋନା ସମୟରେ ଆମ ରାଜ୍ୟର ବାହାରେ ଥିବା ଲୋକ ନିଜ ଘରକୁ ଫେରି ଆସିବାର ସୁଅ ଛୁଟିଛି। ଏହା ମଧ୍ୟ ଆମ ପାଇଁ ରୋଗ ବାରଣ ନିମିତ୍ତ ଆହ୍ୱାନ ହେଲେ ମଧ୍ୟ ସଂଜ୍ଞମତା ଓ ସତର୍କତା ପାଇଁ ଦାୟିତ୍ୱ ମଧ୍ୟ। ଏହି ପରିପ୍ରେକ୍ଷୀରେ ପରିସ୍ଥିତିକୁ ମୁକାବିଲା କରିବା ଏବଂ ସୀମିତ ସମ୍ବଳକୁ ପୁଞ୍ଜିକରି ବଞ୍ଚିବା ପାଇଁ ବ୍ୟବସ୍ଥାର ପଥ ନିରୁପଣ ଜରୁରୀ। ରାଜ୍ୟରେ ଯେପରି ବେକାରୀ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି ପ୍ରବାସୀ ଓଡ଼ିଆଙ୍କର ମିଳନରେ ଆମ ରୋଜଗାର ପନ୍ଥାକୁ ଏକ ଜଟିଳ ପରିସ୍ଥିତିରେ ପହଞ୍ଚାଇଛି। ଏପରି ସ୍ଥିତିରେ ବେକାରୀ ଓ ପ୍ରବାସୀ ଓଡ଼ିଆଙ୍କ ପାଇଁ ସରକାରଙ୍କ ପକ୍ଷରୁ କୃଷି କ୍ଷେତ୍ରରେ ବିଭିନ୍ନ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବା ଏକାନ୍ତ ଜରୁରୀ।

ଆମ ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପାଇଁ ପ୍ରଚୁର କଞ୍ଚାମାଲ ଅଛି। ପ୍ରକୃତି ଦତ୍ତ ଅନେକ ସୁଯୋଗ ମଧ୍ୟ ରହିଛି। ଦିନ ଥିଲା ଘରୋଇ ଉତ୍ପାଦନ କ୍ଷେତ୍ରରେ କୃଷି କ୍ଷେତ୍ରକୁ ୫୦ ପ୍ରତିଶତ ଅବଦାନ ଥିବା ବେଳେ ଆଜି ୧୫ ରୁ ୨୦ ପ୍ରତିଶତରେ ପହଞ୍ଚିଛି। ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ଅନୁପାତରେ ଚାଷ ଜମି ସଙ୍କୁଚିତ ହେବାରେ ଲାଗିଛି। ଯାହାକି ଭବିଷ୍ୟତ ପାଇଁ ଖାଦ୍ୟ ନିରାପତ୍ତା ନିମନ୍ତେ ଏକ ବିପଦକୁ ଏଡ଼େଇ ଦିଆ ଯାଇ ନ ପାରେ। ଚାଷୀ ପରିବାରର ଭେଣ୍ଡିଆ ଯୁବକମାନେ ମଧ୍ୟ ଚାଷ କାର୍ଯ୍ୟରୁ ମୁହଁ ବୁଲାଉଛନ୍ତି। ଏହା ମଧ୍ୟ ଆମ ରାଜ୍ୟର ପ୍ରଗତିର ଏକ ଅଶୁଭ ଲକ୍ଷଣ। ଗ୍ରାମାଞ୍ଚଳର କୃଷିଜୀବି ମହିଳାମାନେ ପୂର୍ବ ପରି କୃଷି କ୍ଷେତ୍ରରେ ଯେପରି ଅଧିକରୁ ଅଧିକ ସହଭାଗୀ ଥିଲେ ବର୍ତ୍ତମାନ ଏହାର ବ୍ୟତିକ୍ରମ ଘଟିଛି। କେବଳ ଆଦିବାସୀ ଅଧ୍ୟୁଷିତ ପାର୍ବତ୍ୟ ଅଞ୍ଚଳର କୃଷିଜୀବି ମହିଳାମାନେ ୮୦ ପ୍ରତିଶତ କୃଷି କ୍ଷେତ୍ରରେ ନିୟୋଜିତ ଥିବା ବେଳେ ୨୦ ପ୍ରତିଶତ ପୁରୁଷ ଚାଷ କାର୍ଯ୍ୟକୁ ଆବୋରେଇ ଥିଲେ ମଧ୍ୟ କୃଷି ବିକାଶ ଧାରାରେ ସେତିକି ପରିମାଣରେ ସାମିଲ ହୋଇ ପାରୁ ନାହାନ୍ତି। ଈଶ୍ୱରଙ୍କ କୃପାରୁ ଓଡ଼ିଶାରେ ଚାଷ ଓ ତତ୍‌ସଲଗ୍ନ ଚାଷ କରିବାପାଇଁ ପ୍ରଯ୍ୟାପ୍ତ ସୁଯୋଗ ରହିଛି। ସରକାରୀ ସ୍ତରର ବିଭିନ୍ନ କୃଷି ଯୋଜନା ଓ କୃଷିଜୀବିମାନଙ୍କର ଆଗ୍ରହ ଓ ତତ୍ପରତା, ସମନ୍ୱୟ ସଠିକ୍ ଭାବରେ ରହିପାରିଲେ ଏହା ବାସ୍ତବାଭିମୁଖୀ ହେବାରେ କୌଣସି ଅସୁବିଧା ହେବ ନାହିଁ। ବର୍ତ୍ତମାନର ଅନିୟମିତ ଜଳବାୟୁ ପ୍ରଭାବରେ ଚାଷ କ୍ଷେତ୍ର ଅନେକ ସମୟରେ ପ୍ରଭାବିତ। ଚାଷୀ ଉତ୍ପାଦନ କରୁଥିବା କୃଷିଜାତ ଦ୍ରବ୍ୟର ସୁ ବିପଣନ, ସଂରକ୍ଷଣ, ରପ୍ତାନୀ, ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ପାଇଁ ଆବଶ୍ୟକ ମୁତାବକ କୃଷି ଭିତ୍ତିଭୂମି ନ ଥିବା ଯୋଗୁ ଚାଷୀ ବହୁ ସମୟରେ ଅଭାବି ବିକ୍ରୀର ଶିକାର ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବାର ଅନେକ ନଜିର ରହିଛି। ଓଡ଼ିଶା ରାଜ୍ୟରେ ଯଦି କୃଷି ଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ଓ ଆବଶ୍ୟକସ୍ଥଳେ ନୂତନ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଏ ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ନିଶ୍ଚୟ ଭାବରେ କମି ପାରିବ। ରାଜ୍ୟରେ ପୂର୍ବରୁ ଥିବା ସୁତାକଳ, ଚିନିକଳ, ତେଲକଳଗୁଡ଼ିକର ପୁନରୁଦ୍ଧାର ହେବା ଏକାନ୍ତ ଜରୁରୀ। ସେହିଭଳି ଭାବରେ ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର, ସୁବର୍ଣ୍ଣପୁର, ନୂଆପଡ଼ା ପ୍ରଭୃତି ଅଞ୍ଚଳରେ ଓଡ଼ିଶାର ଧଳାସୁନା କପା ଉତ୍ପାଦନର ଯଥେଷ୍ଟ ସୁଯୋଗ ରହିଛି। ଯାହାକି ସୁତାକଳ ପାଇଁ ଯଥେଷ୍ଟ ସହାୟକ ହେବା ସହିତ ପ୍ରବାସୀ ଓଡ଼ିଆଙ୍କ ନିଯୁକ୍ତି ପାଇଁ ଏକ ବାଟ ବାହାରିବ। କୋରାପୁଟ ଜିଲ୍ଲାର ଶିମିଳିଗୁଡ଼ା, ପଟ୍ଟାଙ୍ଗୀ ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅଦା ଓ ହଳଦୀ ଚାଷର ଯଥେଷ୍ଟ ଚାହିଦା ରହିଛି। ଏହି ଅଞ୍ଚଳରୁ ଉତ୍ପାଦିତ ଅଦା ଓ ହଳଦୀକୁ ମେଗା ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତି କରାଯାଇ ବାହାର ରାଜ୍ୟ ଓ ଦେଶ ବିଦେଶକୁ ରପ୍ତାନୀ କରାଗଲେ ସ୍ଥାନୀୟ ଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ନିଶ୍ଚୟ ହୋଇ ପାରିବ। ନବରଙ୍ଗପୁର ଜିଲ୍ଲାର ମକା ଓ ଅନ୍ୟ କେତେଗୋଟି ଜିଲ୍ଲାରେ ଉତ୍ପାଦିତ ହେଉଥିବା ସୁଇଟ୍ କର୍ଣ୍ଣ ମକାର ଯଥେଷ୍ଟ ଚାହିଦା ରହିଛି। ସେହିପରି ଦେବଗଡ଼ ଜିଲ୍ଲାରେ ଲିଚୁ ଓ ତରଭୁଜ ଚାଷ ଯଥେଷ୍ଟ କରାଯାଉଛି। ଚାଷୀଙ୍କ ପାଇଁ ଏହି ଦିଗରେ ଅଧିକ ସୁଯୋଗ ସୃଷ୍ଟି କରାଗଲେ ଚାଷୀମାନେ ଅଧିକ ଦି ପଇସା ପାଇ ପାରିବେ। କାଜୁ ଚାଷ ପାଇଁ ମଧ୍ୟ ଯଥେଷ୍ଟ ଭିତ୍ତିଭୂମି ରହିଛି ଏବଂ କାଜୁ ଉତ୍ପାଦନ କରାଯାଇ ପ୍ରୋସେସିଂର ବ୍ୟବସ୍ଥା ଅଗ୍ରଗତି କରାଯାଇ ପାରିବ।

ସରକାରଙ୍କ ପକ୍ଷରୁ ଗୋ ପାଳନ, ଛାଗ ମେଷ, କୁକ୍କୁଟ ଓ ବତକ ଚାଷ ପାଇଁ ମଧ୍ୟ ଅଧିକ ସୁଯୋଗ ସୃଷ୍ଟି କରାଯାଇଛି। କିନ୍ତୁ ଏହାକୁ ବ୍ୟାପକତା କରିବା ଅତି ଜରୁରୀ। ମତ୍ସ୍ୟ ଚାଷ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅଗ୍ରଗତି କରିଥିଲେ ମଧ୍ୟ ବହୁ ସମୟରେ ଆନ୍ଧ୍ର ଉପରେ ମାଛ ପାଇଁ ଆମକୁ ନିର୍ଭର କରିବାକୁ ପଡୁଛି। ତେଣୁ ସରକାରଙ୍କ ମୋ ପୋଖରୀ ଯୋଜନାରେ ଅଧିକରୁ ଅଧିକ ସାମିଲ ହେଲେ ସାଧାରଣତଃ ମାଛ ଉତ୍ପାଦନରେ ଅନ୍ୟ ଏକ ସୁବିଧା ମିଳିପାରିବ। ସେହିଭଳି ଆଳୁ ଓ ପିଆଜ ଚାଷ ପାଇଁ ସୁଯୋଗ ରହିଛି। ରାଜ୍ୟରେ ବର୍ଷକୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ଓ ୬ ଲକ୍ଷ ଟନ୍ ପିଆଜର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ଓଡ଼ିଶାରେ ବର୍ଷକୁ ପ୍ରାୟ ୨ ଲକ୍ଷ ଟନ୍ ଆଳୁ ଓ ୧ ଲକ୍ଷ ଟନ୍ ପିଆଜ ଉତ୍ପାଦନ କରାଯାଉଛି। ବ୍ୟବସ୍ଥା ଅନୁଯାୟୀ ଏହାର ମଧ୍ୟ ସଂପ୍ରସାରଣ ଏକାନ୍ତ ଜରୁରୀ। ଦୁଗ୍ଧ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେବାକୁ ଯାଉଥିବା ବେଳେ ମଧ୍ୟ ଅନେକ କ୍ଷେତ୍ରରେ ବହୁ ବାଧା ବିଘ୍ନ ଉପୁଜୁଛି। ଫଳରେ ଦୁଗ୍ଧ ଚାଷୀମାନେ ଅନେକ ସମୟରେ ଅଭାବି ବିକ୍ରିର ଶିକାର ହେଉଛନ୍ତି ଏବଂ ଉପଯୁକ୍ତ ମୂଲ୍ୟ ପାଇ ପାରୁ ନାହାନ୍ତି। ଯଦି ସରକାରଙ୍କ ପକ୍ଷରୁ ଶିଶୁମାନଙ୍କର ପୁଷ୍ଟିସାର ପାଇଁ ରାଜ୍ୟର ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ଛୋଟ ପିଲାମାନଙ୍କୁ ମାଗଣାରେ ଦୁଗ୍ଧପାନ ପାଇଁ ବ୍ୟବସ୍ଥା କରାଯାଇ ପାରିବ, ଚାଷୀମାନେ ସରକାରଙ୍କଠାରୁ ଦୁଇ ପଇସା ଅଧିକ ପାଇ ପାରିଲେ ସେମାନଙ୍କ କ୍ଷତି ଭରଣାରେ ସହାୟକ ହୋଇ ପାରିବ।

ସରକାରଙ୍କ ଘୋଷିତ ନୂତନ ସଂଶୋଧିତ ସମୃଦ୍ଧି କୃଷିନୀତିରେ ବହୁତଗୁଡ଼ିଏ ସକାରାତ୍ମକ ଆଭିମୁଖ୍ୟ ରହିଅଛି। ସେଗୁଡ଼ିକୁ ଆମ ଚାଷୀଭାଇମାନେ ଅଧିକରୁ ଅଧିକ ଜାଣିବା ଉଚିତ୍। ଆଗ କାଳରେ କଥା ଥିଲା ବନ୍ଦର କଉଡ଼ି ପନ୍ଦର ଦିନକୁ ଚାକିରୀ ପଇସା ମାସେ। ହିଡ଼ ମାଟି ଯଦି ହିଡ଼େ ଲଦୁଥିବ ବସି ଖାଇବ ବରଷେ। ଅର୍ଥାତ- ବାହାର ରାଜ୍ୟରେ ରହି ନିଜକୁ ପ୍ରବାସୀ ଓଡ଼ିଆ ପରିଚୟ ଦେବା ଅପେକ୍ଷା ନିଜ ଚାଷ କ୍ଷେତ୍ରରେ ନିୟୋଜିତ ରହି ସ୍ୱାଭିମାନ ହେବାର ସୁଯୋଗ ସୃଷ୍ଟି କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। କିନ୍ତୁ ଅନେକ ସମୟରେ ସରକାରଙ୍କ ଯୋଜନାଗୁଡ଼ିକ ସାଧାରଣ ଚାଷୀଟିଏ ପାଖରେ ପହଞ୍ଚିବା କ୍ଷେତ୍ରରେ ବାଧକ ସୃଷ୍ଟି କରିଥାଏ। ଫଳରେ ଚାଷୀ ଆଶାଶୂନ୍ୟ ହୋଇ ବାହାରକୁ ଯିବା ପାଇଁ ଦାଦନ ଶ୍ରମିକ ରୂପେ ବାଟ ଖୋଜେ। ତେଣୁ ଏହାର ନିରାକରଣ ବ୍ୟବସ୍ଥା ପ୍ରତି ଜନସାଧାରଣ ଓ ସରକାର ଶତତ ଉଦ୍ୟମ କରିବା ବାଞ୍ଛନୀୟ।

*ନିର୍ଦ୍ଦେଶକ- ଓଡ଼ିଶା ଫଲୋ ଅପ୍*
*ବିଶିଷ୍ଟ ସମାଜସେବୀ*
*ସା/ପୋ- କୁରୁଡ଼ା, ବାଲେଶ୍ୱର*

# ପଶୁଧନ କ୍ଷେତ୍ରରେ ଆଶାର କିରଣ

**ତପନ କୁମାର ମିଶ୍ର**

'ଘିଅ ମହୁରେ ଭାସିବା' କଥାଟି ଯାହା ଓଡ଼ିଆରେ କୁହାଯାଏ ତାହା ସମୃଦ୍ଧି, ସ୍ୱାବଲମ୍ବନ, ପୁଷ୍ଟିସାଧନ ଓ ସ୍ୱଚ୍ଛଳତା ସହ ସଂପୃକ୍ତ । ସଭ୍ୟତାର କେଉଁ ପୁରୁଣା କାଳରୁ ମଣିଷ ଚାଷବାସ ସହ ପଶୁଧନକୁ ଜୀବିକା ଅର୍ଜନର ପନ୍ଥା ଭାବେ ଗ୍ରହଣ କରି ନେଇଛି। ଗୃହପାଳିତ ପଶୁପକ୍ଷୀଙ୍କ ସହିତ ଆଉକିଛି ବେଉସା କରି ମଣିଷ ତା'ର ଖାଦ୍ୟ ଓ ଅର୍ଥନୈତିକ ଆବଶ୍ୟକତା ପୂରଣ କରିଆସୁଛି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ଏହି ପ୍ରାଣୀଧନ ବା ପଶୁସଂପଦ କ୍ଷେତ୍ରଟି ବଡ଼ ବ୍ୟାପକ ଏବଂ ଏଥିରେ ପଶୁପକ୍ଷୀ ମାଛ, ମାଂସ, ମହୁମାଛି, ଟସରପୋକ ଠାରୁ ଆରମ୍ଭ କରି ରୋଜଗାର ତଥା ଖାଦ୍ୟ ଯୋଗାଉଥିବା ଅନେକ ଜୀବଜନ୍ତୁ ସଂପୃକ୍ତ।

ବିଂଶତମ ପ୍ରାଣୀଧନ ଗଣନାନୁସାରେ ଭାରତରେ ଗୋରୁ ଓ ମଇଁଷିଙ୍କ ସଂଖ୍ୟା ଯଥାକ୍ରମେ ୧୯୨.୫ ଓ ୧୦୯.୯ ନିୟୁତ। ଏହି ଉଭୟ ପ୍ରାଣୀ ସଂଖ୍ୟା ଅନୁସାରେ ଭାରତ ପୃଥିବୀରେ ପ୍ରଥମ। ଭାରତ ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଛି। ୨୦୧୭-୧୮ ତଥ୍ୟ ଅନୁସାରେ ଭାରତରେ ବାର୍ଷିକ ୧୭୬.୩୪ ନିୟୁତ ଟନ୍ ଦୁଧ ଉତ୍ପାଦିତ ହୁଏ । ସେହିଭଳି ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଛେଳି (୧୪୮.୮୮ ନିୟୁତ) ଦ୍ୱିତୀୟ ସର୍ବାଧିକ କୁକୁଡ଼ାଆଦି ପକ୍ଷୀ ଅଛନ୍ତି। ମେଣ୍ଢାଙ୍କ ସଂଖ୍ୟା ୭୪.୨୬ ନିୟୁତ, ଯାହା ବିଶ୍ୱରେ ମଧ୍ୟ ତୃତୀୟ ସର୍ବାଧିକ । ମାଛ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହାଛଡ଼ା ଅଣ୍ଡା ଓ ମହୁ ଆଦି ଉତ୍ପାଦନରେ ଦେଶ ମଧ୍ୟ ତୁଳନାତ୍ମକ ଭାବେ ଯଥେଷ୍ଟ ଆଗୁଆ। ୨୦୧୯ ତଥ୍ୟ ଅନୁସାରେ ଭାରତର ମୋଟ ପଶୁଧନ ବଜାରର ମୂଲ୍ୟ ୯୦ ହଜାର କୋଟି ଟଙ୍କା। ଦେଶର ୨୦.୫ ନିୟୁତ ଲୋକ ଏହି ପଶୁପକ୍ଷୀଧନ ଉପରେ ନିର୍ଭର କରି ଜୀବିକା ଅର୍ଜନ କରିଥାନ୍ତି। ଛୋଟ ଓ ନାମମାତ୍ର ଚାଷୀଙ୍କ ମୋଟ ଆୟର ୧୬ ଶତାଂଶ ଏହି କ୍ଷେତ୍ରରୁ ଆସେ। ଗ୍ରାମାଞ୍ଚଳର ଦୁଇ-ତୃତୀୟାଂଶ ପରିବାରକୁ ଏହି ଉଦ୍ୟୋଗ ଦାନା ଯୋଗାଏ। ପଶୁଧନ କ୍ଷେତ୍ରରେ ଭାରତର ୮.୮ ଶତାଂଶ ଲୋକ ନିଯୁକ୍ତ। ଏହା ସତ୍ୱେ ପଶୁଧନ ଓ ତତ୍ ସଂଲଗ୍ନ କ୍ଷେତ୍ରର ଜି.ଡ଼ି.ପିକୁ ଅବଦାନ ମାତ୍ର ୪.୧୧ ଶତାଂଶ। ଅବଶ୍ୟ ମୋଟ କୃଷି ଜି.ଡ଼ି.ପି.ରେ ଏହାର ଅଂଶ ୨୫.୬ ଭାଗ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତର ଜନସଂଖ୍ୟାର ଏକ ବଡ଼ଭାଗ ନିରାମିଷାସୀ । ତେଣୁ ସେମାନେ ଦୁଧ ଓ ଦୁଗ୍ଧ ଜାତୀୟ ସାମଗ୍ରୀ ଉପରେ ନିର୍ଭରଶୀଳ। ଦ୍ୱିତୀୟ କଥାଟି ହେଲା ଭାରତରେ ଦୁଧ, ଅଣ୍ଡା, ମାଛ ଓ ମାଂସ ପ୍ରଚୁର ପରିମାଣରେ ମିଳୁଥିଲେ ହେଁ ଅର୍ଥାଭାବ ଯୋଗୁଁ ଅନେକ ଲୋକ ଏହାକୁ ସବୁବେଳେ ଖାଇପାରିନଥାନ୍ତି। ସୁଖର କଥା କ୍ରମଶଃ ଲୋକଙ୍କ ଆୟ ବୃଦ୍ଧି ଓ ଜୀବନ ଧାରଣ ମାନରେ ଉନ୍ନତି ଆସୁଥିବାରୁ ଦେଶରେ ଦୁଧ, ଦୁଗ୍ଧଜାତ ସାମଗ୍ରୀ ତଥା ମାଛ, ମାଂସ ଆଦିର ଚାହିଦା ବଢୁଛି। ତଥାପି ଏସବୁ ସାମଗ୍ରୀର ରପ୍ତାନୀ କ୍ଷେତ୍ରରେ ଭାରତର ପ୍ରଦର୍ଶନ ସେତେ ଭଲ ନୁହେଁ। ତେଣୁ ଯେଉଁମାନେ ପଶୁଧନ ଉପରେ ନିର୍ଭର କରି ଚଳୁଛନ୍ତି, ବିଶେଷ କରି ଚାଷୀ ଓ ସ୍ୱଳ୍ପ ରୋଜଗାରୀ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସୁନାହିଁ। ମାଛ, ମାଂସ, ଅଣ୍ଡା, ଚମଡ଼ା, ପ୍ରକ୍ରିୟାକୃତ ଦୁଧ, ଦହି, ଛେନା, ଘିଅ, ଲହୁଣି ଆଦିର ରପ୍ତାନୀ ବଢ଼ାଇବାକୁ ଗତ କିଛିକାଳ ଧରି ନିରନ୍ତର ଉଦ୍ୟମ ଅବଶ୍ୟ ଚାଲିଛି। ଏଥିପାଇଁ ବାହାରେ ମଧ୍ୟ ବେଶ୍ ଭଲ ବଜାର ରହିଛି। ତେଣୁ ଏହି କ୍ଷେତ୍ରର ଯେଉଁ ବିପୁଳ ସମ୍ଭାବନା ରହିଛି ତାହାକୁ ସାକାର କରିବାକୁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଭିନ୍ନ ସମୟରେ କାର୍ଯ୍ୟକାରୀ କରୁଛନ୍ତି। ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଲୋକଙ୍କୁ ନିଯୁକ୍ତି ଓ ରୋଜଗାର ସୁଯୋଗ ଦେବା ଏବଂ ଚାଷୀଙ୍କ ଆୟବୃଦ୍ଧି କରାଇ ସେମାନଙ୍କୁ ସମର୍ଥ ଓ ସଶକ୍ତ କରିବା।

କୋଭିଡ଼ – ୧୯ ର ପ୍ରଭାବ ଅର୍ଥନୀତିର ସବୁକ୍ଷେତ୍ର ଭଳି ଚାଷବାସ ଓ ତତ୍ ସଂଲଗ୍ନ କ୍ଷେତ୍ର ଉପରେ ପଡ଼ିଛି। ତେଣୁ କେନ୍ଦ୍ର ସରକାର ଆତ୍ମନିର୍ଭରଶୀଳ ଭାରତ ଯୋଜନା ଘୋଷଣା କରି ବିଭିନ୍ନ ଉଦ୍ୟୋଗ ଓ କ୍ଷେତ୍ରକୁ କରୋନା ପ୍ରଭାବରୁ ଉଦ୍ଧାର କରିବାକୁ ଉଦ୍ୟମ କରୁଛନ୍ତି ସେଥିରେ କୃଷି ଓ ତତ୍‌ସଂଲଗ୍ନ ପଶୁଧନ ଉଦ୍ୟୋଗ ରହିଛି। ଏଥିପାଇଁ ପ୍ରାଣୀସଂପଦ ବା ପଶୁଧନ କ୍ଷେତ୍ର ପାଇଁ ୧୫ ହଜାର କୋଟି ଟଙ୍କାର ଭିତିଭୂମି ବିକାଶ ପାଣ୍ଠି ସୃଷ୍ଟିର ବ୍ୟବସ୍ଥା କରାଯାଇଛି। ଏ ସଂକ୍ରାନ୍ତ ପ୍ରସ୍ତାବଟି ବୁଧବାର କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନୁମୋଦନ ଲାଭ କରିଛି। ସରକାର ଏହି କ୍ଷେତ୍ର ପାଇଁ ଯେଉଁ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରିଛନ୍ତି ତଦନୁସାରେ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ଋଣ ଉପରେ ତିନି ଶତାଂଶ ସୁଧ ରିହାତି ଦିଆଯିବ। ଘରୋଇ କ୍ଷେତ୍ରକୁ ଭିତିଭୂମି ବିକାଶ ଓ ବ୍ୟବସାୟ ପାଇଁ ଅନୁମତି ମିଳିବା ସହ ଦୁଗ୍ଧ ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକ ମୌଳିକ ସୁବିଧା ସୁଯୋଗ ସରକାର ଯୋଗାଇଦେବେ। ଏହି କ୍ଷେତ୍ରର ଉତ୍ପାଦିତ ସାମଗ୍ରୀକୁ ମୂଲ୍ୟ ମିଶ୍ରିତ କରି ରପ୍ତାନୀକୁ ପ୍ରୋତ୍ସାହିତ କରାଯିବ। ଏହାଫଳରେ ଚାଷୀ ଉପକୃତ ହେବେ ଏବଂ ସେମାନଙ୍କ ଆୟ ବଢ଼ିବ। ଏହି କ୍ଷେତ୍ରର ବିକାଶ ଓ ସଂପ୍ରସାରଣ ଦ୍ୱାରା ଅଧିକରୁ ଅଧିକ ରୋଜଗାର ସୃଷ୍ଟି ହେବ ଏବଂ ୩୫ ଲକ୍ଷ ଲୋକ ନିଯୁକ୍ତିର ସୁଯୋଗ ପାଇବେ ବୋଲି ସରକାର ଆଶା ରଖିଛନ୍ତି। ସବୁଠୁ ବଡ଼ କଥା ହେଲା ଯେ, ଅସଂଗଠିତ କ୍ଷେତ୍ରରେ ରହି ଉପଯୁକ୍ତ ବଜାର ଏବଂ ବିକ୍ରିବଟା ସୁଯୋଗ ପାଉନଥିବା ଅଧିକରୁ ଅଧିକ ଗୋପାଳକ ଏବଂ ଚାଷୀ ବ୍ୟବସ୍ଥିତ ତଥା ସଂଗଠିତ ଡ଼େରୀ ଉଦ୍ୟୋଗରେ ସାମିଲ ହୋଇପାରିବେ।

ସରକାର ନୂଆ ବ୍ୟବସ୍ଥାରେ ଦେଶରେ ଦୁଗ୍ଧ ପ୍ରକ୍ରିୟାକରଣ କ୍ଷମତା ବର୍ତମାନର ୫୩.୫୫ ନିୟୁତ ମେଟ୍ରିକ୍ ଟନ୍‌ରୁ ୧୦୮ ନିୟୁତ ମେଟ୍ରିକ୍ ଟନ୍‌କୁ ବଢ଼ାଇବାର ଲକ୍ଷ୍ୟ ରଖିଛନ୍ତି। ଏହା ସହିତ ଦୈନିକ ଦୁଗ୍ଧ ଶୀତଳୀକରଣ କ୍ଷମତା ଦୈନିକ ତିନିହଜାର ଲକ୍ଷ ଲିଟର କରିବାର ଲକ୍ଷ୍ୟ ରଖାଯାଇଛି। ଯେଉଁ କ୍ଷେତ୍ରଟି ବିଭିନ୍ନ କାରଣରୁ ବିକଶିତ ହୋଇପାରୁନଥିଲା ତାହାକୁ ବିକାଶର ଏକ ନୂଆ ରାହା ଦେବାରେ କରୋନା ମହାମାରୀ ସଫଳ ହୋଇଛି କହିଲେ ଭୁଲ୍ ହେବ ନାହିଁ। ଏଥିପାଇଁ ଠିକଣା ସମୟରେ ସରକାର ଉପଯୁକ୍ତ ପଦକ୍ଷେପ ନେଇ ତାଙ୍କର ରାଜନୈତିକ ଇଚ୍ଛାଶକ୍ତି ଓ କୃଷକ କଲ୍ୟାଣ ଆଭିମୁଖ୍ୟର ଯଥାର୍ଥ ପରିଚୟ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସଂପଦ ଯୋଜନା ଅଧୀନରେ ଇତି ମଧ୍ୟରେ ବୃହତ୍ ଫୁଡ଼ପାର୍କ, ସମନ୍ୱିତ ଶୀତଳ ଜଂଜିର, ଆଗ୍ରୋପ୍ରସେସିଂ ଭାଲ୍ୟୁ ଆଡ଼ିସନ୍ ଭିତିଭୂମି, ନୂଆ ଉପାୟରେ ମାଛ ଓ ମହୁଚାଷ ଆଦି ପାଇଁ ଭିତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏବେ ପ୍ରାଣୀ ସଂପଦ ବିକାଶ କ୍ଷେତ୍ରରେ ନୂଆ ପ୍ରୟାସ ଦ୍ୱାରା ଚାଷୀଙ୍କୁ ଉତମ ବଜାର ମିଳିବ ଏବଂ ସେମାନଙ୍କର ସାମଗ୍ରୀର ବିକ୍ରିବଟା ତଥା ବିପଣନ ପାଇଁ ଦେଶ ବିଦେଶର ବଜାର ସୁବିଧା ଉପଲବ୍ଧ ହେବ ।

ଚାଷବାସ ଭଳି ଏକ ବିରାଟ ଓ ସମସ୍ୟା ବହୁଳ କ୍ଷେତ୍ରକୁ ସଜାଡ଼ିବାକୁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଓ ବିପୁଳ ପୁଞ୍ଜିର ଆବଶ୍ୟକତା ରହିଛି । ଏ ଦିଗରେ ସରକାର ନିରନ୍ତର ଉଦ୍ୟମଶୀଳ । କୃଷିକ୍ଷେତ୍ରକୁ ପୁଞ୍ଜିନିବେଶ ପାଇଁ ମୁକ୍ତ କରିବା ସହ ଏଥିରେ ଘରୋଇ ଉଦ୍ୟୋଗ ଓ ନିବେଶକଙ୍କୁ ସାମିଲ ନ କଲେ ଲକ୍ଷ୍ୟ ହାସଲ କରିବା ସହଜ ନୁହେଁ । ତେଣୁ ଘରୋଇ ନିବେଶ ଦ୍ୱାରା କୃଷିକ୍ଷେତ୍ରର ବିକାଶ ଏକ ବାସ୍ତବବାଦୀ ପଦକ୍ଷେପ।

ନିଜ ପାଖରେ ଉପଲବ୍ଧ ସମ୍ବଳ ଓ ସାମଗ୍ରୀର ମାନବୃଦ୍ଧି, ତାହାର ଉପଯୁକ୍ତ ବିକ୍ରିବଟା ଓ ବଜାର ସୁବିଧା ସହିତ ଚାଷୀଙ୍କ ଆୟପନ୍ଥା ନିର୍ଭରଶୀଳ । ସେମାନଙ୍କୁ ଏହି ସୁବିଧା ସୁଯୋଗ ଯୋଗାଇ ସେମାନଙ୍କ ଆୟ ବୃଦ୍ଧି କରାଇଲେ ସେମାନେ କେବଳ ଉପକୃତ ହେବେ ନାହିଁ; ଦେଶର ଅର୍ଥନୀତି ମଧ୍ୟ ସମୃଦ୍ଧ ହେବ । ଆତ୍ମନିର୍ଭରଶୀଳ ହେବା ପାଇଁ ଅଧ୍ୟବସାୟ, ଉପାୟ ଓ ଦୂରଦୃଷ୍ଟି ଲୋଡ଼ା । ତେଣୁ ଆତ୍ମନିର୍ଭରଶୀଳ ଭାରତ ନିର୍ମାଣ କ୍ଷେତ୍ରରେ ଏହା ଯେ ଏକ ସମୟୋପଯୋଗୀ ଯଥାର୍ଥ ପଦକ୍ଷେପ ଏହା ନିଃସନ୍ଦେହରେ କୁହାଯାଇପାରେ । (ପିଆଇବି)

*(ଲେଖକ ଜଣେ ବରିଷ୍ଠ ସାମ୍ବାଦିକ, ଏହା ତାଙ୍କର ନିଜସ୍ୱ ମତ)*

**ହ୍ରୀ – ଲଜ୍ଜା : –**



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଅନୁବାଦ- ଉପାଳୀ ଦାଶ



ଶ୍ରୀ ନାରାୟଣ ତିୱାରୀ ଯେତେବେଳେ ଉତ୍ତରାଞ୍ଚଳ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଲେ ସେତେବେଳେ ସେ ପ୍ରମୁଖ ପଦରେ ଥିବା କିଛି ଅଧିକାରୀ ମାନଙ୍କର ସ୍ଥାନାନ୍ତରଣ କରିଥିଲେ। ଏହି ସନ୍ଦର୍ଭରେ ସେ କୌଣସି ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ନାମ ପଚାରିବାରୁ ଉପସ୍ଥିତ ଅଧିକାରୀ ମାନଙ୍କ ଭିତରୁ ଜଣେ ଓଲଟା ପ୍ରଶ୍ନ କରି ତାଙ୍କୁ ପଚାରିଥିଲେ ଆପଣ କେଉଁ ବର୍ଷର, କେଉଁ ମାସର, କେଉଁ ଦିନର ମୁଖ୍ୟମନ୍ତ୍ରୀଙ୍କ କଥା ପଚାରୁଛନ୍ତି ? କାରଣ ବର୍ଷରେ ଚାରିଥର ଦଳ ବଦଳ କରୁଥିବା ଲୋକର ସ୍ୱଷ୍ଟତା କଣ ସମ୍ଭବ ? ସତ୍ତା ଲୋଲୁପ୍ତତା, ପଦ ପିପାସାର ମାରାମାରି, ଦଳ ବଦଳାଇବା ଇତ୍ୟାଦି ଆଜି କାଲିର ନିତ୍ୟ ନିୟମିତ କଥା ହୋଇଗଲାଣି। ନିଷ୍ଠାକୁ ବଜାରର ବସ୍ତୁ କରିସାରିଲେଣି। ଆଜିର ଏହି ସମାଜରେ ସଙ୍କୋଚ, ଲଜ୍ଜା ବା ହ୍ରୀ ଭଳି କୌଣସି ଭାବନା ବଞ୍ଚିନାହିଁ।

ପରାଜୟରେ ଲଜ୍ଜା ଅନୁଭବ ହୋଇଥାଏ। କୌଣସି ସ୍ୱାଭିମାନୀ ବ୍ୟକ୍ତିକୁ ଛୋଟ କଥାଟିଏ ବି ବହୁତ ବାଧିଥାଏ। ପାଣ୍ଡବଙ୍କ ରାଜ୍ୟସୂୟ ଯଜ୍ଞ ବେଳେ ଶିଶୁପାଳର ବଧ ହେଲା। ସେତେବେଳେ ଶିଶୁପାଳଙ୍କର ମିତ୍ର ସାଲ୍ୱ ଶ୍ରୀକୃଷ୍ଣ ବିରୁଦ୍ଧରେ ଏକ ଭାରିସେନା ନେଇ ଦ୍ୱାରକା ଉପରେ ଚଢ଼ାଉ କରିଥିଲେ। ଘମାଘୋଟ ଯୁଦ୍ଧ ହୋଇଥିଲା। ସାଲ୍ୱଙ୍କର ମନ୍ତ୍ରୀ ଘୁମାନ ପ୍ରଦ୍ୟୁମ୍ନଙ୍କର ବକ୍ଷ ସ୍ଥଳରେ ଗଦା ପ୍ରହାର କରି ତାଙ୍କୁ ମୂର୍ଚ୍ଛିତ କରି ଦେଇଥିଲେ। ସେତେବେଳେ ପ୍ରଦ୍ୟୁମ୍ନଙ୍କର ସାରଥି ଯିଏ ଦାରୁକଙ୍କର ପୁତ୍ର ସେ ତୁରନ୍ତ ପ୍ରଦ୍ୟୁମ୍ନଙ୍କୁ ବଞ୍ଚାଇବା ପାଇଁ ଯୁଦ୍ଧକ୍ଷେତ୍ରର ବାହାରକୁ ନେଇ ଯାଇଥିଲେ। ମୂର୍ଚ୍ଛା ଦୂର ହେବା ପରେ ପ୍ରଦ୍ୟୁମ୍ନ ବହୁ ଲଜ୍ଜାର ଅନୁଭବ କରିଥିଲେ। ସେ ଲଜ୍ଜାରେ କହି ପକାଶଇଥିଲେ, "ଆରେ ! ତୁ ମତେ ଯୁଦ୍ଧ କ୍ଷେତ୍ରରୁ କାହିଁ ଉଠାଇ ଆଣିଲୁ" ? ସେପରି ରାମଙ୍କର ପ୍ରହାରରେ ରାବଣ ଘାୟଲ ହୋଇଥିବା ସମୟରେ ରାବଣର ସାରଥି ରଥକୁ ଲଙ୍କା ଫେରାଇ ନେଇଥିଲା। ସେତେବେଳେ ମଧ୍ୟ ରାବଣ ବହୁ ବିଚଳିତ ହୋଇଥିଲେ। ନିଜ ଅଯୋଗ୍ୟତା, ଅକ୍ଷମତାକୁ ନେଇ ଏକ ମାନସିକ ସ୍ଥିତିକୁ ବି ଲଜ୍ଜା କହିବା।

ଲଜ୍ଜାର ଉତ୍ପତ୍ତି କେଉଁଠାରୁ ହୋଇଛି ? ଏହି ଦେହ ନାଶବାନ ଅଟେ। ମଳ, ମୂତ୍ର, ବିଷ୍ଠାରେ ପରିପୂର୍ଣ୍ଣ। ଏହି ଦେହ ପ୍ରତି ଆସକ୍ତି କାରଣରୁ ଜୀବନରେ ବିଷୟଭୋଗ, ବିଳାସ ପାଇଁ ମନ ହୋଇଥାଏ। ମାନ, ମର୍ଯ୍ୟାଦା, ସଂଯମର ତ୍ରିଗୁଣ ଦ୍ୱାରା ବିଷୟାସକ୍ତ ବିଳାସୀ ଜୀବନରୁ ଦୂର ରହିବାର ମନୋବୃତ୍ତିକୁ ଲଜ୍ଜାର ଉତ୍ପତ୍ତି। ଅନେକ ସ୍ଥାନରେ ଲଜ୍ଜା ଅଥବା ହ୍ରୀର ଅଭାବ ସକରାତ୍ମକ ହୋଇଥାଏ। ମୀରାବାଈ ଲଜ୍ଜା ତ୍ୟାଗ କରିଥିଲେ।

(କ୍ରମଶଃ)

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭




# ସମ୍ପର୍କର ସୂତା ଖିଅ

**ଘ**ଣ୍ଟାଏ ପରେ ସୁରେନ୍ଦ୍ରକୁ ଏକୁଟିଆ ପାଇ ବୋଉ ପଚାରିଦେଲା- "ଝିଅଟି କିଏ କିରେ ବାପା? ତୋ ସାଙ୍ଗ? କଲେଜରେ ସାଙ୍ଗ ହୋଇ ପଢୁଥିଲ କିରେ? ବୁଲି ଆସିଛି କି ଆମ ଘରକୁ ତୋ ସାଙ୍ଗରେ? ରହିବଟି ଦି' ଚାରିଦିନ!"

'ସାଙ୍ଗ ନୁହେଁ।' - ନରମ ଅଥଚ ଦୃଢ଼କଣ୍ଠରେ ଘୋଷଣା କଲା ସୁରେନ୍ଦ୍ର- "ସାଙ୍ଗ ନୁହେଁ, ଏ ତୋ ବୋହୂ। ଆମେ ବାହାହୋଇ ପଡ଼ିଛୁ ମନ୍ଦିରରେ, ଆସିଲାବେଳେ। ମମତା ତା' ନାଁ'। ଦି'ଚାରିଦିନ ନୁହେଁ, ଇଯେ ସାରାଜରବନ ରହିବ ଏ ଘରେ। ତୋ' ପାଖରେ।"

ପଞ୍ଚାଏ ନୁହେଁ, ସାମ୍ନାରୁ ଗୋଟିଏ ଝିଅପିଲା ଆସୁଥିବାର ଦେଖିଲେ ଲୁଣଚୋରଙ୍କ ପରି ବାଟ ଭାଙ୍ଗି ଚାଲି ଯାଉଥିବା ଏ ମାଇଚିଆ ପୁଅଟାର ଏପରି କାଣ୍ଡ କାରଖାନା ଦେଖି ତାଜୁବ୍ ହୋଇଗଲା ବୋଉ। ଘଡିଏ କାଳ ତା' ପାଟିରୁ ବଚନ ବାହାରିଲାନି। ଥିଲା ଥିଲା "ଇରେ ସୁରିଆ ତୋ ମନରେ ଏଇଆ ଥିଲା" ବୋଲି ରଡି କରି ବାହୁନି ଉଠିଲା। ଲଥ୍ କରି ବସି ପଡ଼ିଲା ପିଣ୍ଡାରେ। ଧାର ଧାର ଲୁହ ବୋହି ଯାଉଥିଲା ତା' ଆଖିରୁ, ସତେ କି ସର୍ବନାଶଟିଏ ଘଟିଯାଇଛି ଇତି ମଧ୍ୟରେ!

ସନାତନ ଅସମ୍ଭବ ଭାବେ ଗମ୍ଭୀର ହୋଇଯାଇଥିଲେ, ସତେ ଯେପରି ଆଜନ୍ମରୁ ସେ ମୂକ! ନିଜ ଭିତରେ ଭୂମିକମ୍ପକୁ ରୋକିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ ସେ।

ମାମିନା ଅପା ଗୋଟିଏ ଘରେ ପଶିଥିଲା ଯେ ଜମା ବାହାରୁନଥିଲା ବାହାରକୁ। ମଝି ଘର ଖଟ ଉପରେ ମମତା ବସିଥିଲା ଚୁପ୍ ଚାପ, କାହୁଁ ଆସିବା ପରି।

ରାତିରେ ଚୁଲି ଜଳିଲା ନାହିଁ ସେ ଘରେ। କେହି ଖାଇଲେନି। ରାସ୍ତା ଆଡେ କୁଆଡେ ବାହାରି ଯାଇଥିଲା ସୁରେନ୍ଦ୍ର ଯେ ଫେରିଲା ରାତି ଦଶଟା ବେଳକୁ। ଗୋଟେ ଥମ୍ ଥମ୍ ଓଜନ ସତେକି ଓଜାହି ହୋଇ ପଡ଼ୁଥିଲା ସେଇ ଦଦରା ଘର ଉପରେ!

ଅଥଚ ତା'ପରଦିନ ସକାଳକୁ ମେଘମୁକ୍ତ ଆକାଶ ପରି ସବୁ ନିର୍ମଳ। ଭୋର୍‌ରୁ ବୋଉ ଉଠି ବାସି ପାଇଟି କରୁଥିଲା, ଗୋବର ପାଣି ପକାଇ ସାହି, ବାରି, ଦାଣ୍ଡ ଖରକୁଥିଲା। ମାମିନା ଅପା ଚୁଲି ଲଗାଇ ବାପାଙ୍କ ପାଇଁ ନାଲି ଚାହା ତିଆରି କରୁଥିଲା। ଭୋର୍‌ରୁ ବିଲଆଡୁ ଘେରଏ ବୁଲିଆସି, ନିତ୍ୟକର୍ମ ସାରି ବାପା ବସିଥିଲେ ଦାଣ୍ଡ ପିଣ୍ଡାରେ।

କାମଦାମ ସାରି ବୋଉ ପହଞ୍ଚିଲା ମମତା ପାଖରେ। ବସିଲା ଖଟ ଉପରେ, ଏକଦମ୍ ତା' ପାଖରେ। ନିରେଖି ଚାହିଁଲା ତା' ମୁହଁକୁ। ଆହା, ବିଧାତା କେଡେ ଯତ୍ନରେ ଗଢ଼ିଛି ଏପରି ସୁନ୍ଦରିଆ ଝିଅଟିକୁ! ଗୋଟିଏ ଚାଉଳରେ ଗଢ଼ା ଗୋରା ତକତକ ଦେହ। ଖଣ୍ଡାପରି ନାକ। ପାନପତ୍ର ପରି ମୁହଁ। ଢଳ ଢଳ ଯୋଡିଏ ଆଖି। ଚମ୍ପା କଢ଼ କରି ବକଟେ ବକଟେ ନରମ ଆଙ୍ଗୁଠି। ଛୋଟିଆ ଛୋଟିଆ ସରୁଆ ପାଦ। ତା' ଘରକୁ ଲକ୍ଷ୍ମୀ ଠାକୁରାଣୀ ମଣିଷ ଅବତାର ନେଇ ଓହ୍ଲେଇ ଆସିଲେ କି ସ୍ୱର୍ଗରୁ? ଏ ଝୁମ୍ପୁଡ଼ି ଘର ଭିତରେ କେମିତି ଥାପନା କରିବ ସେ ତାକୁ? ଏ ତ ରାଜ ଉଆସର ରାଜଦୁଲଳୀ! ଚନ୍ଦ୍ରସୂର୍ଯ୍ୟ ଦେଖାଯାଉଥିବା ଏ ଖଣ୍ଡିଆ ଚାଳ ଘରେ କେମିତି ରହିବ?

ଆଖିରେ ଆଖିରେ ବୋଉ କହିଯାଉଥିଲା ସବୁ କଥା। ମମତା ବସିଥିଲା ଖଟ ଉପରେ ନିର୍ବିକାର ଭାବେ। ପିନ୍ଧିଥିଲା ସାଲୱାର ପଞ୍ଜାବୀ। ତା' ମୁଣ୍ଡକୁ ଶ୍ରଦ୍ଧାରେ ଟିକେ ଆଉଁସି ଦେଇ ବୋଉ ଡାକ ପକାଇଲା, "ଆଲୋ ମାମି, କୁଆଡେ ଗଲୁ କିଲୋ? ଭାଉଜକୁ ନେଇ କୂଅମୂଳକୁ ଯା' ଗାଧୋଇବାକୁ। ଦିନ ଆସି ଘଡ଼ିଏ ହେଲାଣି ପରା!

ଗୋଟିଏ କଂସାରେ ଚୁଡା, ଚିନି ଅଧକଂସା ଧରି ବୋଉ ଆସି ପହଞ୍ଚିଲା ମମତା ପାଖରେ। ଜୀବନକାଳ ଭିତରେ ଏପରି ଖାଦ୍ୟ ଖାଇବା ତା ଦୂରର କଥା, କେବେ ଦେଖି ନଥିବା ମମତା ପ୍ରଥମେ ଇତସ୍ତତଃ ହେଲା ଏବଂ କିଏ କାଳେ କ'ଣ ଭାବିବ, ଖାଇବାକୁ ଆରମ୍ଭ କରିବା ପୂର୍ବରୁ କହିଲା - ଚାମଚ୍ ଟେ ଦିଅ ତ! ହାତରେ ଖାଇ ପାରିବନି ମୁଁ।"

ଦ୍ୱିପହରରେ କଂସାଥାଳି ଓ ଡାଟିଆରେ ଭାତ ତରକାରୀ। ତଳେ ଚଟ ଖଣ୍ଡେ ପକାଇଦେଇ ମାମନି ଅପା ଡାକିଲା ଖାଇବାକୁ। ଭାତ ତରକାରୀକୁ ଦେଖି ହଂସା ଉଡ଼ିଗଲା ମମତାର। ଥଙ୍ଗେଇ ମଙ୍ଗେଇ ଗୁଣ୍ଡେ ଦି'ଗୁଣ୍ଡା ଖାଇ ଉଠିଗଲା ହାତ ଧୋଇବାକୁ।

ସେଦିନ ଅପରାହ୍ନରେ ଗାଁ'ର କିଛି ଚାରି ଛ'ଜଣ ସ୍ତ୍ରୀ ଲୋକ ଆସି ପହଞ୍ଚିଗଲେ, ବୋହୂ ଦେଖିବାକୁ।

'ଅପା, କଟକିଆଣୀ ବୋହୂକୁ କୋଉଠି ଲୁଚେଇ ରଖିଛୁ ମ! ସିନ୍ଦୁକରେ ନା ଆଲମିରାରେ ବା! - ହେମନ୍ତ ବୋଉ ପିଣ୍ଡାରେ ଗୋଡ଼ ଲମ୍ବେଇ ବସୁ ବସୁ କହିଲା।

"ଆଲୋ କି କଥା କହୁଚୁ ବା ହେମନ୍ତ ବୋଉ! ବୋହୂଟା କ'ଣ ଟଙ୍କା ପଇସା ନା ସୁନା ଅଳଙ୍କାର ହେଇଚି ଯେ ସିନ୍ଦୁକ ଆଲମିରାରେ ଲୁଚେଇ ରଖିବ! ସେ ମଝି ଘରେ ବଇଚି ନା କ'ଣ ପରା! - ମାଳଖୁଡୀ କହିଲା।

କୋକିଳ ଆଈ ଘର ଭିତରକୁ ପଶିଯାଇ ମମତା ବସିଥିବା ଖଟ ଉପରେ ବସିପଡ଼ି କହିଲା- "ଦେଖିବା ଦେଖିବା, କେମିତିଆ କଟକିଆଣୀକୁ ଉଠେଇ ଆଣିଚି ମୋ ନାତିଟୋକା! ଆଲୋ ବୋହୂ କାଇଁ ବା? ନୂଆ ବୋହୂ କ'ଣ ଏମିତି ଜାମାପେଣ୍ଟ ପିନ୍ଧି ଗୋଡ଼ହାତ ଟେକିଦେଇ ବସନ୍ତି? ମୁଣ୍ଡରେ ଓଢ଼ଣା କାଇଁ? ଦେହରେ ହାର ଅଳଙ୍କାର କାଇଁ? ଖାଲି ରୂପ ଚିକ୍କଣ ବୋଇତି କଖାରୁ!!"

ବୋଉ ସେ ଘରକୁ ପଶି ଆସି କଥାଟାକୁ ଚଳେଇ ନେଇ କହିଲା- ତମେ ସେପଟ ଘରକୁ ଯିବଟି ଖୁଡୀ! ସେ ଘରେ ମାମିନା ପରା ତମ ଲାଗି ପାନ ଭାଙ୍ଗିଲାଣି!"

କୋକିଳ ଆଈ ଉଠି ଯାଉ ଯାଉ କହିଲା - ମାମିନା ହାତରୁ ତ ରୋଜ କାଉଚି। ଆଜି ନାତୁଣୀ ବୋହୂ ହାତରୁ ପାନ ଖଣ୍ଡେ ଖାଇବାକୁ ମନ ବଳିଥିଲା ଯେ ସେକଥା ନୋହିଲା...।"

ହେମନ୍ତ ବୋଉ ଉଠିପଡି କହିଲା- ଚାଲ ମ' ଅପା, ବହୁତ କାମ ତେଣେ ବାକି ପଡିଛି ମୋର...।"

ଏମାନଙ୍କର କଥାବାର୍ତ୍ତା ଶୁଣି ଲାଲ୍ ପଡିଗଲା ମମତାର ମୁହଁ। ଦୁଇ ତିନିଦିନ ହେଲାଣି ସେ ଦେଖୁଥିଲା ଏ ଘରର ଏବଂ ଗାଁର ଲୋକମାନଙ୍କୁ। ସହରଠାରୁ ଦେଢ଼ ଶହ କିଲୋମିଟର ଦୂରରେ ଅବସ୍ଥିତ ଏ ଅଞ୍ଚଳ ଏପର୍ଯ୍ୟନ୍ତ ସଭ୍ୟତା ଓ ସଂସ୍କୃତିଠାରୁ ଯେ ଦୂରରେ ରହିଛି, ଏ କଥା ଜାଣିବାକୁ ତାକୁ ବିଶେଷ କଷ୍ଟ ହେଲାନି।

ଇଲେକ୍ଟ୍ରିକ୍ ଲାଇଟ୍, ସିନେମା ହଲ୍, ବିୟୁଟି ପାର୍ଲର, ପିଚୁ ରାସ୍ତା, ସାଉଥ୍ ଇଣ୍ଡିଆନ ହୋଟେଲ୍ ଆଦି ନଥିବା ଏ ମୁଲକର ଲୋକମାନେ ଆତଜାତ ହୁଅନ୍ତି ବିନା ଚପଲରେ, ଅର୍ଦ୍ଧଲଙ୍ଗଳା ହୋଇ। ଗାଁ'ଟା ସାରା କାଳିଆ କାଳିଆ କିମ୍ଭୂତକିମାକାର ମଣିଷ ହାଉଯାଉ। ମେଞ୍ଚେ ଭାତ, ଟିକେ ଅସନା ତରକାରୀକୁ ଖାଦ୍ୟ ଭାବି ପରମ ତୃପ୍ତିର ସହ ଖାଇବା ଏବଂ କୂଆ ନାମକ ଗୋଟେ ମଇଳା ଖାଲରୁ ପାଣି ପିଇ ଅନ୍ଧକାର ଭିତରେ ଶୋଇ ପଡୁଥିବା ମଣିଷମାନଙ୍କ ଗହଣରେ ତାକୁ ଭାରି ଅଣନିଃଶ୍ୱାସୀ, ଭାରି ଅସହାୟ ଲାଗୁଥିଲା ଧୀରେ ଧୀରେ।

ସେହି ରାତିରେ ମମତା ସୁରେନ୍ଦ୍ରକୁ କହିଲା- ଜାଣିଲ କି, ଚାରିଦିନ ହେଲାଣି ମୁଁ ଝାଡ଼ ଯାଇନାହିଁ।

କାହିଁକି?

ଲାଟ୍ରିନ୍, ବାଥରୁମ୍ କେଉଁଠି ମୁଁ ଦେଖିଲେ ସିନା! - କହିଲା ସେ।

ଶୁଷ୍କ ହସିଟିଏ ହସି ସୁରେନ୍ଦ୍ର କହିଲା- କୂଅମୂଳେ ଗାଧୋଇବା ଏବଂ କେନାଲ ବନ୍ଧକୁ ଝାଡା ଯିବାରେ ତମର କିଛି ଆପତ୍ତି ଅଛି କି?

ମମତା ନିରୁତ୍ତର।

'ତମ ମା' କ'ଣ ସବୁଦିନେ ଗାଧାନ୍ତିନି କି? ଏମିତି ଅସନା କ'ଣ ଦେଖାଯାଉଛି ତାଙ୍କ ଦେହ ହାତ? ସେ କ'ଣ କେବେ ଶାୟା ବ୍ଲାଉଜ୍ ପିନ୍ଧନ୍ତି ନି? -ଦିନେ ମାମିନାକୁ ପଚାରିଲା ମମତା।

*କ୍ରମଶଃ*





## ପ୍ରିୟତମ

ଅନୀତା ପାଣି





**ତୁ**ମେ ତ ମନରେ ମୋର
ମହ ମହ ମହକୁ ଥିବା
ମହାର୍ଘ ମୁରଲୀ ଖଣ୍ଡେ ...
ହେ ପ୍ରିୟତମ।
ବିମୋହିତ କରୁଥାଅ ସୁମଧୁର
ରାଗ ଭୈରବୀ ଛନ୍ଦରେ
କ୍ଷଣେ ଛିନ୍ନ ହୁଏନା ସ୍ମୃତି ସୁଧା ଗୁଞ୍ଜରଣ।

ତୁମେ ଥାଅ କି ନଥାଅ ପାଶେ
ଚତୁଃପାଶ୍ୱେ ଭ୍ରମେ ଚକ୍ରାକାରେ
ତୁମରି ଅଙ୍ଗର ଅଗୁରୁ ଚନ୍ଦନ
ଆକର୍ଷିତ କରେ ମୋର ପ୍ରାଣ।
ପାଦରୁ ନୂପୁର ଆନମନା କରେ
ରହି ରହି ବାଜେ, ମୋ ମନ ଅଗଣାରେ,

ତୁମେ ଆସ କି ନ ଆସ ମାଟି ଅଗଣାକୁ ମୋର
ପାରି ଦେଇଛି ମଲ୍ଲୀ ଫୁଲ ସେଜ,
ଝୁଲାଇ ଦେଇଛି ଝୁଲଣା ମୁକୁଳା ଛାତି।



ତୁମ ପ୍ରେମରେ ସତେ ଯେତକ ଯନ୍ତ୍ରଣା
ତୁମ ପ୍ରଣୟରେ ଏତେ କି ମନ୍ତ୍ରଣା
ତୁମକୁ ପାଇବାରେ ଲୁହର ଝରଣା
କାଲି ପାଇଁ ଜିଇଁବାର ପାପୁଲିଏ ପ୍ରେରଣା।

ଆଶା ପତ୍ର ମଉଳୀଲା ପରେ
ତୁମେ ଆସିବ ଦିନେ, ସାଉଁଟି ନେବ
ଏଠି ସେଠି ପଡିଥିବା ଲଫାପା
ଭିତରେ ମମ ମହୋର ସିନା
ତା ଉପରେ ନ ଥିବ ଠିକଣା।

ଏ ବନ୍ଧନରୁ ମୁକୁଳିବା ଏତେ ସହଜ ନୁହେଁ
ଏ କାରାଦଣ୍ଡ ଶେଷ ଦିନ ଦେଖିବା
ଏତେ ସହଜ ନୁହେଁ
ଏ ଜୀବନ ଦହନ ଶୀତଳି ଯିବା
ଏତେ ସରଳ ନୁହେଁ
ଅସହିଷ୍ଣୁ ଝଡ ଉଡେଇ ନ ପାରେ
ଲୁହ ଲୁହରେ ଲେଖା ଶେଷ ଇଚ୍ଛାପତ୍ର
ତୁମ ପାଇଁ ଶେଷ ସଂକେତ ମୋର,
ହେ ପ୍ରିୟତମ।

*ସାଉଥ୍ ବଳଣ୍ଡା, ତାଳଚେର*

## ମୌସୁମୀ



ପ୍ରିୟଦର୍ଶିନୀ ମହାନ୍ତି



**ମ**ନହୁଏ ଆନମନା,
ଉଏଁ ନୂଆ ଉନ୍ମାଦନା,
ସୁନ୍ଦର ଏ ଧରଣୀକୁ
ମିଳେ ଖୁସି ଦୁଇଗୁଣା।

ମନଲୋଭା ଏ ବରଷା,
ଉଛ କରି ତା' ଭରଷା,
ଶୂନ୍ୟରୁ ପଡଇ ଝରି,
ମିଳନକୁ କରି ଆଶା।

ମଧୁଭରା ଏ ମିଳନ,
ଉଡିବୁଲେ ଏହି ମନ,
ସୁପ୍ତ ବୀଜ ଜାଗରତ,
ମିଳିଲେ ବର୍ଷା ଆଲିଙ୍ଗନ।

ମହକେ ମାଟିର ଛାତି,
ଉପସ୍ଥିତ ହେଲେ ସ୍ଥିତି,
ସୁବିଶାଳ ଏ ବସୁଧାକୁ
ମିଳଇ ନିଦାଘୁ ମୁକ୍ତି।

*ଶିକ୍ଷୟିତ୍ରୀ*
*ଖୋର୍ଦ୍ଧା*

## ବାଳ ରଙ୍ଗେଇବା ବଡ ଝାମେଲା

ମୂଳ ହିନ୍ଦୀ-ସନ୍ତୋଷ ଖରେ
ଅନୁବାଦ-ନୃସିଂହ ଚରଣ ବେହେରା



**ଯେ**ତେବେଳେ ତୁଚ୍ଛାଟାରେ ଖରେ ସାହେବଙ୍କର ବାଳ ରଙ୍ଗ କରିବାର ସଉକ ଚଢିଲା,ସେତେବେଳେ କେମିତି ପ୍ରକାରର କଟାକ୍ଷ ଶୁଣିବାକୁ ମିଳିଲା ତାଙ୍କୁ....

ମଣିଷ ଶରୀରରେ ବିନା ସାର ଆଉ ବୀଜରେ ଅନବରତ ଉପୁଜୁ ଥିବା ଏକମାତ୍ର ବସ୍ତୁ ଯଦି କିଛି ଅଛି ତେବେ ତାହା ହେଉଛି ବାଳ। ବାଳଙ୍କର ପ୍ରକୃତି ଅବା ସ୍ୱଭାବ ବିଷୟରେ ମୁଁ ସେବେଠୁ ବିଚାର ବିଚାର କରିବା ଆରମ୍ଭ କଲି ଯେବେଠୁ ମୁଁ ବିଚାର କରିବାକୁ ଯୋଗ୍ୟ ହେଲି,କିନ୍ତୁ ଆଜି ପର୍ଯ୍ୟନ୍ତ ମୁଁ କୌଣସି ନିଷ୍କର୍ଷରେ ପହଞ୍ଚି ପାରିଲି ନାହିଁ। ଏଇ ଯେମିତିକି କଳା ବାଳ କାହିଁକି ଧଳା ହୁଅନ୍ତି? ପ୍ରାଣୀଶାସ୍ତ୍ରର ପଣ୍ଡିତ ଏହା ପଛରେ ହରମୋନ୍ସ ମାନଙ୍କର ଅଭାବକୁ କାରଣ ରୂପେ ଦର୍ଶାଇବେ,ହେଲେ ଏହି କାରଣ ମୋର ବୁଝିବା ଶକ୍ତିର ବହୁ ଉର୍ଦ୍ଧ୍ୱରେ। ବୃଦ୍ଧାବସ୍ଥାରେ ବାଳ ଧଳା ହେବାଟା ହରମୋନ୍ସର ଅଭାବ ଯୋଗୁଁ ହୁଏ ବୋଲି ବୁଝି ହୁଏ,ହେଲେ କେତେ ଜଣଙ୍କର ବାଳତ ପିଲାବେଳୁ ଅଥବା ଯୁବାବସ୍ଥାରୁ ଧଳା ହେବାକୁ ଲାଗେ ଆଉ କିଛି ଲୋକଙ୍କର ବୃଦ୍ଧାବସ୍ଥା ଆସିଥିଲେ ମଧ୍ୟ ବାଳ ଧଳା ହୁଅନ୍ତି ନାହିଁ। ତା'ଛଡା 'ଖରାରେ ବାଳ ଧଳା ହେବା' ଉକ୍ତିଟିତ ବହୁତ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ। ସେ ଯାହା ହେଉ ପଛେ ଆପଣମାନେ ସମସ୍ତେ ନିଶ୍ଚୟ ମାନିବେ କି ଧଳା ବାଳ ମଣିଷ ପାଇଁ ସବୁବେଳେ ସମସ୍ୟା ହେଇ ରହିଛି ବୋଲି।

ମହା କବି କେଶବ ମଧ୍ୟ ନିଜ ଧଳା ବାଳ ଯୋଗୁଁ ଏତେ ଦୁଃଖୀ ଥିଲେ ଯେ ସେ ନିଜ ଦୁଃଖରୁ ସୃଷ୍ଟି ହୋଇଥିବା ଗୀତ ପରି ଗୋଟିଏ ଦୋହାର ରଚନା କଲେ.."କେଶବ କେସନ ଅସ କରି,ଜସୁ ଅରିହୁ ନ କରାହିଁ,ଚନ୍ଦ୍ରବଦନୀ,ମୃଗଲୋଚନୀ ବାବା କହି କହି ଜାହିଁ "। ବୋଧ ହୁଏ ଏମିତି କିଛି କାରଣ ରହିଥିବ କି ଯେଉଁଥିପାଇଁ ଲୋକମାନେ ନିଜ ମୁଣ୍ଡରେ ରଙ୍ଗ ଲଗେଇ ଧଳା ବାଳକୁ କଳା କରିବା ଆରମ୍ଭ କରିଥିବେ। ମୋ ମତରେ ଯେଉଁମାନେ ବାଳ ରଙ୍ଗାନ୍ତି ମୋନେ ସ୍ମାର୍ଟ ଦେଖାଯିବା ପାଇଁ ନହେଲେ 'ଚନ୍ଦ୍ରବଦନୀ ମୃଗଲୋଚନୀ'କୁ ପ୍ରଭାବିତ କରିବା ପାଇଁ ଏମିତି କରିଥାନ୍ତି।

ମିତ୍ରଗଣ,ଏମିତିଆ ମାନବୀୟ ଦୁର୍ବଳତା ଯୋଗୁଁ ମୁଁ ମଧ୍ୟ ମୋ ବାଳକୁ ରଙ୍ଗ କରିବା ଆରମ୍ଭ କରିଥିଲି। ହେଲେ ମୋର ରଙ୍ଗା ଯାଇଥିବା ବାଳ କୌଣସି ପ୍ରଭାବ ପକାଇଲାନି ମୋର ଅସ୍ତିତ୍ୱ ଉପରେ। କାହିଁକିନା ଯେଉଁ ଲୋକମାନେ ମୋତେ ବର୍ଷ ବର୍ଷ ଧରି ଦେଖି ଆସୁଥିଲେ,ସେମାନେ ଜାଣିଥିଲେ କି ମୋ ମୁଣ୍ଡର କେବଳ ତିନି ଚତୁର୍ଥାଂଶ ବାଳ ହିଁ ଧଳା ହେଇଛି ବୋଲି । ତେଣୁ ଦେଖିବା ବାଲାଙ୍କ ଉପରେ ଯାହା ପ୍ରଭାବ ପଡିଲା,ତା'ର ପରିଣାମ ସ୍ୱରୂପ ମୁଁ ବହୁତ ଦିନ ଯାଏ ରଙ୍ଗ କରିପାରିଲିନି ମୋ ବାଳକୁ।

କଣ ହେଲାନା ମୁଁ ଯେତେବେଳେ ପ୍ରଥମ ଥର ପାଇଁ ମୋ ମୁଣ୍ଡ ବାଳକୁ ରଙ୍ଗ କଲି କିଛି ଲୋକ କେବଳ ହସିଦେଲେ ମୋତେ ଦେଖି । ମୁଁ ବୁଝିଗଲି ତାଙ୍କ ହସିବାର କାରଣ କ'ଣ ବୋଲି। ତଥାପି ମୁଁ ତାଙ୍କୁ ପଚାରିଲି,'ଭାଇ ସାହାବ,ଆପଣ ମୋତେ ଦେଖି ହସୁଛନ୍ତି କାହିଁକି'?

'ନା'..ନା'..କିଛି କଥା ନାହିଁ,ଖାଲି ଦେଖୁଥିଲି,'ବୁଢାର ଯବାନି ଆସୁଛି',ହେଲେ ମହାଶୟ, ଆପଣ ନିଜ ବାଳକୁ ରଙ୍ଗେଇ ଆଉ ବୟସକୁ ତ ଲୁଚେଇ ପାରିବେନି'! କହି ହା ହା କହି ଜୋର୍‌ରେ ହସି ହସି ଆଗକୁ ବଢିଲେ ବ୍ୟକ୍ତି ଜଣକ।

ଲଜ୍ଜିତ ହୋଇ ପଛରେ ରହିଗଲି ମୁଁ। ଜଣେ ବନ୍ଧୁ ତ ମୋତେ ଦେଖୁ ଦେଖୁ କଟାକ୍ଷ କରି କହିଲେ,'କଥା କ'ଣ ? କ'ଣ କେଉଁ ନୂଆ ପରୀଙ୍କ ପଛରେ ପଡିବା ପାଇଁ ମନବଳେଇଛ କି ? ହେଲେ ତା' ପୂର୍ବରୁ ଥରଟେ ନିଜ ଚେହେରାକୁ ଆଇନାରେ ଦେଖି ନିଅ । ଆପଣଙ୍କର ରଙ୍ଗା ଯାଇଥିବା ବାଳ ନିଜେ ଚିତ୍କାର କରି କହୁଛି ଯେ ତାକୁ ରଙ୍ଗା ଯାଇଛି ବୋଲି। ବାଳର ଆଖ ପାଖରେ ଥିବା ତ୍ୱଚାର ଯେଉଁ କଳା ରଙ୍ଗ ଦେଖା ଯାଉଛି ସେ ତ ସ୍ପଷ୍ଟ ଭାବରେ ଘୋଷଣା କରୁଛି କି,ସତ ଲୁଚାଇବା ପାଇଁ ତୁମେ ଅସଫଳ ଚେଷ୍ଟା କରୁଛ ବୋଲି। ହେଲେ ଆପଣ ଦୁରରୁ ସ୍ମାର୍ଟ ନିଶ୍ଚୟ ଲାଗୁଛନ୍ତି। ତେଣୁ ଆମର ଅଭିନନ୍ଦନ ସ୍ୱୀକାର କର ଆଉ ଏଇ ଖୁସିରେ ଆମ ପାଞ୍ଚ ବନ୍ଧୁଙ୍କୁ କଫି ହାଉସ୍‌କୁ ନେଇ କରି ଚାଲ' । ସେଠି ଉପସ୍ଥିତ ଥିବା ଅନ୍ୟ ଚାରି ଜଣ ମଧ୍ୟ ସମର୍ଥନ କଲେ ଏହି ପ୍ରସ୍ତାବର ଆଉ ତା'ର ପରିଣାମ ସ୍ୱରୂପ ଯେତେ ଟଙ୍କାର ହେୟାର ଡାଇ ଲଗେଇ ଥିଲି ତା'ର ଦଶଗୁଣା କଫି ହାଉସ୍‌ରେ ଖର୍ଚ୍ଚ କରିବାକୁ ପଡିଲା ମୋତେ।

ବାଳକୁ ରଙ୍ଗ କରିବାର ପ୍ରାୟ ମାସେ ହେଇ ଯାଇଥିଲା ଆଉ ଧଳା ବାଳମାନେ ପୁଣି ଥରେ କଳାବାଳଙ୍କ ଭିତରୁ ମୁଣ୍ଡ ଉଠେଇ ଦେଖିବାକୁ ଚେଷ୍ଟା କଲେ । ତେଣୁ ବାଧ୍ୟ ହୋଇ ପୁଣି ଥରେ ରଙ୍ଗ କରିବାକୁ ପଡିଲା ବାଳକୁ । ପ୍ରଥମ ମାସରେ ମୋତେ ଏତେ କମେଣ୍ଟ ଶୁଣିବାକୁ ପଡିଥିଲା ଯେ,ଦ୍ୱିତୀୟ ଥର ବାଳ ରଙ୍ଗ କରିବା ବେଳେ ମୁଁ ପୁରା ନିରୁତ୍ସାହିତ ହୋଇ ଯାଇଥିଲି।

'କିଏ କହିଲା,ବହୁତ ବେଶୀ ହ୍ୟାଣ୍ଡସମ୍ ଦେଖା ଯାଉଛ'। କିନ୍ତୁ ତାଙ୍କ ଚେହେରାରୁ ଜଣା ପଡୁଥିଲା କି ସେ ମୋତେ ଉଲୁଗୁଣା ଦେଉଛନ୍ତି ବୋଲି।

ଆଉ କିଏ କହିଲା,'ଭାଇ,ତୁମର ରଙ୍ଗ ହେଇଥିବା ବାଳର ଅଦ୍‌ଭୁତ ପ୍ରଭାବ ଅଛି । କିଛି ପ୍ରୌଢ ମହିଳା ଆପଣଙ୍କ ରଙ୍ଗା ଯାଇଥିବା ବାଳର ପ୍ରଶଂସା କରୁଥିଲେ'। ଏଥିରୁ ଆପଣ ବୁଝି ପାରୁଥିବେ ଯେ,ସେ ମୋର ମଜାକ୍ ଉଡୋଉଛନ୍ତି।

ଜଣେ ଟାଉଟର ବନ୍ଧୁତ କହିଦେଲେ କି,'ନିଜ ବୟସଠୁ କୋଡିଏ ବର୍ଷ କମ୍ ଦେଖା ଯାଉଛ । କଥା କ'ଣ ବନ୍ଧୁ ? କାହାକୁ ପ୍ରଭାବିତ କରିବାକୁ ଚାହୁଁଛ'? ମାନେ ଯିଏ ବି ମୋର ରଙ୍ଗ ହେଇଥିବା ବାଳକୁ ଦେଖିଲା,ସିଏ ଏମିତି-ଏମିତି ଟିପ୍‌ପଣୀ କଲା ଯେ, ମୁଁ ସବୁ ଥର କାନି କାଟି ରହିବା ପରି ଅଲଗା ରହିବାକୁ ଲାଗିଲି ମୋ ମିତ୍ର ମାନଙ୍କଠାରୁ। ପରିଣାମ ଏଇଆ ହେଲା କି, ତୃତୀୟ ଥର ବାଳ କଳା କରିବା ସମୟରେ ମୁଁ ଗମ୍ଭୀରତାର ସହିତ ଭାବୁଥିଲି କି ବାଳ ରଙ୍ଗ କରିବି ନା' ନାହିଁ। ତା'ପରେ ବହୁତ ଭାବି ସାରିଲା ପରେ ମୁଁ ଏହି ନିଷ୍କର୍ଷରେ ପହଞ୍ଚିଲି କି ବାଳ ରଙ୍ଗ କରିବାଟା ହେଉଛି ବେକାର। କାରଣ ସବୁ ମାସରେ କଳା ବାଳ ରଙ୍ଗ ଛାଡିଗଲା ପରେ ତମ୍ବା ରଙ୍ଗର ହୋଇ ଯାଉଛି ଆଉ ଧଳା ବାଳ ମଧ୍ୟ ମୁଣ୍ଡ ଟେକି ଚୁନୌତି ଦେଉଛନ୍ତି କି, 'ଯେତେ ରଙ୍ଗିବାକୁ ଚାହୁଁଛୁ ରଙ୍ଗ, ହେଲେ ମୋଠୁ ଜିତି ପାରିବୁନି'। ପୁରା ସାବଧାନତାର ସହିତ ବାଳକୁ ରଙ୍ଗ କଲେ ମଧ୍ୟ କେଉଁଠି ନା' କେଉଁଠି ରଙ୍ଗ ଲାଗିଯାଏ ଆଉ ଦର୍ପଣରେ ତାହା ଦେଖିଲା ପରେ ମୋତେ ଡର ଲାଗେ ଯେ,କାଳେ କୌଣସି ବନ୍ଧୁ 'ରଙ୍ଗ ବଦଳୁଥିବା ଶୃଗାଳ' ବୋଲି ମୋତେ ଟିପ୍‌ପଣୀ ନକରି ଦେଉ । ବାଳ ରଙ୍ଗ କରିବା ପାଇଁ ଦୁଇ ଥର ଶାମ୍ପୁ କରି ଗାଧୋଇବାଟା ଜରୁରୀ । ସବୁ ମାସରେ ବାଳ ରଙ୍ଗ କଲା ବେଳେକୁ ପଇଁତିରିଶ ଚାଳିଶ ଟଙ୍କାର ଅତିରିକ୍ତ ଖର୍ଚ୍ଚ ବଢିଲା ଅଯଥାଟାରେ। ମୋତେ ଗୋଟିଏ କଥା ମାଲୁମ ହେଲା କି ମୋର ରଙ୍ଗ କରା ଯାଉଥିବା ବାଳକୁ ଦେଖି ପଡୋଶୀମାନଙ୍କର ସ୍ତ୍ରୀମାନେ ନିଜ ନିଜ ସ୍ୱାମୀଙ୍କୁ କହିବା ଆରମ୍ଭ କରିଦେଲେ, 'ଯେତେବେଳେ ଖରେ ବାବୁ ଏ ବୟସରେ ନିଜ ମୁଣ୍ଡର ବାଳକୁ କଳା କରି ବୁଲି ପାରୁଛନ୍ତି,ତୁମେ ତ ତାଙ୍କଠୁ ମଧ୍ୟ ବୟସରେ ସାନ । ତା'ହେଲେ ତୁମେ କାହିଁକି ନିଜ ବାଳକୁ ରଙ୍ଗ କରୁନାହଁ '? ତା'ପରଠୁ କ'ଣ ହେଲା ଜାନନ୍ତି,ମୋ ପଡୋଶୀମାନେ ମୋ ଉପରେ ରୁଷ୍ଟ ହେବାକୁ ଲାଗିଲେ, କି ଏହି ଲୋକଟା ନିଜ ବାଳକୁ ରଙ୍ଗ କରି ଅନାବଶ୍ୟକ ଭାବରେ ତାଙ୍କ ସ୍ୱାମୀନଙ୍କୁ ଏମିତି ଝଗଡା କରିବା ଆଉ ଖର୍ଚ୍ଚ ବଢେଇବା ପାଇଁ ପ୍ରେରିତ କରିଛି।

ଏହି ସବୁ କଥାର ଏହି ନିଷ୍କର୍ଷ ବାହାରିଲାକି ମୁଁ ନିଷ୍ପତ୍ତି ନେଲି,ଆଗକୁ ଆଉ ବାଳ ରଙ୍ଗ କରିବିନି ବୋଲି । ହେଲେ କିଛି ଦିନ ପରେ ଏହି ନିଷ୍ପତ୍ତି ଯୋଗୁଁ ପୁଣି ଗୋଟିଏ ସମସ୍ୟା ଠିଆ ହେଲା । ହେଲା କ'ଣ ନା' ଚତୁର୍ଥ ଥର ବାଳ ନ ରଙ୍ଗେଇବା ଯୋଗୁଁ ମୋ କଳା ବାଳ ମାନେ ନିଜର ରଙ୍ଗ ଦେଖାଇବା ଆରମ୍ଭ କରିଦେଲେ ଆଉ କଳା ରଙ୍ଗ ପ୍ରବାବ ଯୋଗୁଁ ବାଳ ଗୁଡିକ ନା' ତ ଧଳା,ନା' କଳା ବରଂ ତମ୍ବା ରଙ୍ଗର ଦେଖାଗଲେ। ଏମିତି ଲାଗୁଥିଲା ଯେମିତି ମୁଁ ତିନୋଟି ରଙ୍ଗର ୱିଗ୍ ଲଗେଇଛି ମୁଣ୍ଡରେ! ତା'ପରେ ମୋତେ ଶୁଣିବାକୁ ମିଳିଲା ନାନା ପ୍ରକାରର ଟିପ୍‌ପଣୀ।

'ଏ କ'ଣ ହେଲା ବନ୍ଧୁ! ରଙ୍ଗ ଛାଡି ମେହେନ୍ଦୀରେ ବାଳ ରଙ୍ଗ କରିବା ଆରମ୍ଭ କରିଦେଲ ନା' କ'ଣ ? ଏମିତି ବାଳରେ ତ ତୁମକୁ ଆଦୌ ଚିହ୍ନି ହେଉନି'।

'କ'ଣ ଭାଇ ? କ'ଣ କେବଳ ତିନି-ଚାରି ମାସ ଯାଏଁ ଯୁବକ ଦେଖା ଯିବାର ଆବଶ୍ୟକତା ଥିଲା ବୋଧ ହୁଏ ? ଲାଗୁଛି,ବାଳ ରଙ୍ଗ କରିବାର ଉଦ୍ଦେଶ୍ୟ ପୂରଣ ହୋଇଗଲା'?

ଅଦ୍‌ଭୂତ ପ୍ରକାରର ମୂର୍ଖ ତୁମେ! ଆରେ ସାଙ୍ଗ ଯେତେବେଳେ ଥରେ ବାଳ ରଙ୍ଗ କରିବା ଆରମ୍ଭ କରି ଦେଇଥିଲ,ତେବେ ଲଗାତାର ବାଳକୁ ରଙ୍ଗ କରିବାର ଥିଲା ନା'! ଏବେ ତୁମେ ଏମିତି ଦେଖା ଯାଉଛ ଯେମିତି 'ବୁଡୀ ଘୋଡି ଲାଲ୍ ଲଗାମ୍!' ଏହାଠୁ ତ ଭଲ ହେଇଥାନ୍ତା କି ତୁମେ ଅନୁପମ ଖେର୍‌ଙ୍କ ଷ୍ଟାଇଲ୍‌ରେ ମୁଣ୍ଡର ବାଳକୁ କାଟି ଦେଇଥାନ୍ତ।

ତା'ଛଡା ମୋ ବାଳକୁ ଦେଖି ବିଦ୍ରୁପ କରି ବହୁତ ଦିନ ଯାଏଁ ଲୋକମାନେ ହସୁଥିଲେ ମୋ ଉପରେ । ମୁଁ ଭାବିଲି ଏସବୁ ହେଉଛି ନିରର୍ଥକ । ବାଳ ରଙ୍ଗ କରିବା ପୂର୍ବରୁ କେବଳ ଝିଅମାନେ ନୁହନ୍ତି,ବିବାହିତା ମହିଳା,ପ୍ରୌଢା ମହିଳା ସମସ୍ତେ 'ଅଙ୍କଲ୍' କହୁଥିଲେ,ଆଉ ବାଳ କଳା କଲା ପରେ ମଧ୍ୟ ସେଇଆ କହୁଛନ୍ତି । ଲୋକଙ୍କର ଟିପ୍‌ପଣୀ,କଟାକ୍ଷ ଶୁଣିବା ସହିତ ଖର୍ଚ୍ଚ ମଧ୍ୟ ବଢିଗଲା! ଜଣା ନାହିଁ ମୋ ମୁଣ୍ଡକୁ କି ବିଛା କାମୁଡିଥିଲା ଯେ ମୁଁ ତୁଚ୍ଛାଟାରେ ଗୋଟେ ବିପଦକୁ ଜାଣି ଜାଣି ବରଣ କଲି!



*ନୃସିଂହ ଚରଣ ବେହେରା*
*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ଦୂରଭାଷ : ୯୦୯୦୪୫୯୭୪୫*



# ଖାଲଖମାରେ ଭର୍ତ୍ତି ପନ୍ଦାଡ଼ୋ-ଓଲଡ଼ାଙ୍ଗ ରାସ୍ତା

**ଭଦ୍ରକ,(ବିକାଶ କୁମାର ଧଳ):** ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କର ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଡ଼ିଣ୍ଡିମ ପିଟୁଥିବା ବେଳେ ଏହି ଅର୍ଥର ସଦୁପଯୋଗ କେବଳ କାଗଜ କଲମରେ ହେଉଥିବାର ପନ୍ଦାଡ଼ୋ ଓ ଓଲଡ଼ାଙ୍ଗ ଗାଁ ରାସ୍ତାକୁ ଦେଖିଲେ ଜଣାପଡୁଛି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଡ଼ିଆ ପଂଚାୟତ ଅଧିନ ୯ନଂ ଏବଂ ୧୦ନଂ ୱାର୍ଡ଼ ଅର୍ନ୍ତଗତ ପନ୍ଦାଡ଼ୋ ଓ ଓଲଡ଼ାଙ୍ଗ ଦୁଇଟି ଗାଁ । ଏହି ଦୁଇ ଗାଁର ଲୋକ ସଂଖ୍ୟା ପାଖାପାଖି ୧୦୦୦ ତନ୍ମଧ୍ୟରୁ ଭୋଟର ସଂଖ୍ୟା ପାଖାପାଖି ୭୫୦ । ମାତ୍ର ଏଠାକୁ ଭଲ ରାସ୍ତାଟିଏ ନାହିଁ । ଆଡ଼ିଆ କେନାଲ ଠାରୁ ଏକ କାଦୁଅ ରାସ୍ତା ଓ ଆଗରପଡ଼ା ମୁଖ୍ୟ ରାସ୍ତାରୁ ଅନ୍ୟ ଏକ ରାସ୍ତା ଏହି ଦୁଇ ଗାଁ କୁ ସଂଯୋଗ କରୁଛି । ଏହି ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ଶଂକୁଳ । ରାସ୍ତା ସଂକୀର୍ଣ୍ଣତା ଯୋଗୁଁ ଚାରିଚକିଆ ଯାନ ଯିବା ଆଦୌ ସମ୍ଭବ



ନୁହେଁ । ଯଦ୍ୱାରା ଦମକଳ କିମ୍ବା ଆମ୍ବୁଲାନ୍ସ ଆସିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସଂଧ୍ୟାପରେ ଏହି ରାସ୍ତାରେ ଗଲେ ବିପଦ ଥିବା ଜାଣିଥିବା ସତ୍ତ୍ୱ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର ପାଇଁ ଗାଁ ଲୋକମାନେ ଏହା ଉପରେ ଯାଆଆସ କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲକୁ ,ଆଗରପଡ଼ା କଲେଜକୁ, କୋମଳମତୀ ଶିଶୁ ଅଙ୍ଗନବାଡ଼ି କେନ୍ଦ୍ର କୁ ଅଧ୍ୟୟନ ପାଇଁ ଆସିଥାନ୍ତି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ଯାଉଛି ଯଦ୍ୱାରା ଗମନା ଗମନରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଏହି ରାସ୍ତାଟି କେନ୍ଦୁଝର ଜିଲ୍ଲା ଅର୍ନ୍ତଗତ ବାଲିଆ ଗାଁକୁ ମଧ୍ୟ ସଂଯୋଗ କରୁଛି । ରାସ୍ତା ଅବସ୍ଥା ଯୋଗୁଁ ଗ୍ରାମବାସୀମାନେ ବ୍ଲକ,ତହସିଲ ଆଦି କାର୍ଯ୍ୟାଳୟ ଓ ଆଗରପଡ଼ା ବଜାରକୁ ଆସିବାରେ ଘୋର ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସୂଚନା ଯୋଗ୍ୟ : ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ଗତ ୨୦୧୪ ମସିହାରେ ଅର୍ଥ ମଂଜୁର ହୋଇ ମୋରମ ବିଛା କାର୍ଯ୍ୟ ହୋଇଥିଲା । ମାତ୍ର ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିବାରୁ ନିର୍ମାଣର ବର୍ଷେ ନପୁରୁଣୁ ଏହା ତାର ପୂର୍ବ ଅବସ୍ଥାକୁ ଫେରି ଆସିଥିଲା । ଏହିପରି ତୃଟିପୂର୍ଣ୍ଣ ତଥା ନିମ୍ନମାନର କାର୍ଯ୍ୟ ସଂପର୍କରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଗ୍ରାମବାସୀମାନେ ବାରମ୍ବାର ଜଣାଇଥିଲେ ସୁଦ୍ଧା କିଛି ସୁଫଳ ମିଳିପାରି ନଥିଲା । ଏହି ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କୁ ଯୋଗାଯୋଗ କରିବାରୁ ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଯାଇଛି ଓ ଖୁବ୍ ଶିଘ୍ର ଏହାର ମରାମତି କାର୍ଯ୍ୟ ଆରମ୍ଭ ହେବାର ସୂଚନା ଦେଇଥିଲେ ।

# ଆସିଲା ବର୍ଷାଋତୁ : ବିପଦ ଆଶଙ୍କାରେ ନଈକୂଳିଆବାସୀ

**ଭଦ୍ରକ :** ଆବାହନ କାଳରୁ ସାଳନ୍ଦି ନଦୀ ବନ୍ତ ବ୍ଲକର ଆଗରପଡା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ,ବାଲେଶ୍ୱର,କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି । ଏହି ନଦୀ କୂଳରେ ଶତାଧିକ ବେଆଇନ ଇଟାଭାଟି ଚାଲିଛି । ନଦୀ ପଠାରୁ ମାଟି ଖନନ କରାଯାଇ ଏଥିରେ ବ୍ୟବହୃତ ହେଉଛି । ଯଦ୍ୱାରା ନଦୀ କୂଳ ସବୁ ଖାଇ ଯାଇଛି । ବର୍ଷାଋତୁ ଆସିଲେ ବର୍ଷା ପ୍ରଭାବରେ ନଦୀ ପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖି ହେଉଥିବାରୁ ନଦୀ କୂଳିଆ ଗ୍ରାମବାସୀମାନେ ବିପଦ ଆଶଙ୍କାରେ ରହିଛନ୍ତି । ଏହି ନଦୀର ଜଳକୁ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ସେହି ସମୟରେ ପାର୍ଶ୍ୱବର୍ତ୍ତି କେନ୍ଦୁଝର ଜିଲ୍ଲା ହଦଗଡ ଠାରେ ଏକ ଡ୍ୟାମ ପ୍ରତିଷ୍ଠା କରିଥିଲେ । ଏଥିରେ ଜଳନିୟନ୍ତ୍ରିତ ହେବା ସହ ଏହି



ଜଳକୁ ବିଭିନ୍ନ କେନାଲ ମାଧ୍ୟମରେ ଛଡାଯିବା ଫଳରେ ୩ଗୋଟି ଜିଲ୍ଲା କୃଷିଅର୍ଥନୀତି ଉପରେ ବେଶ ପ୍ରଭାବ ପକାଉଥିବା ବେଳେ ଏବେ ସାଳନ୍ଦି ନଦୀ କୂଳ ଖାଇ ଗ୍ରାମାଭିମୁଖୀ ହେବାଯୋଗୁଁ ନଦୀ କୂଳିଆ ଗ୍ରାମକୁ ବିପଦ ସୃଷ୍ଟି କରୁଛି । ପ୍ରତିବର୍ଷ ବର୍ଷାଦିନରେ ସାଳନ୍ଦି ନଦୀରେ ଏହିପରି ମନୁଷ୍ୟ କୃତ ବନ୍ୟା ଆସି ନଦୀ ଜଳ ଲୋକଙ୍କର କ୍ଷୟକ୍ଷତି ପହଞ୍ଚାଉଛି । ସୂଚନାଯୋଗ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାଂସଦ ଅର୍ଜୁନଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦି ସଂସ୍କାର ଯୋଜନାରେ ୧୦୨କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଇଥିଲା । ଏହାର ଲକ୍ଷ୍ୟଥିଲା ସାଳନ୍ଦି ସଂସ୍କାର ଯୋଜନାରେ ପୋତି ହୋଇଯାଇଥିବା ନଦୀ ଗର୍ଭ ପୁନଃଦ୍ଧାର ଓ ସାଳନ୍ଦି ସଂଯୋଗୀକରଣ କରି ସାଳନ୍ଦି ନଦୀକୁ ସୁରକ୍ଷିତ ରଖିବା । ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନହେବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡି ଆସୁଛି । ଏ ଅଞ୍ଚଳରେ ନଦୀକୂଳରେ ଅବସ୍ଥିତ ପାଟକନା, ମହାନ୍ତିପଡା, ରାଉତରାପୁର, ହଳଦୀପହଣି, କାଣ୍ଡବା, ଗୋପିନାଥପୁର, କୁଆଁଶମଡିଆ, ହରିପୁର, ଘଣ୍ଟଗଡିଆ, ନରାଜପୁର, ବଡମହିଷଗୋଠ, ଟିକିରା, ଚାରିଗାଁ , ଶ୍ରୀରାମପୁର, ଯଶବନ୍ତପୁର, ରାଜନଗର ମଙ୍ଗଳପୁର, ଅଣିଜୋ, ବିରିଡିହି ଆଦି ଗ୍ରାମବାସୀ ଏନେଇ ଚିନ୍ତା ପ୍ରକଟ କରିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଲ୍ଏସିରେ ...

ଉପରେ ନଜର ରଖିବା ସହିତ ଏଲ୍ଏସିରେ ବାରମ୍ବାର ଯୁଦ୍ଧ ବିମାନ ଉଡାଉଛି । ଲଦାଖରେ ଭାରତ-ଚୀନ୍ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେବା ପରେ ଏଲ୍ଏସିରେ ଯୁଦ୍ଧ ଉତ୍ତେଜନା ଲାଗି ରହିଛି । ଚୀନ୍ ସେନାର ଆକ୍ରମଣାତ୍ମକ ପଦକ୍ଷେପକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ବ୍ୟାପକ ସତର୍କତା ଅବଲମ୍ବନ କରିଛି । ପ୍ରଶାସନ ପକ୍ଷରୁ ସୁରକ୍ଷା ବାହିନୀ ପାଇଁ ସମସ୍ତ ସ୍କୁଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ସ୍ଥାନୀୟ ଲୋକ ଏଲ୍ପିଜି ସିଲିଣ୍ଡର ଷ୍ଟକ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜାମ୍ମୁ-କାଶ୍ମୀର ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଲଦାଖକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହିତ ସମଗ୍ର ଅଞ୍ଚଳ ସେନାର ନିରୀକ୍ଷଣରେ ରହିଛି । ଚୀନ୍ ସହ ଉତ୍ତେଜନା ମଧ୍ୟରେ କାଶ୍ମୀର ଆତଙ୍କବାଦୀଙ୍କୁ ମୂଳପୋଛ ଅଭିଯାନ ମଧ୍ୟ ଜାରି ରଖିଛି ଭାରତ । ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଗଲୱାନ ଉପତ୍ୟକାରେଭାରତୀୟ ଯବାନମାନଙ୍କ ସହ ସଂଘର୍ଷ ପୂର୍ବରୁ ଚୀନ୍ ନିଜର ସୈନିକମାନଙ୍କ ମନୋବଳ ବଢ଼ାଇବା ପାଇଁ ଯେଉଁ ଆକ୍ରମଣକୁ ଅଧିକ ଶାଣିତ କରିବା ପାଇଁ ସେଠିକି ପ୍ରଶିକ୍ଷିତ ପର୍ବତାରୋହୀ ଓ ମାର୍ସଲ ଆର୍ଟ (ସାମରିକ କଳା)ରେ ନିପୁଣ ହତ୍ୟାକାରୀଙ୍କୁ ପଠାଇଥିଲା ବୋଲି ସୂଚନା ମିଳୁଛି । ଆଣବିକ ଶକ୍ତି ସମ୍ପନ୍ନ ଭାରତ ଓ ଚୀନ୍ ମଧ୍ୟରେ ପାର୍ବତ୍ୟ ସୀମାକୁ କେନ୍ଦ୍ର କରି ଅନେକ ଥର ସ୍ୱାଭାବିକ ଭାବେ ଉତ୍ତେଜନା ସୃଷ୍ଟି ହୋଇ ଆସୁଥିଲା ବେଳେ ଗତ ୧୫ ତାରିଖ ରାତିର ରକ୍ତାକ୍ତ ସଂଘର୍ଷ ୫୦ ବର୍ଷ ଭିତରେ ସବୁଠୁ ବର୍ବର ଘଟଣା ଘଟିବା ଆଲୋଚନାର ବିଷୟ ପାଲଟିଛି । ଏଭଳି ଅଘଟଣ ପାଇଁ ଚୀନ୍ ପ୍ରଶାସନ ନିଜର ସୈନିକମାନଙ୍କୁ ଉତ୍ସାହିତ କରିଥିଲା ବୋଲି ଜଣାପଡି । ଭାରତର ପୂର୍ବ ଲଦାଖରେ ଚୀନ୍ ଦଶନ୍ଧି ଦଶନ୍ଧି ଧରି ଚଳାଇଥିବା ଆକ୍ରମଣାତ୍ମକ ସାମରିକ ଆଭିମୁଖ୍ୟ ପାଇଁ ଏହାକୁ ଭବିଷ୍ୟତରେ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି । ସମଗ୍ର ବିଶ୍ୱରେ କୋଭିଡ୍-୧୯ ବିରୋଧରେ ଅଭିଯାନ ଚାଲିଥିଲା ବେଳେ ଚୀନ୍ ରାଷ୍ଟ୍ରପତି ସି ଜିନ୍ପିଙ୍ଗ୍ଙ୍କ ଏହି ହୀନ କାର୍ଯ୍ୟକୁ ସବୁଠି ନିନ୍ଦା କରାଯାଉଛି । ଆମେରିକାର ଟ୍ରମ୍ପ ପ୍ରଶାସନ ସି ଜିନ୍ପିଙ୍ଗ୍କୁ ଏନେଇ କଡା ସମାଲୋଚନା କରିଛନ୍ତି ।

### ଭାରତୀୟ ଯବାନଙ୍କୁ ...

ଦେଶରେ ବଡ ବଡ ସଙ୍କଟ ଆସିଛି, ଅନ୍ୟପଟେ ସବୁ ବାଧାବିଘ୍ନକୁ ଦୂରେଇ ଅନେକ ସୃଜନ ମଧ୍ୟ ସୃଷ୍ଟି ହୋଇଛି । ନୂତନ ସାହିତ୍ୟ, ଅନୁସନ୍ଧାନ, ସିଦ୍ଧାନ୍ତ ସୃଷ୍ଟି ହୋଇଛି । ଚଳିତ ବର୍ଷ ଦେଶ ନୂଆ ଲକ୍ଷ୍ୟ ହାସଲ କରିବ । ନୂଆ ଉଡାଣ ଭରିବ । ନୂତନ ଶୀର୍ଷକୁ ଛୁଇଁବ । ୧୩୦ କୋଟି ଦେଶବାସୀଙ୍କ ଶକ୍ତି ଉପରେ ମୋର ବିଶ୍ୱାସ ରହିଛି । ଆମ ଦେଶର ପରମ୍ପରା ମହାନ ବୋଲି ମୋଦି କହିଛନ୍ତି । ବର୍ଷରେ ଗୋଟିଏ ଚ୍ୟାଲେଞ୍ଜ ଆସୁ ବା ୫୦ଟି, ନମ୍ବର ଅଧିକ ହେଉ ବା କମ୍, ସେହିବର୍ଷ ଖରାପ ହୋଇଯାଏ ନାହିଁ । ଭାରତର ଇତିହାସ କହୁଛି, ବିପର୍ଯ୍ୟୟ ଓ ଆହ୍ୱାନକୁ ଜିତିବା ଏବଂ ଆହୁରି ଚମକିବା । ଶହ ଶହ ବର୍ଷ ଯାଏ ଭିନ୍ନ ଭିନ୍ନ ଆକ୍ରମଣକାରୀ ଭାରତକୁ ଆକ୍ରମଣ କରିଛନ୍ତି । ଲୋକଙ୍କୁ ଲାଗୁଥିଲା ଭାରତର ସଂରଚନା ହିଁ ନଷ୍ଟ ହୋଇଯିବ । କିନ୍ତୁ ଏହି ସଙ୍କଟ ଯୋଗୁ ଭାରତ ଆହୁରି ଭବ୍ୟ ରୂପ ନେଇ ଛିଡା ହେଲା ବୋଲି ମୋଦି କହିଛନ୍ତି । ମୋଦି ଆହୁରି କହିଛନ୍ତି, ଏ ସବୁ ପରିସ୍ଥିତିରେ ଆମର କିଛି ପଡୋଶୀ ଯାହା କରୁଛନ୍ତି ଦେଶ ସେହି ପରିସ୍ଥିତି ସହ ମଧ୍ୟ ଲଢୁଛି । ପ୍ରକୃତରେ ଏକା ସଙ୍ଗରେ ଏତେସବୁ ବିପତ୍ତି, ଏହି ସ୍ତରର ବିପତ୍ତି କ୍ୱଚିତ୍ ଦେଖିବାକୁ ଓ ଶୁଣିବାକୁ ମିଳିଥାଏ । ଏବେ କିଛି ଦିନ ତଳେ ପୂର୍ବ ଭାରତରେ ବାତ୍ୟା ଅମ୍ଫନ ତାଣ୍ଡବ କଲା । ପଶ୍ଚିମ ପଟେ ଘୂର୍ଣ୍ଣିଝଡ ନିସର୍ଗ ଆସି ତାଣ୍ଡବ କଲା । ଅନେକ ରାଜ୍ୟର କୃଷକ ଭାଇମାନେ ପଙ୍ଗପାଳ ଦଳ ପାଇଁ ଚିନ୍ତାରେ ଅଛନ୍ତି । ଅନ୍ୟପଟେ ଦେଶର ଅଧିକାଂଶ ଅଞ୍ଚଳରେ ଛୋଟ-ଛୋଟ ଭୂମିକମ୍ପ ମଧ୍ୟ ଲାଗି ରହିଛି । ସେହିପରି ମୋଦି କହିଛନ୍ତି ଯେ, ପ୍ରିୟର ଦେଶବାସୀ, କରୋନା ସଙ୍କଟ କାଳରେ ଦେଶ ଲକଡାଉନ୍ ପରିସ୍ଥିତିରୁ ବାହାରି ଆସିଛି । ଏବେ ଆମେ ଅନଲକ୍ ସ୍ତରରେ ଅଛନ୍ତି । ଏହି ସମୟରେ ଦୁଇଟି ବିଷୟରେ ସର୍ବାଧିକ ଧ୍ୟାନ ଦେବା ଉଚିତ୍ । ପ୍ରଥମତଃ କରୋନାକୁ ହରାଇବା, ଦ୍ୱିତୀୟତଃ ଅର୍ଥ ବ୍ୟବସ୍ଥାକୁ ମଜବୁତ କରିବା । ଅନଲକ୍ ପର୍ଯ୍ୟାୟରେ ଲକଡାଉନ୍ ଠାରୁ ମଧ୍ୟ ଅଧିକ ସତର୍କ ରହିବାକୁ ପଡିବ । ଆପଣମାନଙ୍କ ସତର୍କତା ହିଁ ଆପଣମାନଙ୍କୁ କରୋନା ସଂକ୍ରମଣଠାରୁ ରକ୍ଷା ଦେବ । ଏହି କଥା ସର୍ବଦା ମନେ ରଖିବା ଆବଶ୍ୟକ ଯେ, ଆପଣ ଯଦି ମାସ୍କ ପିନ୍ଧିବେ ନାହିଁ, ଦୁଇ ମିଟର ଦୂରତାର ପାଳନ କରିବେ ନାହିଁ, ତେବେ ଆପଣ ନିଜ ସହ ଅନ୍ୟମାନଙ୍କୁ ମଧ୍ୟ ସଙ୍କଟରେ ପକାଇବେ ।

### ବଢ଼ିପାରେ ...

ଭୁବନେଶ୍ୱରରେ କମିଶନରେଟ୍ ପୁଲିସ ସହରର ୪୫ଟି ସ୍ଥାନରେ ଚେକ୍ପୋଷ୍ଟ କରିଥିଲା । ଚେକ୍ପୋଷ୍ଟଗୁଡ଼ିକରେ ପୋଲିସ ଫୋର୍ସ ଜଗିବା ସହ ଅମାନିଆଙ୍କୁ ସାବାଡ଼ କରିବା ଲାଗି ପ୍ରସ୍ତୁତ ରହିଥିଲା । କେତେକ ସ୍ଥାନରେ ଅମାନିଆମାନେ ବାହାରକୁ ଆସିଥିବା ଦେଖିବାକୁ ମିଳିଥିଲା । ଏପରିକି ସହର ଭିତରେ ଅଟୋ, ଟ୍ୟାକ୍ସି ଓ ବସ୍ ଚଳାଚଳ ମଧ୍ୟ ବନ୍ଦ ହୋଇଯାଇଥିଲା । କେବଳ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗର କର୍ମଚାରୀ, ଟେଲିକମ୍, ଗଣମାଧ୍ୟମ ପ୍ରତିନିଧି ଓ କର୍ମଚାରୀ, ପେଟ୍ରୋଲ୍ ପମ୍ପ୍ କର୍ମଚାରୀ, ହୋମ୍ ଡେଲିଭରୀ, ପାନୀୟଜଳ, ପରିମଳ, ବିଦ୍ୟୁତ୍ କର୍ମଚାରୀ, କଳକାରଖାନା ଓ ହୋଟେଲ କର୍ମଚାରୀମାନେ ନିୟମ ଅନୁସାରେ ପରିଚୟପତ୍ର ଦେଖାଇ ଯିବା ଆସିବା କରିଥିଲେ । ରାଜଧାନୀରେ ଏଭଳି ଅଭୂତପୂର୍ବ ସଫଳତାରେ ପ୍ରଶାସନ ଖୁସି ବ୍ୟକ୍ତ କରିଛି । କରୋନା ଯେଉଁଭଳି ଭାବେ ବୃଦ୍ଧି ପାଇବାରେ ଲାଗିଛି, ତାହାକୁ ଦୃଷ୍ଟିରେ ରଖି ଲୋକେ ସଚେତନ ହୋଇଥିବା କୁହାଯାଉଛି । ପୂର୍ବରୁ ସରକାର ଲକ୍ଡାଉନ ଓ ସଟ୍ଡାଉନ୍ କରିଥିଲେ ମଧ୍ୟ ଏଭଳି ସଫଳତା ମିଳିନଥିଲା । କିଛି ଅମାନିଆ ରାସ୍ତାକୁ ଆସି ହଇରାଣ ହରକତ କରୁଥିଲେ । ଫଳସ୍ୱରୂପ ପୁଲିସକୁ ବଳପ୍ରୟୋଗ କରିବାକୁ ପଡୁଥିଲା । ହେଲେ ଏଥର ସେମିତି କିଛି ଦେଖିବାକୁ ମିଳିନି ।

### ଚୀନ୍ର ଅନୁପ୍ରବେଶ ...

ଆସିଥିଲେ, ସେତେବେଳେ କେନ୍ଦ୍ରରେ ଅବସ୍ଥାପିତ ୟୁପିଏ ସରକାର ସେମାନଙ୍କୁ ତଡ଼ିଦେଇଥିଲେ । ମାତ୍ର ବର୍ତ୍ତମାନ ଗଲୱାନ ଉପତ୍ୟକା ସମେତ ପାଞ୍ଚରୁ ଛଅଟି ସ୍ଥାନରେ ଚୀନ୍ ଅନୁପ୍ରବେଶ କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ତାହା ମାନିବାକୁ ପ୍ରସ୍ତୁତ ନୁହନ୍ତି । ଓଲଟା ଚୀନ୍ ଭାରତ ସୀମାରେ ଅନୁପ୍ରବେଶ କରିନାହିଁ କିମ୍ବା ଇଞ୍ଚେ ହେଲେ ଜାଗା ନେଇନାହିଁ ବୋଲି କହୁଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା । ସେହିପରି ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୨୦୧୪ ମସିହାରେ ତାଙ୍କର କାର୍ଯ୍ୟକଳାପ ଉପରେ ମଧ୍ୟ ଶ୍ରୀ ପଟ୍ଟନାୟକ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ତା' ପରେ ୬ ବର୍ଷର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ପାଞ୍ଚ ଥର ଚାଇନା ଗସ୍ତ କରିଛନ୍ତି । ମାତ୍ର ପଡ଼ୋଶୀ ଦେଶ ସାଙ୍ଗରେ ତାଙ୍କର କୁଟନୀତି ବିଫଳ ହୋଇଛି । ଏନେଇ ପ୍ରଧାନମନ୍ତ୍ରୀ ମୁହଁ ଖୋଲିବା ଆବଶ୍ୟକ । ତୃତୀୟ ପ୍ରଶ୍ନ ସ୍ୱରୂପ ୨୦୨୦ ମେ' ମାସ ମଧ୍ୟରେ ୫ଟି ଚାଇନିଜ୍ କମ୍ପାନୀ ୯୬୭୮ କୋଟି ଟଙ୍କା ପିଏମ୍ କେୟାର ଫଣ୍ଡକୁ ଆଣିଛନ୍ତି । ଯେଉଁ ଟଙ୍କା ପିଏମ୍ କେୟାର ଫଣ୍ଡକୁ ଆସୁଛି, ତାହାର ଅଡିଟ୍ ହୋଇପାରିବ ନାହିଁ କିମ୍ବା ଆରଟିଆଇ ଦ୍ୱାରା ଖର୍ଚ୍ଚର ହିସାବ ମଧ୍ୟ ମଗାଯାଇ ପାରିବ ନାହିଁ । ଯେଉଁ କମ୍ପାନୀମାନେ ପିଏମ୍ କେୟାରକୁ ଏତେ ଟଙ୍କାର ଅର୍ଥ ପ୍ରଦାନ କରିଛନ୍ତି, ସେମାନଙ୍କର ପିଏଲ୍ଏ ସହିତ କିଛି ସମ୍ପର୍କ ଅଛି କି ନାହିଁ ସେନେଇ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ । ସେହିପରି ସେମାନେ କ'ଣ ପାଇଁ ଏତେ ଟଙ୍କା ପିଏମ୍ କେୟାରକୁ ପ୍ରଦାନ କରିଛନ୍ତି ସେନେଇ ମଧ୍ୟ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ । ଦେଶର ସୁରକ୍ଷା ପ୍ରସଙ୍ଗ ବିଶେଷକରି ଚାଇନା ସହ ଲାଗିରହିଥିବା ଉତ୍ତେଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ନିରବତା ବରଦାସ୍ତ କରାଯିବ ନାହିଁ ବୋଲି ନିରଞ୍ଜନ କହିଛନ୍ତି ।

### ବାହୁଡିବେ ...

ସଞ୍ଜୟ କୁମାର ଦାସବର୍ମା, ଜିଲ୍ଲାପାଳ ବଲୱନ୍ତ ସିଂ, ଏସ୍ପି ଉମାଶଙ୍କର ଦାଶ, ଉପଜିଲ୍ଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରଥ ଆଜ୍ଞାମାଳ ବିଜେ ପରେ ୧୧ଟା ୨୫ମିନିଟ୍ରେ ଭୋଗମଣ୍ଡପ ପୂଜା ଆରମ୍ଭ ହୋଇ ୧୨ଟାରେ ଶେଷ ହୋଇଥିଲା । ୧୨ଟା ୧୦ମିନିଟ୍ରେ ଠାକୁରମାନଙ୍କ ମଇଲମ, ୧୨ଟା ୪୦ମିନିଟ୍ରେ ଯାତ୍ରାଙ୍ଗୀ ମହାସ୍ନାନ, ଦିନ ୧ଟାରେ ଘଣ୍ଟ ଛତା ସର୍ବାଙ୍ଗ, ୧ଟା ୫୦ମିନିଟ୍ରେ ନୂଆ ଲୁଗା ଲାଗି ବେଶ, ୨ଟା ୧୫ମିନିଟ୍ରେ ମଧ୍ୟାହ୍ନ ଧୂପ ପୂଜା, ୨ଟା ୪୦ମିନିଟ୍ରେ ମଧ୍ୟାହ୍ନ ଧୂପ ଟେରା ଓ ୨ଟା ୫୦ମିନିଟ୍ରେ ମଧ୍ୟାହ୍ନ ଧୂପ ପୂଜା ଶେଷ ହୋଇଥିଲା । ୩ଟା ୫୦ମିନିଟ୍ରେ ଶେଷ ହୋଇଥିଲା ଦ୍ୱିତୀୟ ଭୋଗମଣ୍ଡପ, ୪ଟାରେ ମଇଲମ, ୪ଟା ୪୦ମିନିଟ୍ରେ ବେଶ, ୪ଟା ୫୦ମିନିଟ୍ରେ ସନ୍ଧ୍ୟା ଆଳତି ସମ୍ପନ୍ନ ହୋଇଥିଲା ।

### କେଉଁ ସ୍ୱାର୍ଥରେ ...

ଥାନା ବାବୁଙ୍କ ପକେଟ ଗରମ କରୁଛି । ତେଣୁ ଥାନାବାବୁ ଓ ଅପରାଧୀଙ୍କ ମଧୁଚନ୍ଦ୍ରିକାରେ ସାଧାରଣ ଲୋକ ବଳି ପଡୁଛନ୍ତି । କେବଳ ଏତିକି ନୁହେଁ ଜମିବାଡି ମାମଲାରେ ବି ଏହି ଥାନା ଉପଯୁକ୍ତ ନ୍ୟାୟ ନଦେଇ ଅଭିଯୁକ୍ତଙ୍କୁ ସମର୍ଥନ କରୁଥିବା ନେଇ ଅଭିଯୋଗ ହୁଏ । ଅନ୍ୟ ଏକ ସାଂଘାତିକ ଅଭିଯୋଗ ଯେ, ସ୍ଥାନୀୟ ଅଞ୍ଚଳର ଆଉ ଜଣେ ଅପରାଧୀଙ୍କୁ ମୋଟା ଅଙ୍କର ଲାଞ୍ଚ ନେଇ ଥାନାବାବୁ ବନ୍ଧୁକ ଲାଇସେନ୍ସ କରିଦେଇଛନ୍ତି । ବନ୍ଧୁକ ଲାଇସେନ୍ସ ପ୍ରଦାନରେ ସେଇ ମୋଟା ଅଙ୍କର ଗଣିତ ବୋଲି ଶୁଣିବାକୁ ମିଳୁଛି । ଯାହା କି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କଲେ ଜଣାପଡିବ । ତେବେ ରାଜ୍ୟ ସରକାର ଶାସନରେ ସ୍ୱଚ୍ଛତା ଆଣିବାକୁ 'ମୋ ସରକାର' ଓ ଓ ୫-ଟି' ଭଳି ଦୃଢ଼ ପଦକ୍ଷେପ ନେଉଥିବା ବେଳେ ପୋଲିସ ବିଭାଗର ଏଭଳି ଅସାଧୁ କର୍ମଚାରୀଙ୍କ ପାଇଁ ସରକାର ବଦନାମ ହେଉଛି । କାରଣ ଯେଉଁ ବିଭାଗ ଉପରେ ଜନତାଙ୍କ ସୁରକ୍ଷା ନିର୍ଭର କରୁଛି ସେଠାରେ ଏଭଳି ଲାଞ୍ଚୁଆ ପୋଲିସଙ୍କ କାର୍ଯ୍ୟକଳାପ କେବଳ ପ୍ରଶାସନ ପାଇଁ ନୁହେଁ ସାଧାରଣ ଲୋକଙ୍କ ମୁଣ୍ଡବିନ୍ଧାର କାରଣ । ଏଭଳି ପୋଲିସଙ୍କ ନିକଟରୁ ଜନସାଧାରଣ ଉତ୍ତମ ନ୍ୟାୟ ପାଇବେ କିପରି ବୋଲି ଆଲୋଚନା ହେଉଛି । ଯେଉଁଠି ଅପରାଧୀଙ୍କୁ ଧରିବା ବଦଳରେ ପୋଲିସ ସେମାନଙ୍କ ଘନିଷ୍ଠ ହେଉଛି ସେଠାରେ ସାଧାରଣ ଲୋକ କହିବେ କାହାକୁ ? ତେଣୁ ମାନ୍ୟବର ପୋଲିସ ମହାନିର୍ଦ୍ଦେଶକ ଏଭଳି ଘଟଣା ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି । ବିଭାଗୀୟ ତଦନ୍ତ ନହେଲେ ପରବର୍ତ୍ତୀ ସମୟରେ ଏନେଇ ଅଧିକ ଖବର ପ୍ରକାଶ କରାଯିବ ।

**ପୁଷ୍ଟିସାଧନ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗର ପଦକ୍ଷେପ**

# ଅଙ୍ଗନବାଡ଼ିର ନିଜସ୍ୱ ଜମି ଥିଲେ ହେବ ନ୍ୟୁଟ୍ରି ଗାର୍ଡେନ

**ଭୁବନେଶ୍ୱର :** କୋଭିଡ୍-୧୯ ମହାମାରୀ ସଂକ୍ରମଣ ସ୍ଥିତିରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି । ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଗର୍ଭବତୀ, ପ୍ରସୂତି ଏବଂ ୬ମାସରୁ ୬ବର୍ଷ ପର୍ଯ୍ୟନ୍ତ ବୟସର ଶିଶୁମାନଙ୍କ ଅତିରିକ୍ତ ପୁଷ୍ଟିସାଧନ ପାଇଁ ଶୁଖିଲା ରାସନ୍, ଛତୁଆ, ଲଡୁ, ଚିକି ଓ ଅଣ୍ଡା ଆଦି ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଉଛି । ସମସ୍ତ ପ୍ରବାସୀ ଗର୍ଭବତୀ, ପ୍ରସୂତି ମହିଳା ଏବଂ ୬ବର୍ଷରୁ କମ୍ ଶିଶୁମାନଙ୍କୁ ମଧ୍ୟ ସମନ୍ୱିତ ଶିଶୁ ବିକାଶ ଯୋଜନାର ହିତାଧିକାରୀ ଭାବେ ସାମିଲ କରାଯାଇଛି । ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ବର୍ଷା ଋତୁରେ ନ୍ୟୁଟ୍ରି ଗାର୍ଡେନ ଆରମ୍ଭ କରାଯିବ । ଏଥିପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଯେଉଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ କୋଠା ଅଛି, ସେଠାରେ କେନ୍ଦ୍ର ଚାରିପଟେ ଥିବା ସ୍ଥାନକୁ ବାଡ଼ ଘେରାଇବା ସହ ବଗିଚା କାମ ଆରମ୍ଭ କରାଯିବ । ଯେଉଁଠାରେ ଅଙ୍ଗନବାଡ଼ି କେନ୍ଦ୍ରର ପ୍ରାଚୀର ନାହିଁ ସେଠାରେ ସବୁଜ ବାଡ଼ ତିଆରି କରି ବଗିଚା କାମ ଆରମ୍ଭ କରାଯିବ । ମୌସୁମୀର ଆରମ୍ଭରୁ ଏହିସବୁ ପୁଷ୍ଟିକର ବଗିଚାରେ ଅମୃତଭଣ୍ଡା, କଦଳୀ, ସଜନା ଗଛ ଏବଂ ପନିପରିବା ଚାରା ଲଗାଯିବ । ଯେଉଁଠାରେ ଅଧିକ ଜାଗା ଥିବ ସେଠାରେ ଫଳବଗିଚା କରି ପିଜୁଳି ଆଦି ଗଛ ଲଗାଯିବ । ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଦ୍ୱାରା ମନରେଗା ଯୋଜନାରେ ଅର୍ଥ ବ୍ୟୟ କରି ଏହି କାର୍ଯ୍ୟ ଆରମ୍ଭ କରାଯିବ । ପୂର୍ବ ନିଷ୍ପତ୍ତି ଅନୁସାରେ ଜିଲ୍ଲାପାଳମାନଙ୍କୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଚିଠି ଲେଖିଛନ୍ତି । ଶିଶୁ ଯତ୍ନ ଅନୁଷ୍ଠାନରେ ଥିବା ପିଲାମାନଙ୍କ ଅତିରିକ୍ତ ପୁଷ୍ଟିସାଧନ ପାଇଁ ଏହି ଅନୁଷ୍ଠାନଗୁଡ଼ିକରେ ମଧ୍ୟ ପୁଷ୍ଟିକର ବଗିଚା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ଗୁରୁତର ପୁଷ୍ଟିହୀନ ଶିଶୁ ଏବଂ ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁମାନଙ୍କ ପୁଷ୍ଟିସାଧନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ଜିଲ୍ଲା ଅଧିକାରୀଙ୍କୁ କୁହାଯାଇଛି । ଓଡ଼ିଶାରେ ଜୀବିକା ମିଶନ ସହାୟତାରେ ରାୟଗଡ଼ା ଜିଲ୍ଲାରେ ବାଡ଼ି ଅଗଣାରେ କୁକୁଡ଼ା ପାଳନ ସହ ପୁଷ୍ଟିକର ବଗିଚାରୁ ପିଲାମାନଙ୍କୁ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ଜିଲ୍ଲାର ୯୪୧ଟି ଅଙ୍ଗନବାଡ଼ି କେନ୍ଦ୍ରରେ ନ୍ୟୁଟ୍ରି ଗାର୍ଡେନ ହୋଇସାରିଛି । ସମନ୍ୱିତ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ଖାଦ୍ୟ ସାମଗ୍ରୀ ସହ ଅତିରିକ୍ତ ଏକ ପରିବା ତରକାରୀ ରନ୍ଧାଖାଦ୍ୟଭାବେ ପିଲାମାନଙ୍କୁ ଦିଆଯାଉଛି । ଜିଲ୍ଲାପାଳମାନେ ତ୍ୱରିତ ପଦକ୍ଷେପ ନେଇ ପ୍ରତ୍ୟେକ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଏହି ପୁଷ୍ଟିକର ବଗିଚା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

# ୯ରୁ ବିପିୟୁଟି ଶେଷ ସେମିଷ୍ଟର ପରୀକ୍ଷା

**ଭୁବନେଶ୍ୱର :** ବିପିୟୁଟି ଅଧୀନରେ ପରିଚାଳିତ ବୈଷୟିକ କଲେଜଗୁଡ଼ିକର ଶେଷ ରେଗୁଲାର ସେମିଷ୍ଟର ପରୀକ୍ଷା ଆସନ୍ତା ୯ତାରିଖରୁ ଆରମ୍ଭ ହେବ । ଏନେଇ ଶନିବାର ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତିରେ ଦର୍ଶାଯାଇଥିବା ସୂଚନା ଅନୁଯାୟୀ ବି.ପ୍ଲାନ, ବି.ଆର୍କିଟେକ, ବି.ଫାର୍ମା, ଏମ୍ବିଏ, ବିଟେକ୍, ଏମ୍ଏସ୍ସି ଏବଂ ପାର୍ଟ ଟାଇମ୍ ଏମ୍ବିଏ ବିଷୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଶେଷ ବର୍ଷ ପରୀକ୍ଷା ବା ଶେଷ ସେମିଷ୍ଟର ଜୁଲାଇ ୯ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରାକ୍ଟିକାଲ ବା ମକ୍ ଟେଷ୍ଟ ଜୁଲାଇ ୨ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଛାତ୍ରଛାତ୍ରୀମାନେ ଅନ୍ଲାଇନ୍ ମାଧ୍ୟମରେ ପରୀକ୍ଷା ଦେବେ । ସମସ୍ତ ଥିଓରୀ ପରୀକ୍ଷା ୨ଟି ସିଟିଂରେ କରାଯିବ । ପ୍ରଥମ ସିଟିଂ ସକାଳ ୧୦ଟାରୁ ଆରମ୍ଭ ହୋଇ ୧୨ଟା ପର୍ଯ୍ୟନ୍ତ ଓ ୨ୟ ସିଟିଂ ଦିନ ୨ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ । ସେହିପରି ପ୍ରାକ୍ଟିକାଲ ବା ମକ୍ ଟେଷ୍ଟ ସକାଳ ୧୦ଟା ୩୦ରୁ ଆରମ୍ଭ ହୋଇ ୪ଟା୩୦ ପର୍ଯ୍ୟନ୍ତ ଚାଲିବ । ରାଜ୍ୟରେ ଥିବା ୧୩୭ଟି ଇନ୍ଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ । କରୋନା ସଂକ୍ରମଣକୁ ଗୁରୁତ୍ୱ ଦେଇ ପରୀକ୍ଷା କେନ୍ଦ୍ରବଦଳରେ ଅନ୍ଲାଇନ୍ ଟେଷ୍ଟ କରିବାକୁ ବିପିୟୁଟି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ସେଥିପାଇଁ ସିବିଟି ସେଣ୍ଟର କରାଯାଇଛି । ଏହି ସିବିଟି ସେଣ୍ଟରରେ ସାମାଜିକ ଦୂରତା ଓ କୋଭିଡ ନିୟମ ପାଳନ କରାଯିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଗାଇଡ଼ଲାଇନ୍ ଯେପରି କାର୍ଯ୍ୟକାରୀ ହେବ ସେଥିଲାଗି ସର୍ବାଧିକ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଅନ୍ଲାଇନ୍ ଟେଷ୍ଟ ଲାଗି ପରୀକ୍ଷାର୍ଥୀମାନେ ସେମାନଙ୍କର ପରିଚୟ ପତ୍ର ସାଥିରେ ରଖିବା ବାଧ୍ୟତାମୂଳକ କରାଯାଇଛି । ପରୀକ୍ଷାର୍ଥୀଙ୍କର ରୋଲନମ୍ବର ସେମାନଙ୍କର ମୋବାଇଲକୁ ମେସେଜ୍ କିମ୍ବା ଇମେଲ୍ ମାଧ୍ୟମରେ ଜଣାଇଦିଆଯିବ । ମାସ୍କ ବ୍ୟବହାର, ସାଇଟାଇଜର ବ୍ୟବହାର କରିବା ସହ ପ୍ରତ୍ୟେକ ପରୀକ୍ଷାକେନ୍ଦ୍ରରେ ସର୍ବାଧିକ ୩୦ଜଣ ପରୀକ୍ଷାର୍ଥୀ ବସିପାରିବେ । ସମ୍ପୃକ୍ତ କକ୍ଷରେ ଜଣେ ନୀରିକ୍ଷକଙ୍କୁ ନିୟୋଜିତ କରାଯିବ ବୋଲି ଜଣାପଡ଼ିଛି । ସେହିପରି ଯେଉଁ ଛାତ୍ରଛାତ୍ରୀମାନେ ଅନ୍ଲାଇନ୍ରେ ପରୀକ୍ଷା ଦେବେନି, ସେମାନେ ସ୍ଥିତି ସୁଧୁରିବା ପରେ କଲେଜ ଖୋଲିଲେ ଅଫ୍ଲାଇନ୍ରେ ପରୀକ୍ଷା ଦେଇପାରିବେ ବୋଲି ବ୍ୟବସ୍ଥା କରାଯାଇଛି । ସବୁ ଜିଲ୍ଲାରେ ଓ ରାଜ୍ୟ ବାହାରେ ପରୀକ୍ଷା କେନ୍ଦ୍ର କରାଯିବ ।

# ଡେଲାଙ୍ଗ ବ୍ଲକରେ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



**ଡେଲାଙ୍ଗ :** ମହାମାରୀ କରୋନା ଦିନକୁ ଦିନ ଭୟଙ୍କର ରୁପ ନେଉଥିବା ବେଳେ ସମଗ୍ର ଭାରତବର୍ଷ ଏକ ସଂକଟଜନକ ପରିସ୍ଥିତି ଦେଇ ଗତିକରୁଛି ,ଏହି ଭୟାନକ କରୋନା ଭୁତାଣୁ କୁ ହରେଇବା ,ଭାରତକୁ ଜିତେଇବା ଲକ୍ଷ୍ୟ ନେଇ କୋଭିଡ-୧୯ ଯୁଦ୍ଧରେ ଦୀର୍ଘ ଅଢେଇ ମାସ ହେଲା ନିଜର ସ୍ୱାସ୍ଥ୍ୟ ଏବଂ ପରିବାର ବର୍ଗଙ୍କୁ ଭୁଲି ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଦିନରାତି ଏକ କରିଦେଇଥିବା କୋଭିଡ ଯୋଦ୍ଧାମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ମହତ କାର୍ଯ୍ୟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡିଆ ପରବାର ର ପରିଚାଳନା ନିର୍ଦ୍ଦେଶକ ତଥା ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡିଆଙ୍କ ତତ୍ତ୍ୱାବଧନରେ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ସମ୍ମିଳନୀ ପ୍ରକୋଷ୍ଟରେ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ,ବିଡିଓ କ୍ଷିରୋଦ୍ର ପ୍ରଧାନ ,ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆ, ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଂଜନ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି କବିନ୍ଦ୍ର ବଳବନ୍ତରାୟ ,ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ,ମିଶନଶକ୍ତି ମହିଳା ମହାସଙ୍ଘର ସମ୍ପାଦିକା ବାସନ୍ତୀ ସାହୁ ,ଅଗ୍ନିଶମ ବିଭାଗ ହାବିଲିଦାର ଜୟରାମ ସାହୁ ଙ୍କ ସମେତ କାର୍ଯ୍ୟରତ ସମସ୍ତ ବୈଦ୍ୟୁତିକ ଏବଂ ପ୍ରୀଣ୍ଟ ମିଡିଆ /ଗଣମାଧ୍ୟମର ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ,ଦୀପକ କୁମାର ମିଶ୍ର, ଦ୍ୟୁତିକୃଷ୍ଣ ପଟ୍ଟନାୟକ, ଧୀରେନ ସେନାପତି,ସନ୍ତୋଷ କୁମାର ପଟ୍ଟନାୟକ,ଦିବାକର ଷଡଙ୍ଗୀ,ପ୍ରତାପ ବାରିକ, ବିଦ୍ୟାଧର ପରିଡା, ଚିତ୍ତରଂଜନ ଜେନା,ରଶ୍ମିରଂଜନ ପ୍ରଧାନ,ଅରୁଣ ରାଉତ,ବିଜୟ କୁମାର ମହାପାତ୍ର, ସନ୍ତୋଷ ପ୍ରଧାନ, ଲୋପାମୁଦ୍ରା ସ୍ୱାଇଁ, ବିଜୟ ମିଶ୍ର, ନିରଂଜନ ନାୟକ ,ଦେବାଶିଷ ସିଙ୍ଗରାୟନ ଆଦି ପମୁଖ ସାମ୍ବାଦିକ ମାନଙ୍କୁ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡିଆ ପରବାର ,ପକ୍ଷରୁ କରୋନା ଯୋଦ୍ଧା ମାନପତ୍ର, ଉପଢୌକନ, ଉତ୍ତରୀ ସହ ମାସ୍କ ଓ ଗ୍ଲୋବସ ଆଦି ପ୍ରଦାନ ପୂର୍ବକ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା । ପ୍ରଥମେ ଲଦାଖ ସୀମାନ୍ତରେ ଦେଶ ପାଇଁ ସହିଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ସ୍ୱରୁପ ୨ମିନିଟ୍ ସାମୁହିକ ନିରବ ପ୍ରର୍ଥନା କରାଯାଇଥିଲା । ସାମ୍ବାଦିକ ପସନ୍ନ ତ୍ରିପାଠୀ, ଦୀପକ ମିଶ୍ର ,ବିଜୟ ମହାପାତ୍ର ,ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲା ବେଳେ ସଂଗଠନର ଟ୍ରଷ୍ଟି ଗୀତାରାଣୀ ରଣଜିତ୍ ସମସ୍ତଙ୍କ ଉପସ୍ଥିତି ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ସେଛାସେବୀ ଆଲୋକମୟ ହରିଚନ୍ଦନ,ବେଣୁଧର ମଙ୍ଗରାଜ,ରବିନ୍ଦ୍ର କୁମାର ସାହୁ ଏଥିରେ ସହଯୋଗ କରିଥିଲେ ।



# ପରମହଂସ ପ୍ରଜ୍ଞାନାନନ୍ଦ

ହେମନ୍ତ କୁମାର ପରିଡ଼ା

ସାଧୁସନ୍ଥମାନେ ହେଉଛନ୍ତି ଆମ ମହାନ ସଂସ୍କୃତିର ଆଧାର ଶିଳା । ଯେଉଁମାନଙ୍କ ଦିବ୍ୟ ଅନୁଭବକୁ ଆଧାରକରି ସମୃଦ୍ଧ ହୋଇଛି ଆମ ସମାଜ ଆଉ ସଂସ୍କୃତି । ତେଣୁ ଯୁଗେ ଯୁଗେ ସମାଜ ସେମାନଙ୍କର ସ୍ତୁତିଗାନ କରି ଆସିଛି । କୃତଜ୍ଞତା ଜଣାଇ ନିଜକୁ ସେମାନଙ୍କ ପାଖରେ ସମର୍ପିତ କରିଛି । ବ୍ୟକ୍ତି ତାଙ୍କୁ ସ୍ୱୀକୃତି ଦେବା ସହିତ ସେମାନଙ୍କ ନାମ ଗୋତ୍ର ମାଧ୍ୟମରେ ନିଜେ ମଧ୍ୟ ସ୍ୱୀକୃତି ହୋଇଛି । ଏପରି କୌଣସି ମୂଳଭାରତୀୟ ବଂଶୋଦ୍ଭବ ନାହାଁନ୍ତି ଯେଉଁମାନେ କୌଣସି ଏକ ଋଷିକୁଳର ଅନ୍ତର୍ଗତ ନୁହଁନ୍ତି । ସାଧୁମାନେ ମହାନ । ସେମାନେ ଆପଣା ନିଷ୍ଠା, ସାଧୁତା ଓ ସାଧନ ସିଦ୍ଧି ଦ୍ୱାରା ସମାଜକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଆଗକୁ ଆଗେଇବାର ପଥପ୍ରଦର୍ଶନ କରିଛନ୍ତି । ଅତୀତ ଓ ବର୍ତ୍ତମାନର ଯୋଗ ସୂତ୍ର ହୋଇ ଯୁଗେ ଯୁଗେ ରହି ଆସିଛନ୍ତି । ସେହିଭଳି ଜଣେ ଦିଗଦ୍ରଷ୍ଟା ସନ୍ଥ ହେଉଛନ୍ତି ପରମହଂସ ପ୍ରଜ୍ଞାନାନନ୍ଦ । କ୍ରିୟାଯୋଗ ପରମ୍ପରାର ଅନ୍ୟତମ ପ୍ରବାଦ ପୁରୁଷ

ମହାଯୋଗୀ ପରମହଂସ ହରିହରାନନ୍ଦ ଗିରିଙ୍କର ସେ ଯୋଗ୍ୟତମ ଶିଷ୍ୟ ତଥା ଆଧ୍ୟାତ୍ମିକ ଉତ୍ତରାଧିକାରୀ । ସେ କହିଥିଲେ ପ୍ରଜ୍ଞାନାନନ୍ଦ ଆଉ ମୁଁ ଏକ ଓ ଅଭିନ୍ନ । ମୋ ଭିତରେ ତାଙ୍କୁ ଏବଂ ତାଙ୍କ ଭିତରେ ମୋତେ ଦର୍ଶନ କରିବ । ଥରେ ଜଣେ ବିଦେଶିନୀ ମା'ଙ୍କ ପାଖକୁ ପତ୍ର ଲେଖି ପ୍ରଜ୍ଞାନାନନ୍ଦଜୀଙ୍କ ବିଷୟରେ ଯାହା ପରିଚୟ ପ୍ରଦାନ କରିଥିଲେ, ତାହାର ସାରାଂଶ ହେଉଛି - ସେ ଜଣେ ବହୁ ଭାଷାବିତ୍, ଶାସ୍ତ୍ରଜ୍ଞ ସଂସ୍କୃତି ବିଦ୍ୱାନ । ସୁଦ୍ଧି ଚରିତ୍ରବାନ ବ୍ରହ୍ମଚାରୀ । ଜ୍ଞାନୀ ଓ ଉଚ୍ଚକୋଟୀର ସାଧକ । ଶାସ୍ତ୍ର ସମ୍ବନ୍ଧରେ ମୋ ଭିତରେ ଶଙ୍କା ଉପୁଜିଲେ ମୁଁ ତାଙ୍କ ସହ ଆଲୋଚନା କରେ । ସେ ଜଣେ ବନ୍ଧୁବତ୍ସଳ, ମଧୁରଭାଷୀ ରମଣୀୟ ବ୍ୟକ୍ତିତ୍ୱ । ମୋ ଅନ୍ତେ ସେ ମୋର ଉତ୍ତରାଧିକାରୀ ହେବ । ଥରେ ଜଣେ ଯୋଗୀ ତାଙ୍କ ଘରକୁ ଆସି ତାଙ୍କର ଗର୍ଭଧାରଣକୁ ଭବିଷ୍ୟବାଣୀ କରିଥିଲେ - 'ମା' ତୁମ ଗର୍ଭରେ ଜଣେ ମହାନ ଯୋଗୀ ଆସୁଛନ୍ତି । ଭବିଷ୍ୟତରେ ସେ ବିଶ୍ୱ ଗୁରୁ ହେବେ । ଜନ୍ମ ପରେ ଆପଣ ତାଙ୍କ ନାମ ତ୍ରିଲୋକୀ ରଖିବେ । ପ୍ରକୃତରେ ଗୁରୁ ହରିହରାନନ୍ଦଙ୍କର ଶିଷ୍ୟ ପ୍ରଜ୍ଞାନାନନ୍ଦ ଉପରେ ଥିଲା ଗଭୀର ଶ୍ରଦ୍ଧା ଓ ବିଶ୍ୱାସ । ପରବର୍ତ୍ତୀ ଅବସ୍ଥା ସେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ପାର୍ଥିବ ସମ୍ପତ୍ତି ସହିତ ନିଜର ସମସ୍ତ ସାଧନଶକ୍ତି ପ୍ରଦାନ କରିଥିଲେ । ଏବଂ ଆଧ୍ୟାତ୍ମିକ ଉତ୍ତରାଧିକାରୀ ଭାବେ ଗୁରୁଭାର ପ୍ରଦାନ କରିଥିଲେ । ଏବେ ପରମହଂସ ପ୍ରଜ୍ଞାନାନନ୍ଦ କ୍ରିୟାଯୋଗ ପରମ୍ପରାର ଅନ୍ୟତମ ସର୍ବମାନ୍ୟ ଗୁରୁ ।

ଖାଲି ଗୁରୁ ହରିହରାନନ୍ଦ ନୁହଁନ୍ତି ବହୁ ବିଶିଷ୍ଟ ସାଧୁସନ୍ଥମାନେ ମଧ୍ୟ ତାଙ୍କ ଉପରେ ଉଚ୍ଚ ମନ୍ତବ୍ୟ ପ୍ରଦାନ କରିଛନ୍ତି । ଏପରିକି ସନ୍ନ୍ୟାସ ନେବା ପୂର୍ବରୁ ମଧ୍ୟ ତାଙ୍କୁ ଶ୍ରଦ୍ଧା ସମ୍ମାନ ସହ ମାନ୍ୟତା ପ୍ରଦାନ କରୁଥିଲେ । ଦିନକର ଘଟଣା - ମହାନ ସନ୍ଥ ସ୍ୱାମୀ ରାମସୁଖ ଦାସଜୀ ମହାରାଜ ଋଷିକେଶ ଗଙ୍ଗାକୂଳସ୍ଥ ତାଙ୍କ କୁଟିଆରେ ଅବସ୍ଥାନ କରୁଥାଆନ୍ତି । ପ୍ରଜ୍ଞାନାନନ୍ଦଜୀ (ତତ୍‌କାଳୀନ ତ୍ରିଲୋକୀ) ତାଙ୍କୁ ଦର୍ଶନ କରି ତାଙ୍କ ଠାରୁ କିଛି ଗୀତା ପୁସ୍ତକ ନେଇ ଫେରିଆସୁଛନ୍ତି । ଏହି ସମୟରେ କିଛି ଭକ୍ତ ସ୍ୱାମୀଜୀଙ୍କ ଦର୍ଶନ ପାଇଁ ଆସିଲେ । ପ୍ରଣାମ କଲାବେଳକୁ ସ୍ୱାମୀଜୀ କହିଲେ ପଛେ ମତେ ପ୍ରଣାମ କରିବ, ଆଗ ଯାଅ ଧୋତି ପଞ୍ଜାବୀ ପରିହିତ ହାତରେ ଗୀତାଧରି ସେହି ଯେଉଁ ମହାତ୍ମା ଯାଉଛନ୍ତି ତାଙ୍କୁ ପ୍ରଣାମ କରି ତାଙ୍କ ଠାରୁ ଆଶୀର୍ବାଦ ନିଅ । ସେତେବେଳକୁ ପ୍ରଜ୍ଞାନାନନ୍ଦ ସନ୍ନ୍ୟାସ ଗ୍ରହଣ କରିନଥିଲେ । ସେ ଥିଲେ ରେଭେନ୍ସା ମହାବିଦ୍ୟାଳୟର ଜଣେ ଅର୍ଥନୀତି ଅଧ୍ୟାପକ ତ୍ରିଲୋକୀ ଦାଶ । ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ବେଲତଳ ଗ୍ରାମର ବନ୍ଧିପଡ଼ା ବ୍ରାହ୍ମଣ ସାହିରେ ତାଙ୍କର ଜନ୍ମ । ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରି ସେ ୧୯୫୯ ମସିହା ଶ୍ରାବଣ ଶୁକ୍ଳ ସପ୍ତମୀର ମନୋରମ ଶ୍ରାବଣୀ ସକାଳେ ଭୂମିଷ୍ଠ ହୋଇଥିଲେ । ଅଧିକାରୀ ବ୍ରାହ୍ମଣ ପରିବାର । ପିତା ନିରଞ୍ଜନ ଥିଲେ ଅତ୍ୟନ୍ତ ସ୍ନେହି, ଶ୍ରଦ୍ଧାଳୁ ନିଷ୍ଠାପର ସାଧୁସନ୍ଥପ୍ରେମୀ ବ୍ୟକ୍ତି । ଗୁରୁ ପରମ୍ପରା ଥିଲା ତାଙ୍କର କୌଳିକ ବୃତ୍ତି । ଯୋଗୀ ସନ୍ନ୍ୟାସୀଙ୍କ ଭବିଷ୍ୟତବାଣୀକୁ ଆଧାର କରି ପରିବାର ଲୋକେ ନବଜାତ ଶିଶୁର ନାମ ରଖିଥିଲେ ତ୍ରିଲୋକୀ । ପିଲାଟି ଦିନରୁ ତାଙ୍କ ଭିତରେ ଅନେକ ବିଶେଷତା



ପରିଲକ୍ଷିତ ହେଉଥିଲା । ଗ୍ରାମ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପ୍ରସିଦ୍ଧ ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ଏବଂ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରାଉରକେଲା, ରେଭେନ୍ସା ଓ ଅନୁଗୁଳ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ଆସୁଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ଚାକିରି, ମୋଟା ବେତନ ଓ ସମାଜର ମାନପ୍ରତିଷ୍ଠା ପରିତ୍ୟାଗ ରକି ତ୍ୟାଗ ତୀତିକ୍ଷାକୁ ଆଦରି ନେଇଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ କଲିକତା ମହାନଗରୀର ଜଣେ ଭକ୍ତଙ୍କ ନିବାସରେ ଗୁରୁଦେବ ହରିହରାନନ୍ଦ ତାଙ୍କୁ ମହାନ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରିଥିଲେ । ସେବେଠାରୁ ଅଧ୍ୟାପକ ତ୍ରିଲୋକୀ ପରିବର୍ତ୍ତିତ ଓ ପରିଚିତ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି ଭାବରେ । ଏହି ନାମରେ ସେ ବିଶ୍ୱ ପ୍ରସିଦ୍ଧି ଲାଭ କଲେ ।

ପିଲାଟି ଦିନରୁ ସେ ଥିଲେ ନିବୃତ୍ତି ମାର୍ଗର ଅନୁରାଗୀ । ପୂଜାପାଠ, ସତ୍‌ଶାସ୍ତ୍ର ସ୍ୱାଧ୍ୟାୟ, ତପସ୍ୟା, ଉପବାସ ତାଙ୍କୁ ଭଲ ଲାଗୁଥିଲା । ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ଭାବନାରେ ସେ ବହୁଭାବେ ପ୍ରବାହିତ ହୋଇଥିଲେ । ଗଙ୍ଗାମାତା ଓ ହିମାଳୟ ତାଙ୍କର ଅତିବ ପ୍ରିୟ । ସେ ଯେତେବେଳେ ସୁବିଧା ମିଳୁଥିଲା ସେ ସମୟ ବାହାର କରି ଉତ୍ତରାଖଣ୍ଡ ଚାଲିଯାଉଥିଲେ । ସାଧୁସନ୍ଥମାନଙ୍କ ସଙ୍ଗ, ଗଙ୍ଗାସ୍ନାନ ଓ ତପସ୍ୟାରେ ମଗ୍ନ ରହୁଥିଲେ । ତପସ୍ୟା କରି ଗଭୀର ଧ୍ୟାନରେ ନିମଗ୍ନ ରହିବାକୁ ଚାହୁଁଥିବାବେଳେ ବିଭୁଇଚ୍ଛା ଭିନ୍ନ ଥିଲା । ଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଚାକିରି ଛାଡ଼ି ସନ୍ନ୍ୟାସ ଗ୍ରହଣ କଲେ । ଏବଂ ଗୁରୁଙ୍କ ସେବା ପାଇଁ ବିଦେଶ ଯାତ୍ରା କଲେ । ସମସ୍ତ ଅନିଚ୍ଛାସତ୍ତ୍ୱେ ଗୁରୁଙ୍କ ପ୍ରତିଷ୍ଠିତ କ୍ରିୟାଯୋଗ ପ୍ରତିଷ୍ଠାନର ଦାୟିତ୍ୱ ନେବାକୁ ବାଧ୍ୟ ହେଲେ । କ୍ରିୟାଯୋଗ ଓ ଭାରତୀୟ ସଂସ୍କୃତି, ଯୋଗ ବେଦାନ୍ତର ପ୍ରଚାର ପ୍ରସାରରେ ନିଜକୁ ସମର୍ପିତ କରିଦେଲେ । ଗୁରୁଙ୍କ ମହାପ୍ରୟାଣ ପରେ ପ୍ରଜ୍ଞାନମିଶନ ଓ କ୍ରିୟାଯୋଗ ଅନୁଷ୍ଠାନ ସେ ହେଲେ ନୀୟାମକ, ମାର୍ଗଦର୍ଶକ ଓ ସର୍ବମାନ୍ୟ ଗୁରୁ । ଗୁରୁଦେବଙ୍କର ସେଥିଲେ ଅତ୍ୟନ୍ତ ପ୍ରାଣପ୍ରିୟ ଓ କୃପାପାତ୍ର ଶିଷ୍ୟ । ତାଙ୍କର କଠୋର ସାଧନା ଓ ଦିବ୍ୟ ସିଦ୍ଧି ଦେଖି ଗୁରୁଦେବ ଅନୁଭବ କଲେ ପ୍ରଜ୍ଞାନାନନ୍ଦ ସାଧନାର ଉଚ୍ଚତମ ସ୍ଥିତିରେ ଉପନୀତ ହୋଇଛନ୍ତି । ତେଣୁ ସେହିବର୍ଷ ପ୍ରଜ୍ଞାନାନନ୍ଦଜୀଙ୍କ ୩୯ତମ ଜନ୍ମ ଦିବସରେ ପାଳନ ଅବସରରେ ଘୋଷଣା କଲେ ମୋର ଶିଷ୍ୟ ପ୍ରଜ୍ଞାନାନନ୍ଦ ପରମହଂସ ସ୍ଥିତି ପ୍ରାପ୍ତ ହୋଇଛନ୍ତି । ସେ ଜଣେ ମହାନ୍‌ଯୋଗୀ । ନିଜର କଠୋର ସାଧନା, ଗଭୀରଧ୍ୟାନ ଓ ଗୁରୁ ଆଶୀର୍ବାଦ ଲାଭ କରି ସେବେ ଠାରୁ ସେ ହେଲେ ପରମହଂସ ପ୍ରଜ୍ଞାନାନନ୍ଦ ।

ବିପୁଳ ସିଦ୍ଧି ବହୁ ପ୍ରତିଷ୍ଠାରେ ପ୍ରତିଷ୍ଠିତ ହୋଇ ମଧ୍ୟ ସେ ଜଣେ ଅତି ମାନବବାଦୀ ବିଜୟୀ ମଣିଷଟିଏ । ପ୍ରେମ ପବିତ୍ରତା ବିନମ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଏକ ମୂର୍ତ୍ତିମନ୍ତ ବିଗ୍ରହ । ସାରା ବିଶ୍ୱଭ୍ରମଣ କରି କ୍ରିୟାଯୋଗ ପ୍ରଚାର ସହିତ ବିଶ୍ୱ ଭାତୃତ୍ୱ ଓ ମାନବ ହୃଦୟରେ ଦେବତ୍ୱର ପ୍ରତିଷ୍ଠା ପାଇଁ ଅହରହ ଉଦ୍ୟମ କରିଚାଲିଛନ୍ତି । ତାଙ୍କ ସହ ସଙ୍କଳ୍ପ ଓ ମହତ୍ ଉଦ୍ୟମରେ ଗଢ଼ି ଉଠିଛି ହରିହରାନନ୍ଦ ବାଳାଶ୍ରମ । ଯେଉଁଠାରେ ଓଡ଼ିଶାର ପୁରପଲ୍ଲୀରୁ ଗୋଟାଇ ଆଣିଥିବା ଅନାଥ ଓ ଅର୍ଦ୍ଧ ଅନାଥ ଶିଶୁ ମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ଆବାସିକ ସିବିଏସ୍‌ଇ ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଦାନ କରାଯାଉଛି । ଗରିବ ଓ ଅସହାୟମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଛି ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ ଓ ଭ୍ରାମ୍ୟମାଣ ଦନ୍ତ ଚିକିତ୍ସା ଶିବିର । ମଣିଷତ ମଣିଷ, ଏପରିକି ପଶୁପକ୍ଷୀ ମାନଙ୍କ ପାଇଁ ମଧ୍ୟ ତାଙ୍କ ହୃଦୟ ଅତ୍ୟନ୍ତ ଅନୁକମ୍ପାଶୀଳ । ଜଙ୍ଗଲୀ ପଶୁ ପକ୍ଷୀମାନଙ୍କ ସର୍ବ କାଳୀନ ଖାଦ୍ୟ ପାନୀୟ ପାଇଁ ସେ ଅନେକ ଉଦ୍ୟମ କରିଛନ୍ତି । ତାଙ୍କ ବିଚାରରେ ବିଶ୍ୱର ନାନାବିଧି କଲ୍ୟାଣର ହେତୁ ହେଉଛନ୍ତି ଗୋମାତା । ଗାବଃ ବିଶ୍ୱସ୍ୟ ମାତରଃ । ଗୋ ମାତାଙ୍କ କଲ୍ୟାଣ ପାଇଁ ବହୁ ସୁଚିନ୍ତିତ ପଦକ୍ଷେପ ହାତକୁ ନେଇ ସେ ସମଗ୍ର ଉତ୍କଳ ପ୍ରାନ୍ତ ଭ୍ରମଣ କରିଛନ୍ତି । ଗୋ ସେବା ଗୋ ସମୃଦ୍ଧି ପାଇଁ ବହୁ ଉଦ୍ୟମ କରୁଛନ୍ତି । ସମାଜରୁ କୁସଂସ୍କାର ଦୂର ପାଇଁ ପରିବେଶ ପ୍ରଦୂଷଣ ପାଇଁ ଉଦ୍ୟମ କରିବା ସହିତ ଯୋଗ ଦେଉଥିବା ପ୍ରତ୍ୟେକ ସଭାସମିତିରେ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥାଆନ୍ତି । ହରିହରାନନ୍ଦ ଗୁରୁକୁଳମ୍ ତାଙ୍କର ଏକ ଅନବଦ୍ୟକୃତି । ପୁରୀ କୋଣାର୍କ ବେଳାମାର୍ଗରେ ଅବସ୍ଥିତ ଏହି ଗୁରୁକୁଳ ଆଶ୍ରମ ଶାନ୍ତି ଆନନ୍ଦର ଏକ ସୁନ୍ଦର ଆଲେଖ୍ୟ । ନିଜର ପରିବେଶ ଓ କାର୍ଯ୍ୟକ୍ରମ ଦ୍ୱାରା ସେ ଆଜି ସାରା ବିଶ୍ୱର ଜିଜ୍ଞାସୁ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିଛି । ଟିକିଏ ଶାନ୍ତି ଆନନ୍ଦ ଲାଭ ପାଇଁ ବିଶ୍ୱର କୋଣ ଅନୁକୋଣରୁ ଲୋକମାନେ ସେଠାକୁ ଧାଇଁ ଆସୁଛନ୍ତି । ସେ କହନ୍ତି ମଣିଷ ଯାହାକିଛି ହୋଇଥିବ ଯାହାକିଛି ପାଇଛି ଏହି ପୃଥିବୀରୁ ପାଇଛି । ତେଣୁ ତାର ତନ ମନ ଧନ ପୃଥିବୀ ମାତାଙ୍କ ସେବାରେ ଅର୍ଥାତ୍ ବିଶ୍ୱ କଲ୍ୟାଣ ଦିଗରେ ବିନିଯୋଗ ହେବା କଥା । ଏହା ଆମ୍ଭ ମାନଙ୍କ ପାଇଁ ଗର୍ବ ଏବଂ ଗୌରବର ବିଷୟ ସେ ହେଉଛନ୍ତି ଏହି ଉତ୍କଳ ମାଟିର ସନ୍ତାନ । ସେ ପ୍ରଥମ ଓଡ଼ିଆ ପୁଅ ଯିଏକି ବିଶ୍ୱ ଧର୍ମ ସମ୍ମିଳନୀରେ ଯୋଗଦେଇ ବିଶ୍ୱ ସମୁଦାୟକୁ ଉଦ୍‌ବୋଧିତ କରିଥିଲେ । ଆଜି ତାଙ୍କର ପବିତ୍ର ୫୫ତମ ଜନ୍ମ ଜୟନ୍ତୀ ଅବସରରେ ଆମ୍ଭେମାନେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ।

*ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡି,*
*ସେକ୍ଟର-୧୦, ସିଡ଼ିଏ, କଟକ*



## 'ନୂଆ ଆଦର୍ଶର ରାଜନୈତିକ ସଂଗଠନ ତିଆରି କରିବାର ଦାୟିତ୍ୱ ନେଉ ଯୁବ ମୋର୍ଚ୍ଚା'



**ନୂଆଦିଲ୍ଲୀ/ଭୁବନେଶ୍ୱର :** ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବପିଢ଼ି ମାନଙ୍କୁ ନିଜ ଗୁରୁଜନ ମାନଙ୍କ ସହ କଥାବର୍ତ୍ତା କରିବା ଓ ସେମାନଙ୍କୁ ଟେକ୍ନୋଲୋଜି ପ୍ଲାଟଫର୍ମରେ ଯୋଡିବା ପାଇଁ ଆହ୍ୱାନ କରିଛନ୍ତି । ଏହି ମର୍ମରେ ରାଜ୍ୟ ଯୁବମୋର୍ଚ୍ଚାର ସଦସ୍ୟମାନେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନୂଆ ଗାଇଡଲାଇନ ଆସିବା ପରେ ଓ ପୁରୀ ଶ୍ରୀମନ୍ଦିର ଖୋଲିବା ପରେ ମହାପ୍ରଭୁଙ୍କୁ ଦେଖିବାକୁ ଇଚ୍ଛା ରଖିଥିବା ଓଡିଶାର ପ୍ରତି ୫୦ ହଜାର ଗ୍ରାମର ଅନ୍ୟୁନ ୫ ଜଣ ଲେଖାଏଁ ଗୁରୁଜନଙ୍କୁ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ପାଇଁ ନିଜସ୍ୱ ଖର୍ଚ୍ଚରେ ବ୍ୟବସ୍ଥା କରିବାକୁ ଯୁବମୋର୍ଚ୍ଚାର ସଦସ୍ୟମାନେ ପ୍ରାଥମିକତା ଦେବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ଯୁବ ସମ୍ବାଦ ଭର୍ଚୁଆଲ ରାଲିରେ ଯୋଗ ଦେଇ ଏହା ଆହ୍ୱାନ କରିବା ସହ ଯୁବ ମୋର୍ଚ୍ଚାର ସଦସ୍ୟ ମାନଙ୍କୁ ସଂଗଠନ, ସମ୍ପର୍କ, ସର୍ବୋପରି ସେବା ଓ ସଂଘର୍ଷ ଆଧାରରେ ଓଡିଶାକୁ ଶୀର୍ଷରେ ପହଁଚାଇବା ପାଇଁ କାମ କରିବାକୁ କହିଛନ୍ତି ଶ୍ରୀ ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ପଠାଉଥିବା ଟଙ୍କା ଓଡିଆ ଲୋକଙ୍କ ସ୍ୱାର୍ଥରେ ଲାଗୁ । ଏଥିପାଇଁ ଜନସଚେତନତା ନକଲେ ସବୁ ପ୍ରଚେଷ୍ଟା ବ୍ୟର୍ଥ ଯିବ । ତେଣୁ ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଜାଗ୍ରତ ପ୍ରଭାରୀ ଭାବେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକୁ ଆଗେଇ ନେବା ସହ ନୂଆ ଆଦର୍ଶର ରାଜନୈତିକ ସଂଗଠନ ତିଆରି କରିବାର ଦାୟିତ୍ୱ ନିଅନ୍ତୁ । ଓଡିଶାରେ ବିଜେପି ସରକାର ନହେବା ପର୍ଯ୍ୟନ୍ତ ଓ ବିଜେପିକୁ ରାଜ୍ୟରେ ୨୧ରୁ ୨୧ ଲୋକସଭା ଆସନ ନମିଳିବା ପର୍ଯ୍ୟନ୍ତ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ମାନ, ଅପମାନ, ଅଭିମାନକୁ ଭୁଲି ସାଢେ ୪ କୋଟି ଓଡିଆଙ୍କ ଏକମାତ୍ର ଲକ୍ଷ୍ୟ ଓଡିଶାକୁ ନୂଆ ଶେଖରକୁ ନେବା ପାଇଁ ଦାୟିତ୍ୱ ନିଅନ୍ତୁ ଓ ଆଗାମୀ ଦିନରେ ଓଡିଆ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡିଆଙ୍କ ହକ୍ ପାଇଁ ନିରନ୍ତର ଆନ୍ଦୋଳନ ଓ କାର୍ଯ୍ୟକ୍ରମ କରନ୍ତୁ। କରୋନା ଭଳି ସଂକଟ ସମୟରେ ବିଜେପି ଯୁବ ମୋର୍ଚ୍ଚାର ସଦସ୍ୟମାନେ ବଡ ଭୂମିକା ଗ୍ରହଣ କରିଛନ୍ତି । ଗରିବ ଲୋକଙ୍କୁ ଓ ଶୁଖିଲା ରନ୍ଧା ଖାଦ୍ୟ ବଂଟନ କରିବା, ମାସ୍କ ପ୍ରସ୍ତୁତ କରି ବାଂଟିବା, ରକ୍ତଦାନ ଶିବିର ଭଳି ସାମାଜିକ ସେବା ଭିତିକ କାର୍ଯ୍ୟକ୍ରମର ଆୟୋଜନ କରି ଦଳକୁ ଇଞ୍ଜିନ ରୂପରେ ଆଗକୁ ନେବାରେ କାମ କରୁଛି ଯୁବ ମୋର୍ଚ୍ଚା। ବର୍ତ୍ତମାନ ସମୟରେ ଟେକ୍ନୋଲୋଜି ପ୍ଲାଟଫର୍ମ ଜରିଆରେ ବିଜେପିକୁ ଯୋଡିବାରେ ଯୁବମୋର୍ଚ୍ଚା ଅଗ୍ରଣୀ ଭୂମିକା ନେଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡିଶା ଜନସମ୍ବାଦ ରାଲିରେ ପ୍ରାୟ ୨୯ ଲକ୍ଷ ୫୦ ହଜାର ଟେକ୍ନୋଲୋଜି ପ୍ଲାଟଫର୍ମରେ ଯୋଡିହୋଇଥିଲେ । ଏହି ସଫଳତାର ଶ୍ରେୟ ଯୁବ ମୋର୍ଚ୍ଚାର ସଦସ୍ୟ ମାନଙ୍କୁ ଯାଉଛି । ସାଢେ ୪ କୋଟି ଓଡିଆ ଲୋକ ବିଶ୍ୱକୁ ନେତୃତ୍ୱ କରିବାର କ୍ଷମତା ରଖୁଛନ୍ତି । ବିଜେପି ନେତୃତ୍ୱରେ ହିଁ ଓଡିଶା ନୂଆ ଶିଖରକୁ ଯିବ । ଏକବିଂଶ ଶତାବ୍ଦିରେ ଅପାର ସମ୍ଭାବନାର ରାଜ୍ୟ ନୂଆ ଓଡିଶା ତିଆରି ହେଲେ ହିଁ ଆତ୍ମନିର୍ଭର ଭାରତ ସମ୍ଭବ ହେବ । ଏ ଦୃଢ ବିଶ୍ୱାସ ଆଜି ସମସ୍ତଙ୍କ ମନରେ ଅଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଏହି କାର୍ଯ୍ୟକ୍ରମରେ ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସାଂସଦ ପୁନମ ମହାଜନ ଯୋଗଦେଇ କହିଥିଲେ ଯେ ବିଜେପିର ଦୂରଦୃଷ୍ଟି ସମ୍ପନ୍ନ ବିଚାରଧାରା କାରଣରୁ ଆଜି ସବୁଠୁ ତଳ ଶ୍ରେଣୀର ଗରିବ ଲୋକମାନଙ୍କ ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ପହଁଚିପାରିଛି । ଓଡିଶାବାସୀଙ୍କ କଷ୍ଟକୁ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ଅନେକ କାର୍ଯ୍ୟକ୍ରମ କରିଛନ୍ତି । ଗରିବଙ୍କୁ ଉଭୟ ସାମାଜିକ ଓ ଆର୍ଥିକ ରୂପେ ବିକାଶ କରିବା ପାଇଁ ଗରିବ କଲ୍ୟାଣ ପ୍ୟାକେଜ ସହ ୨୦ ଲକ୍ଷ କୋଟି ଆତ୍ମନିର୍ଭର ଭାରତ ପ୍ୟାକେଜ ଘୋଷଣା କରିଛନ୍ତି । ଏହି ପ୍ୟାକେଜ ଦେଶ ଭାରତର ଅଭିବୃଦ୍ଧି ହାର ବା ଜିଡିପିର ୧୦ ପ୍ରତିଶତ ଏବଂ ଏଭଳି କରୋନା ରିଲିଫ ପ୍ୟାକେଜ୍ ଘୋଷଣା କରିବାରେ ଭାରତ ତୃତୀୟ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଭଳି ଭାବେ ଓଡିଶାର ବିକାଶକୁ ଦାୟିତ୍ୱ ଦେଉଛନ୍ତି ତାହା ପ୍ରଶଂସନୀୟ ।

## ହଟ୍‌ସ୍ପଟ୍ ଜିଲ୍ଲାରୁ ଭୁବନେଶ୍ୱର ଆସିଲେ ସରକାରୀ କ୍ୱାରେଣ୍ଟାଇନ୍ ବାଧ୍ୟତାମୂଳକ

**ଭୁବନେଶ୍ୱର :** ବରିଷ୍ଠ ନାଗରିକମାନଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ରଖୁଛି। ସଚେତକ ଆପ୍ ମାଧ୍ୟମରେ ସରକାରୀ ଗାଇଡଲାଇନ୍ ଦିଆଯାଉଛି ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ କମିଶନର ପ୍ରେମଚନ୍ଦ୍ର ଚୌଧୁରୀ। ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ବରିଷ୍ଠ ନାଗରିକ, ଗର୍ଭବତୀ, ବହୁରୋଗରେ ପୀଡିତ ରୋଗୀଙ୍କ ପାଇଁ ସର୍ଭେ କରାଯାଉଛି। ସେ କହିଛନ୍ତି, ଭୁବନେଶ୍ୱରରେ ଏଭଳି ୫ ହଜାର ଲୋକ ରହୁଛନ୍ତି, ଯେଉଁ ମାନଙ୍କର ସାଥିରେ ତାଙ୍କର ପରିବାର ଲୋକ ରହୁନାହାନ୍ତି। ବରିଷ୍ଠ ନାଗରିକମାନେ ସକାଳ ୫ଟାରୁ ୭ଟା ଯାଏଁ ପାକରେ ବୁଲିପାରିବେ। ଏଥିପାଇଁ ଅନୁମତି ଦିଆଯାଉଛି। ବରିଷ୍ଠ ନାଗରିକମାନେ ଯେଉଁଳି ଭାବରେ ବ୍ୟାଙ୍କିଂ କାମ ସହଜରେ କରିପାରିବେ ସେଥିଲାଗି ବ୍ୟାଙ୍କ ଅଧିକାରୀଙ୍କ ସହିତ କଥା ହୋଇଛି। ବିଏମ୍‌ସି କମିଶନର କହିଛନ୍ତି, ବାହାର ରାଜ୍ୟରୁ ଓ ବିଦେଶରୁ ଭୁବନେଶ୍ୱରକୁ ୮ ହଜାର ୬୮୧ଜଣ ପ୍ରବାସୀ ଫେରିଛନ୍ତି। ଏବେ ୨ ହଜାର ୭୯୧ଜଣ ପ୍ରବାସୀ ସଙ୍ଗରୋଧରେ ଅଛନ୍ତି। ଅନ୍ୟମାନଙ୍କର ୧୪ଦିନିଆ ହୋମ କ୍ୱାରେଣ୍ଟାଇନ ଅବଧି ଶେଷ ହୋଇଯାଇଛି। ଗୋଷ୍ଠୀ ସଂକ୍ରମଣ ନ ହେବା ପାଇଁ ଆମେ ପ୍ରସ୍ତୁତି କରିଛୁ। ୨ ହଜାର ୮୫ଜଣ ସ୍ୱେଚ୍ଛାସେବୀ ଏଥିପାଇଁ କାମ କରୁଛନ୍ତି। ୫ଜଣ ଲେଖାଏଁ ଲୋକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏମାନେ ୱାର୍ଡ ମାନଙ୍କରେ କାମ କରୁଛନ୍ତି। ଏହି କମିଟିରେ ସ୍ଥାନୀୟ ଅଞ୍ଚଳରେ ବରିଷ୍ଠ ଅଧିକାରୀ, ଅବସରପ୍ରାପ୍ତ ଡାକ୍ତର,



ଜଣାଶୁଣା ବ୍ୟକ୍ତି ବିଶେଷ ଅଛନ୍ତି। ଏମାନଙ୍କର ଅଭିଜ୍ଞତା କାମରେ ଆସୁଛି। ସବୁ ସ୍ୱେଚ୍ଛାସେବୀଙ୍କୁ ଆମେ ତାଲିମ ଦେଇଛୁ। ୧୪୯୭ ଲୋକଙ୍କୁ ଆମେ କିଟ୍ ଓ ଥର୍ମାଲ୍ ସ୍କାନର ଯୋଗାଇ ଦେଉଛୁ। ଶ୍ରୀ ଚୌଧୁରୀ କହିଛନ୍ତି, ରାଜଧାନୀରେ ୩୩% ଲୋକ ବସ୍ତି ଅଞ୍ଚଳରେ ରହୁଛନ୍ତି। ଏଠାରେ ଥିବା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ସତର୍କ ରହିଛୁ। ବସ୍ତି ଅଞ୍ଚଳରେ ମନିଟରିଂ କରାଯାଉଛି। ବସ୍ତିରେ ରହୁଥିବା ଲୋକେ ଆମର ନିକଟରେ କାମ କରୁଛନ୍ତି। ଏମାନେ ଦୋକାନ ଓ ବଜାରରେ କାମ କରୁଛନ୍ତି। ଘରକୁ ଆସି ମଧ୍ୟ କାମ କରୁଛନ୍ତି। ସହରାଞ୍ଚଳରେ ହୋମ କ୍ୱାରେଣ୍ଟାଇନ ଅନୁମତି ଥିଲେ ମଧ୍ୟ ଆମେ ସେମାନଙ୍କୁ ସରକାରୀ ସଙ୍ଗରୋଧରେ ରଖିଛୁ। ବସ୍ତି କମିଟି ଗଠନ କରିଛୁ। ୧୨୦ ଯୁବକ ଯୁବତୀଙ୍କ ନେତୃତ୍ୱରେ ବସ୍ତି ଅଞ୍ଚଳରେ କମିଟି କାମ କରୁଛି। ସୁବାଷ ନଗର ଅଞ୍ଚଳରେ ୬ଜଣ ପଜିଟିଭ ବାହାରିଛନ୍ତି। ଜଣେ ଦିଲ୍ଲୀ ଫେରନ୍ତା କରୋନା ପଜିଟିଭ ବାହାରିବା ପରେ ଆକ୍ଟିଭ୍ ସର୍ଭିଲାନ୍ସ କରାଯାଇଥିଲା। ଫଳରେ ଅନ୍ୟ ୫ଜଣ ସ୍ଥାନୀୟ ସଂକ୍ରମିତ ବାହାରିଛନ୍ତି। ସେହି ଅଞ୍ଚଳକୁ ଅବରୋଧ ଅଞ୍ଚଳ କରାଯାଇଛି। ସାଲିଆ ସାହିରେ ୪ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ୪୫୭ ଲୋକଙ୍କର ନମୁନା ପରୀକ୍ଷା ହୋଇଛି। କିନ୍ତୁ କେହି ବି ପଜିଟିଭ ଚିହ୍ନଟ ହୋଇନାହାନ୍ତି। ବସ୍ତି ଅଞ୍ଚଳକୁ ଗୁରୁତ୍ୱ ଦିଆଯାଉଛି। ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଆମେ ୩୯ ପଜିଟିଭ୍ ପାଇଛୁ। ଗତକାଲି ୧୦ଟି ହସ୍ପିଟାଲ ଯାଞ୍ଚ କରାଯାଇଛି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି। ବିମାନବନ୍ଦରରେ ଆମର ଟିମ୍ ସ୍କ୍ରିନିଂ କରୁଛି। ଲକ୍ଷଣ ପାଇଲେ ସେମାନଙ୍କୁ ସଙ୍ଗରୋଧରେ ରଖାଯାଉଛି। ଆଜିର ଦିନରେ ୧୬ଟି ଟ୍ରେନ୍, ୧୨ଟି ବିମାନ ଭୁବନେଶ୍ୱରକୁ ଆସୁଛି। ଭୁବନେଶ୍ୱର ପାଇଁ ଧୀରେ ଧୀରେ ଚ୍ୟାଲେଞ୍ଜ ବଢୁଛି। ସାମାଜିକ ଦୂରତ୍ୱ ମାନିବା ଆମ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ଲୋକେ ସାମାଜିକ ଦୂରତ୍ୱର ମୂଲ୍ୟ ବୁଝିପାରୁ ନାହାନ୍ତି। ସଠିକ୍ ଭାବରେ ମାସ୍କ ପିନ୍ଧୁ ନାହାନ୍ତି। ସେହିଭଳି ଲୋକେ ହାତ ଧୋଉନାହାନ୍ତି। ହଟ୍‌ସ୍ପଟ୍ ଜିଲ୍ଲାରୁ କିଛି ଲୋକ ଫେରୁଛନ୍ତି। କରୋନା ମୁକାବିଲା ପାଇଁ ଯୁବପିଢ଼ି ଆମ ସହିତ ଆଗେଇ ଆସନ୍ତୁ ବୋଲି କହିଛନ୍ତି ଶ୍ରୀ ଚୌଧୁରୀ। ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ନାହିଁ। ଆମକୁ ନିଜେ ସତର୍କ ରହିବାକୁ ହେବ। ଆମର କର୍ତ୍ତବ୍ୟ କ'ଣ ଜାଣିବା ଦରକାର ଅଛି। ଆମେ ଏକ ସଙ୍କଟ ସମୟରୁ ବର୍ତ୍ତିବା ପାଇଁ କାମ କରିବାର ଅଛି।





# ରଥରେ ପୂଜା ପାଇଲେ ଦାରୁଦେବତା

**ଖୋର୍ଦ୍ଧା :** ମହାମାରୀ କରୋନା ପ୍ରଭାବ ଯୋଗୁ ଚଳିତ ବର୍ଷ ସମଗ୍ର ଦେଶରେ ରଥ ଯାତ୍ରା ଉପରେ ରୋକ୍ ଲାଗିଥିଲା ବେଳେ କେବଳ ପୁରୀରେ ସେବାୟତଙ୍କ ଦ୍ୱାରା ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପବିତ୍ର ଦାରୁକ୍ଷେତ୍ର ଦଧିମାଛଗାଡିଆଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ବନ୍ଦ ରହିଥିଲେ ବି ରଥ ଉପରେ ପୂଜା ପାଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀକ୍ଷେତ୍ର ଭଳି ସମସ୍ତ ରୀତିନୀତି ଅନୁସାରେ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିରରୁ ପହଣ୍ଡି ବିଜେ କରି ମହାପ୍ରଭୁ ରଥ ଉପରେ ବିରାଜମାନ ହୋଇଥିଲେ। ଠାକୁରଙ୍କ ଆଦ୍ୟସେବକ ମାନସ ରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଏଠାରେ ଛେରାପହଁରା ଅନୁଷ୍ଠିତ କରାଯାଇ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଏକ ଘରେ କଳାଠାକୁରଙ୍କୁ ରଖାଯାଇଥିଲା। ସ୍ୱଳ୍ପ ଭକ୍ତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ ନୃସିଂହ ପଟ୍ଟନାୟକ, ମହେଶ ପଟ୍ଟନାୟକ, ମଧୁସୂଦନ ବିଶ୍ୱାଳ, ଲିଟୁ ଏବଂ ରିଲା ପଟ୍ଟନାୟକ। ଉଲ୍ଲେଖଯୋଗ୍ୟ, ୧୯୯୬ ମସିହାରେ ବଡଠାକୁରଙ୍କ ନବକଳେବର ନିମନ୍ତେ ଦଧିମାଛଗାଡିଆରେ ଦାରୁ ଠାବ କରାଯାଇଥିଲା। ସେହି ସମୟରେ ଯାହାଙ୍କ ଜମିରୁ ଏହି ଦାରୁ ଆବିଷ୍କୃତ ହୋଇଥିଲା ସେଠାରେ ବଡଠାକୁରଙ୍କ ଏକ ମନ୍ଦିର ତୋଳିବା ନିମନ୍ତେ ସ୍ୱପ୍ନାଦେଶ ମଧ୍ୟ ହୋଇଥିଲା। ଏହାପରେ ଦଇତାପତିମାନେ ଆସି ଏଠାରେ ଶାବରପଲ୍ଲୀ ନିର୍ମାଣ କରି ବିଧି ମୁତାବକ ହୋମଯଜ୍ଞ କରି ସୁନା ଓ ରୁପା କୁରାଢ଼ୀ ସ୍ପର୍ଶ କରାଇ ଦାରୁ ଛେଦନ କରିଥିଲେ। ଦାରୁ ଶ୍ରୀକ୍ଷେତ୍ରକୁ ଯିବା ପରେ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ପରିବାର ସ୍ଥାନୀୟ ଲୋକଙ୍କ ସହଯୋଗରେ ଏଠାରେ ମନ୍ଦିର ପ୍ରତିଷ୍ଠା କରାଇଥିଲେ।

**ଦଧିମାଛଗାଡିଆ**



# 'ରଥଯାତ୍ରାକୁ ଜାତୀୟ ଛୁଟି ଦିବସ ଘୋଷଣା କରାଯାଉ'

**ଭୁବନେଶ୍ୱର :** ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ଜାତୀୟ ଛୁଟି ଭାବେ ଘୋଷଣା କରିବାକୁ ଦାବି ଯୋର୍ ଧରିଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନର ବିକାଶରେ ଏହା ବିଶେଷ ଭାବେ ସହାୟକ ହେବ ବୋଲି କୁହାଯାଇଛି। ଏନେଇ ଓଡ଼ିଶା କଲ୍‌ଚରାଲ୍ ସର୍କଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ଦାବି ଉପସ୍ଥାପନ କରିଛି। ସର୍କଲର ଅଧ୍ୟକ୍ଷ ତଥା ହୋଟେଲ୍ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡିଶା(ଏଚ୍ଆର୍ଏଓ)ର ଅଧ୍ୟକ୍ଷ ଜେକେ ମହାନ୍ତି ଲେଖିଥିବା ଏହି ଚିଠିରେ ଉଲ୍ଲେଖ ରହିଛି ଯେ ପୁରୀର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ। ସାରା ଦେଶ ଓ ବିଦେଶରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଉତ୍ସବ ଦେଖିବାକୁ ଆସନ୍ତି। ରଥଯାତ୍ରା ଆଉ ପୁରୀ କିମ୍ବା ଓଡ଼ିଶା ଭିତରେ ସୀମିତ ହୋଇ ରହିନାହିଁ। ଏହା କେବଳ ଓଡ଼ିଆମାନଙ୍କ ପର୍ବ ହୋଇ ମଧ୍ୟ ରହିନାହିଁ। ଦେଶର ପ୍ରାୟ ଅଧିକାଂଶ ପ୍ରମୁଖ ସହରରେ ଏହି ପର୍ବ ପାଳନ କରାଯାଉଛି। ହଜାର ହଜାର ସଂଖ୍ୟାରେ ଲୋକ ଏଥିରେ ଭାଗ ନେଉଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କୁ ରଥରେ ଦେଖିବାକୁ ଓ ରଥ ଟାଣିବାକୁ ସାରା ଦେଶରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳୁଛି। ଏହି ପବିତ୍ର ଦିନକୁ ଜାତୀୟ ଛୁଟି ଘୋଷଣା କଲେ ସମସ୍ତେ ମହାପ୍ରଭୁଙ୍କ ରଥଯାତ୍ରାରେ ଭାଗ ନେଇପାରନ୍ତେ। ଓଡ଼ିଶା ତଥା ଭାରତୀୟ ସଂସ୍କୃତି ଓ ଧାର୍ମିକ ଭାବନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ରଥଯାତ୍ରା ଆହୁରି ଲୋକପ୍ରିୟ ହୋଇପାରନ୍ତା ବୋଲି ଜାତୀୟ ଛୁଟି ଘୋଷଣା ପ୍ରସ୍ତାବ ପଛରେ ସେ ଏହି ଯୁକ୍ତି ଦର୍ଶାଇଛନ୍ତି। ସାରା ଦେଶ ଓ ବିଦେଶରେ ପାଳନ ହେଉଥିବା ଏହି ଉତ୍ସବ ଦିନ ଜାତୀୟ ଛୁଟି ଘୋଷଣା କରାଗଲେ ଏହା ଓଡ଼ିଶାର ସଂସ୍କୃତି ଓ ପର୍ଯ୍ୟଟନର ବିକାଶରେ ସହାୟକ ହେବ। ବିଶେଷକରି ଓଡ଼ିଶା ପର୍ଯ୍ୟଟନକୁ ରଥଯାତ୍ରା ମାଧ୍ୟମରେ ଆହୁରି ଆଗକୁ ନେଇ ହେବ। ବିଶ୍ୱ ଭ୍ରାତୃଭାବକୁ ପ୍ରଚାର କରିବାରେ ଓ ଭଗବାନଙ୍କ ସହ ଭକ୍ତକୁ ନିକଟତର କରାଇବାରେ ଏହି ଯାତ୍ରା ଏକ ଅନନ୍ୟ ଉଦାହରଣ। ମହାପ୍ରଭୁ ନିଜେ ମନ୍ଦିର ବାହାରକୁ ଆସି ରଥାରୂଢ଼ ହୋଇ ସବୁ ଧର୍ମ, ଜାତିର ଲୋକଙ୍କୁ ଦର୍ଶନ ଦେବା ଏକ ବିରଳ ତଥା ଅଦ୍ୱିତୀୟ ପରମ୍ପରା। ସବୁ ବର୍ଗ, ସବୁ ଜାତି, ସବୁ ଧର୍ମର ଲୋକ ରଥ ଟାଣିବା ପରି ଦୃଶ୍ୟ ଅନ୍ୟ କୌଣସି ଧାର୍ମିକ ଉତ୍ସବରେ ଦେଖିବାକୁ ମିଳେନି। ତେଣୁ ରଥଯାତ୍ରାର ବିଶେଷତ୍ୱ ଏବଂ ଭାରତୀୟ ତଥା ହିନ୍ଦୁ ସଂସ୍କୃତିର ଏହି ଅନନ୍ୟ ବିଭବକୁ ବିଚାରକୁ ନେଇ ଏହି ଦିନକୁ ଜାତୀୟ ଛୁଟି ଭାବେ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି। ଏନେଇ ସର୍କଲ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ, କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି।



## କୃଷିବିଜ୍ଞାନୀ ଆର୍ତ୍ତତ୍ରାଣ ଦାଶଙ୍କ ୮୬ତମ ଜନ୍ମଦିନ

**ଭୁବନେଶ୍ୱର :** ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ରାଜ୍ୟର କୃଷି କ୍ଷେତ୍ରରେ କିଭଳି ଉନ୍ନତି ଆସିପାରିବ ଓ କୃଷକମାନେ ଅଧିକରୁ ଅଧିକ ଉତ୍ପାଦ ବଢ଼ାଇ ପାରିବେ ସେଥିନେଇ ଲେଖା ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିବା ସହିତ ସାମାଜିକ ସେବାରେ ନିଜକୁ ନିୟୋଜିତ ରଖି ସୁସ୍ଥ ନିରୋଗ ଜୀବନଯାପନ କରୁଥିବା କୃଷିବିଜ୍ଞାନୀ ଆର୍ତ୍ତତ୍ରାଣ ଦାଶଙ୍କ ୮୬ତମ ଜନ୍ମଦିନ ବଡଗଡ ସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଯାଇଛି। ଏଥିରେ ପରିବାରର ସଦସ୍ୟଙ୍କ ବ୍ୟତୀତ ଝିଅ, ଜ୍ୱାଇଁ ଓ ନାତି, ନାତୁଣୀମାନେ ଉପସ୍ଥିତ ରହି କେକ୍ କାଟି ଶ୍ରୀ ଦାଶଙ୍କ ଜନ୍ମଦିନକୁ ପାଳନ କରିଥିଲେ।

# ୨୦୨୧ ମାର୍ଚ୍ଚ ସୁଦ୍ଧା ଝାରସୁଗୁଡ଼ା କ୍ୟାନ୍‌ସର କେୟାର ହସ୍ପିଟାଲ

**ଭୁବନେଶ୍ୱର :** ଲୋକସେବା ଭବନ ପରିସରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ାରେ ହେବାକୁ ଥିବା କ୍ୟାନ୍‌ସର କେୟାର ହସ୍ପିଟାଲ ଓ କାର୍ଡିଆକ କେୟାର ହସ୍ପିଟାଲର ଅଗ୍ରଗତି ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଡିଆକ୍ କେୟାର ହସ୍ପିଟାଲର ଅଗ୍ରଗତି ସନ୍ତୋଷ ଜନକ ଭାବେ ଚାଲିଛି ଏବଂ ଏହାର ସମସ୍ତ କାର୍ଯ୍ୟ ୨୦୨୧ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ବୈଷୟିକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଶେଷ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ମନ୍ତ୍ରୀ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଛନ୍ତି। କ୍ୟାନ୍‌ସର କେୟାର ହସ୍ପିଟାଲ ପାଇଁ ଖୁବଶୀଘ୍ର ଉଚ୍ଚ କ୍ଷମତା ସମ୍ପର୍ଣ୍ଣ କମିଟି ଦ୍ୱାରା ଟେଣ୍ଡର ମାଧ୍ୟମରେ ମନୋନୀତ ହୋଇଥିବା ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦେବା ପାଇଁ ମଧ୍ୟ ଆଜି ନିଷ୍ପତ୍ତି ହୋଇଛି। ଏହି ୨ଟି ସୁପର ସ୍ପେଶାଲିଟି ହସ୍ପିଟାଲ ଝାରସୁଗୁଡ଼ା ଠାରେ ସ୍ଥାପନ ହେବା ଦ୍ୱାରା ବୁର୍ଲା ଓ କଟକକୁ ଆସୁଥିବା ରୋଗୀମାନଙ୍କୁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସମସ୍ତ ପଶ୍ଚିମ ଓଡ଼ିଶାର ଜନସାଧାରଣ ଓ ପଡୋଶୀ ରାଜ୍ୟର ରୋଗୀମାନେ ମଧ୍ୟ ସ୍ୱାସ୍ଥ୍ୟ ଜନିତ ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି। ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଗୁଣାତ୍ମକ ସେବା ଦିନକୁ ଦିନ ଅପରେସନ ଏବଂ ଡାକ୍ତରଖାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏନ୍ଏଚ୍ଏମ୍‌ର ନିର୍ଦ୍ଦେଶିକା ଶାଲୀନ ପଣ୍ଡିତ କହିଥିଲେ ଯେ, ୫.୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ହସ୍ପିଟାଲ ପିପିପି ମୋଡ୍‌ରେ ପ୍ରତିଷ୍ଠା କରାଯିବ। ନିର୍ମାଣ କାର୍ଯ୍ୟ ଲାଗି ଏମ୍‌ସିଏଲ୍ ଆର୍ଥିକ ସୁବିଧା ଯୋଗାଇବା ସହ ଆବଶ୍ୟକ ଉପକରଣ ମଧ୍ୟ ଯୋଗାଇଦେବ। ତେବେ ଏଠାରେ ଗରୀବ ରୋଗୀଙ୍କ ସୁବିଧା ଲାଗି ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡଧାରୀଙ୍କ ଲାଗି ୫୦ପ୍ରତିଶତ ଶଯ୍ୟା ସଂରକ୍ଷଣ ବ୍ୟବସ୍ଥା ରହିବ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଝାରସୁଗୁଡା ଜିଲ୍ଲାପାଳ ସରୋଜ ସାମଲଙ୍କ ସମେତ ବରିଷ୍ଠ ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ।



# ସରୋଜ ବେହେରା ହେଲେ କଂଗ୍ରେସ ସେବା ଫାଉଣ୍ଡେସନର ରାଜ୍ୟ ସହ ସଂଯୋଜକ

**ଭୁବନେଶ୍ୱର :** କଟକ ଚୌଦ୍ୱାର ସ୍ଥିତ ସରୋଜ କୁମାର ବେହେରାଙ୍କୁ କଂଗ୍ରେସ ସେବା ଫାଉଣ୍ଡେସନର ରାଜ୍ୟ ସହ ସଂଯୋଗ ଭାବେ ମନୋନୀତ କରାଯାଇଛି। ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ ସଂଜୀବ ଆନନ୍ଦଙ୍କ ଦ୍ୱାରା ସରୋଜ ବେହେରାଙ୍କୁ ପ୍ରଦେଶ କଂଗ୍ରେସର ସହ ସଂଯୋଜକ ଭାବେ ମନୋନୀତ କରାଯାଇଛି। ଫାଉଣ୍ଡେସନର ରାଷ୍ଟ୍ରୀୟ ପ୍ରଭାରୀ ତଥା ଶାସନ ପ୍ରବନ୍ଧ ଅଭିନବ ପ୍ରତାପ ସିଂହଙ୍କ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। କଂଗ୍ରେସ ଦଳ ପ୍ରତି ନିଷ୍ଠା ଓ ସାଙ୍ଗଠନିକ ରୁଚିକୁ ଦେଖି ସରୋଜ ବେହେରାଙ୍କୁ ଏହି ପଦବୀ ପ୍ରଦାନ କରାଯାଇଥିବା ରାଷ୍ଟ୍ରୀୟ ଅଧ୍ୟକ୍ଷ ସଞ୍ଜୀବ ଆନନ୍ଦ କହିଛନ୍ତି। ତେବେ ରାଜ୍ୟ ସହ ସଂଯୋଗ ମନୋନୀତ ହେବା ପରେ ସରୋଜଙ୍କୁ ରାଜ୍ୟ ସଂଯୋଜକ ପ୍ରିୟବ୍ରତ ନାୟକ ଶୁଭେଚ୍ଛା ପ୍ରଦାନ କରିବା ସହ ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ଅଧିକାରୀ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଦେଶ ତଥା ରାଜ୍ୟରେ ସଂଗଠନକୁ ମଜଭୁତ କରାଯିବା ସହ ରାଜ୍ୟର ସ୍ୱାର୍ଥ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସହ ଲଢ଼େଇ ଜାରି ରହିବ ବୋଲି ସରୋଜ କହିଛନ୍ତି।






PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455





PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି